

**ରାଜ୍‌ଙ୍କ ସହ ସାମନ୍ଥାଙ୍କ ଫଟୋ ଭାଇରାଲ**

▶ପୃଷ୍ଠା ୧୦ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-321 ◆BHUBANESWAR ◆TUESDAY ◆20 MAY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୨ ◆ସଂଖ୍ୟା-୩୨୧ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୦ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଏସିଆରେ ଦ୍ରୁତଗତିରେ ବ୍ୟାପୁଛି କରୋନାର ଜେଏନ୧ ପ୍ରଜାତି | ସିଙ୍ଗାପୁରରୁ ୧୪ ହଜାର ନୂଆ ରୋଗୀ ଚିହ୍ନଟ

■ **ସିଙ୍ଗାପୁର, ୧୯।୫ (ଏଜେନ୍ସି):** କରୋନା ଭୂତାଣୁ ପୁଣି କାୟା ବିସ୍ତାର କରିବାରେ ଲାଗିଛି। ଏସିଆର ଅନେକ ଦେଶରେ ଏହି ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସିଙ୍ଗାପୁର, ହଂକଂ, ଚୀନ୍ ଏବଂ ଥାଇଲାଣ୍ଡ ଭଳି ଦେଶରେ ଏହା ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଏବେ ଓମିକ୍ରନର ନୂଆ ପ୍ରଜାତି ଜେଏନ୍.୧ ଏବଂ ଏହାର ଉପ-ପ୍ରଜାତି ଏଲଏଫ୭, ଏନବି୧.୮ ଯୋଗୁଁ ସଂକ୍ରମଣ ବୃଦ୍ଧି ପାଉଥିବା କୁହାଯାଉଛି। ଏହି ଭୂତାଣୁ ସିଙ୍ଗାପୁରରେ ଅଣାୟତ ସ୍ଥିତି ସୃଷ୍ଟି କରିଛି। କେବଳ ମେ' ମାସ ପ୍ରାରମ୍ଭରେ ୧୪ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିଛି। ଏପ୍ରିଲ ଶେଷରେ ଏହି ସଂଖ୍ୟା ୧୧,୧୦୦ ଥିଲା। ଏବେ ମାମଲା ୨୮ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ହସ୍ପିଟାଲରେ ଭର୍ତ୍ତି ହେବା ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଆଇସିୟୁ ରୋଗୀସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ତେବେ ଏହି ପ୍ରଜାତି ପୂର୍ବାପେକ୍ଷା ଅଧିକ ବିପଜ୍ଜନକ ବୋଲି ଏ ପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ। କିନ୍ତୁ ଏହି ଲହରରେ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକ ବେଶୀ ଆକ୍ରାନ୍ତ ହେଉଛନ୍ତି ବୋଲି ଅଧିକାରୀ କହିଛନ୍ତି। ସିଙ୍ଗାପୁରକୁ ଦେଖି ଚୀନ୍ ଏବଂ ଥାଇଲାଣ୍ଡ ସତର୍କ ହୋଇଯାଇଛନ୍ତି। ଚୀନ୍‌ରେ ରୋଗୀସଂଖ୍ୟା ଦ୍ୱିଗୁଣିତ ହୋଇଯାଇଛି। ଲୋକଙ୍କୁ ବୁଷ୍ଟର ଡୋଜ ନେବାକୁ ପରାମର୍ଶ ଦିଆଯାଉଛି। କରୋନା ଲହର ଦ୍ରୁତଗତିରେ ବ୍ୟାପିପାରେ ବୋଲି ଚୀନ୍ ପକ୍ଷରୁ କୁହାଯାଉଛି। ଥାଇଲାଣ୍ଡରେ ଦୁଇଟି ଅଲଗା ଅଲଗା ପ୍ରଜାତିର ମାମଲା ବୃଦ୍ଧି ପାଉଛି। ଭାରତରେ ୧୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।



## ୬୨୦୦ କୋଟିର ଠକେଇ | ଇଡି ପଞ୍ଝାରେ ୟୁକୋ ବ୍ୟାଙ୍କ ପୂର୍ବତନ ଅଧ୍ୟକ୍ଷ

■ **ନୂଆଦିଲ୍ଲୀ,୧୯।୫(ଏଜେନ୍ସି):** ୟୁକୋ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ସୁବୋଧ କୁମାର ଗୋଏଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। କୋଲକାତାର ଏକ କମ୍ପାନୀ ସହିତ ଜଡିତ ୬୨୦୦ କୋଟିରୁ ଅଧିକ ଟଙ୍କାର ଏକ ବ୍ୟାଙ୍କ ଋଣ ଠକେଇ ମାମଲାରେ ମନି ଲଣ୍ଡରିଂ ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ସିଏସ୍‌ପିଏଲ୍) ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ତଦନ୍ତ ସହ ଜଡିତ ଗୋୟଲଙ୍କୁ ମେ ୧୬ରେ ତାଙ୍କ ବାସଭବନରୁ ଗିରଫ କରାଯାଇଥିଲା। ତାଙ୍କୁ ଚଳିତମାସ ୧୭ରେ କଲକାତାର ଏକ ସ୍ୱତନ୍ତ୍ର ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ମେ' ୨୧ ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇ ଦେଇଥିବା ଇଡି ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଏହି ତଦନ୍ତର ଅଂଶ ସ୍ୱରୂପ, ଇଡି ଏପ୍ରିଲ ମାସରେ ଗୋଏଲ ଏବଂ ଅନ୍ୟ କିଛି ଲୋକଙ୍କ ଘର ଉପରେ ଚଢାଉ କରିଥିଲା। ସିଏସ୍‌ପିଏଲ୍‌କୁ ଋଣ ସୁବିଧା ମଞ୍ଜୁର କରିବା ଏବଂ ପରବର୍ତ୍ତୀ ସମୟରେ ୬୨୧୦.୭୨ କୋଟି ଟଙ୍କା (ସୁଧ ବିନା ମୂଳ ପରିମାଣ) ଋଣର ବଡ଼ ଧରଣର ଅର୍ଥ ହେରାଫେରୁ ସିବିଆଇ ଏଥିରେ ମନି ଲଣ୍ଡରିଂ ହୋଇଥିବା ଜଣିବାକୁ ପାଇଥିଲା। ଇଡି ଦାବି କରିଛି ଯେ ୟୁକୋ ବ୍ୟାଙ୍କର ସିଏମଡି ଭାବରେ ଗୋୟଲଙ୍କ କାର୍ଯ୍ୟକାଳ ସମୟରେ, ସିଏସପିଏଲକୁ ବିପୁଳ ଋଣ ସୁବିଧା ମଞ୍ଜୁର.କରାଯାଇଥିଲା।



# କେନ୍ଦ୍ରୀୟ ଅନୁଦାନ କମିଲା ୧୮ %

## ରାଜ୍ୟର ନିଜସ୍ୱ ଟିକସ, ଅଣଟିକସ ଆଦାୟ ନୈରାଶ୍ୟଜନକ

■ **ଭୁବନେଶ୍ୱର,୧୯।୫(ସମିସ):** ତିନି ସପ୍ତାହ ପରେ କ୍ଷମତା ଦଖଲର ବର୍ଷପୂର୍ତ୍ତି ପାଳନ କରିବ ଡ଼ବଲ ଇଞ୍ଜିନ୍ ସରକାର। ଏହାକୁ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏହି ସମୟରେ ରାଜ୍ୟରେ ଆର୍ଥିକ ପରିଚାଳନା, କେନ୍ଦ୍ରୀୟ ଅନୁଦାନ ସର୍ବୋପରି ଟିକସ ସଂଗ୍ରହକୁ ନେଇ ଯେଉଁ ଚିତ୍ର ଆସିଛି, ତାହା ଅର୍ଥନୈତିକ ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି। ମାତ୍ର ବର୍ଷଟିଏ ମଧ୍ୟରେ ରାଜ୍ୟର ବିତ୍ତୀୟ ପରିଚାଳନା ଲଗାମହୀନ ହୋଇ ପଡ଼ିଛି। ନିଜସ୍ୱ ରାଜ୍ୟ, ଅଣ ରାଜସ୍ୱ, କେନ୍ଦ୍ରୀୟ ଅନୁଦାନ ସବୁ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆୟ କମିଛି। ଏପରିକି ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ଅସମର୍ଥ ହେବାରୁ କେନ୍ଦ୍ର ସରକାର ଅନୁଦାନ ହ୍ରାସ କରିଥିବା ମଧ୍ୟ କୁହାଯାଉଛି। ବିଡ଼ମ୍ବନା ହେଉଛି ୨୦୨୩-୨୪ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୪ରେ ରାଜ୍ୟ ସରକାର କେନ୍ଦ୍ରଠାରୁ ଯେତିକି ଅନୁଦାନ ପାଇଥିଲେ, ୨୦୨୪-୨୫ ଆର୍ଥିକ ବର୍ଷର ଅନ୍ତିମ ମାସ ଅର୍ଥାତ୍ ମାର୍ଚ୍ଚ ୨୦୨୫ରେ ପୂର୍ବବର୍ଷଠାରୁ କମ୍ ଅନୁଦାନ ପାଇଛନ୍ତି। ଅନ୍ୟପକ୍ଷରେ ଋଣ ବାବଦରେ କେନ୍ଦ୍ର ସରକାରଙ୍କଠାରୁ ଅଧିକ ଅର୍ଥ ଆହରଣ କରିଛନ୍ତି। ବିତ୍ତୀୟ ପରିଚାଳନାରେ ଏପରି ବିଲକ୍ଷଣ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍ଣ କରିଥିଲେ ହେଁ ସରକାର ଏହାକୁ ନଜରଅନ୍ଦାଜ କରି ଚାଲିଛନ୍ତି।

### ଉତ୍ସବମନସ୍କ ସରକାର; ଆର୍ଥିକ ସ୍ୱାସ୍ଥ୍ୟକୁ ନିଘା ନାହିଁ

### ଅର୍ଥନୀତି ବିଶେଷଜ୍ଞଙ୍କ ମତ, ବର୍ଷ ପୂରାଣିରେ ସରକାର କରନ୍ତୁ ଆତ୍ମସମୀକ୍ଷା



ସୂଚନା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷ ଅର୍ଥାତ୍ ବିଜେଡି ଶାସନର ଶେଷ ସମୟରେ କେନ୍ଦ୍ରୀୟ ଅନୁଦାନ ବାବଦରେ ଓଡ଼ିଶା ପାଇଥିଲା ୨୧୦୧୧ କୋଟି ଟଙ୍କା। ଯାହା ପୂର୍ବବର୍ଷର ୨୦୨୨-୨୩ର ଅନୁଦାନ ତୁଳନାରେ ୧୫.୪୫ ପ୍ରତିଶତ ଅଧିକ ରହିଥିଲା। ମାତ୍ର ୨୦୨୪ରେ ରାଜ୍ୟରେ ବିଜେପିର ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାରେ କ୍ଷମତାସୀନ ହେବା ପରେ କେନ୍ଦ୍ରୀୟ ଅନୁଦାନ ଦ୍ୱିଗୁଣିତ ହେବା ଆଶା କରାଯାଉଥିଲା। ମାତ୍ର ବିଡ଼ମ୍ବନା ହେଉଛି ଡ଼ବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅଧିକ ଋଣ ଆଣିବାରେ ତ ସଫଳ ହେଲା, ମାତ୍ର ଅଧିକ ଅନୁଦାନ ଆଣିବାରେ ସଫଳ ହୋଇ ପାରିଲା ନାହିଁ । ୨୦୨୪-୨୫ ଅର୍ଥାତ୍ ବିଜେପି ଶାସନର ପ୍ରଥମ ବର୍ଷରେ ଓଡ଼ିଶାକୁ ମାତ୍ର ୧୭୧୮୯ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ମିଳିଛି। ଯାହା ବିଜେଡିର ଶେଷ ବର୍ଷର ଶାସନ ସମୟରେ ମିଳିଥିବା କେନ୍ଦ୍ରୀୟ ଅନୁଦାନରୁ ୧୮.୧୯ ପ୍ରତିଶତ କମ୍ ।

ତେବେ ଅନୁଦାନ ହ୍ରାସକୁ ନେଇ ଅର୍ଥନୈତିକ ବିଶେଷଜ୍ଞମାନେ ଯେଉଁ କାରଣଟି ଦର୍ଶାଇଛନ୍ତି ତାହା ଅତ୍ୟନ୍ତ ସାଂଘାତିକ। କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁଁ ଓଡ଼ିଶାକୁ ଅନୁଦାନ ହ୍ରାସ ପାଇଥିବା କୁହାଯାଉଛି। ସାଧାରଣତଃ କେନ୍ଦ୍ର ସରକାର ବିଭିନ୍ନ ▶ପୃଷ୍ଠା-୭

## ଭାରତ ଧର୍ମଶାଳା ନୁହେଁ: ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି):** ଭାରତ ଧର୍ମଶାଳା ନୁହେଁ। ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ କାହିଁକି ଶରଣ ଦିଆଯିବ? ଆମେ ୧୪୦ କୋଟି ଲୋକଙ୍କ କଥା ବୁଝିବା ଲାଗି ସଂଘର୍ଷ କରୁଛୁ। ଚାରିଆଡୁ ଆସିଥିବା ଶରଣାର୍ଥୀଙ୍କୁ ଦେଶରେ ଶରଣ ଦେଇହେବ ନାହିଁ। ଦେଶାନ୍ତର ଉପରେ ରୋକ୍ ଲଗାଇବା ଲାଗି ଶ୍ରୀଲଙ୍କା ନାଗରିକ (ତାମିଲ)ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଏହି ଟିପ୍ପଣୀ ଦେଇଛନ୍ତି। ଶରଣ ଦେବା ପାଇଁ ସେ କରିଥିବା ଆବେଦନକୁ ଜଷ୍ଟିସ ଦୀପାଙ୍କର ଦତ୍ତା ଏବଂ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଏଲ୍‌ଟିଟିଇରେ ସାମିଲ ଥିବା ସନ୍ଦେହରେ ଏହି ଶ୍ରୀଲଙ୍କା ନାଗରିକଙ୍କୁ ୨୦୧୫ରେ ଗିରଫ କରାଯାଇଥିଲା। ୟୁଏପିଏ ମାମଲାରେ ୭ ବର୍ଷର ଦଣ୍ଡାଦେଶ ଭୋଗିସାରିବା ପରେ ତାଙ୍କୁ ତୁରନ୍ତ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ବିରୋଧରେ ସେ ସୁପ୍ରିମକୋର୍ଟ ଯାଇଥିଲେ। ମାମଲାରେ ଦଖଲ ଦେବାକୁ ଅନୁରୋଧ କରିଥିଲେ। ସେ ଭିସା ନେଇ ପତ୍ନୀଙ୍କ ସହ ଭାରତ ଆସିଥିବା କହିଥିଲେ। କାରଣ ଶ୍ରୀଲଙ୍କାରେ ପତ୍ନୀଙ୍କ ଜୀବନ ପ୍ରତି ବିପଦ ଥିଲା ବୋଲି ସେ ଦର୍ଶାଇଥିଲେ। ଏବେ ପତ୍ନୀ ଏବଂ ପିଲାଛୁଆ ଭାରତରେ ରହୁଛନ୍ତି। କିନ୍ତୁ ତାଙ୍କୁ ▶ପୃଷ୍ଠା-୭

### ସବୁଆଡୁ ଆସୁଥିବା ଶରଣାର୍ଥୀଙ୍କୁ ଦେଶରେ ଆଶ୍ରୟ ଦେଇହେବନି

### ଶ୍ରୀଲଙ୍କା ନାଗରିକଙ୍କ ଆବେଦନ ଖାରଜ କଲେ ଅଦାଲତ



### କାଳ ହେଲା ଖେଳ

## କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ୪ ଶିଶୁ ମୃତ

■ **ମାଲକାନଗିରି, ୧୯।୫(ସମିସ):** ଖେଳ ଖେଳରେ କାର୍ ମଧ୍ୟରେ ପଶି ଡୋର୍ ଦେଇଦେଲେ। କିନ୍ତୁ ଏହି ଖେଳ ଯେ ସେମାନଙ୍କ ପାଇଁ କାଳ ପାଲଟିଯିବ, ଭାବି ନଥିଲେ। ଡୋର୍ ଖୋଲି ନ ପାରିବାରୁ କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଲେ। ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲା ଦ୍ୱାରପୁଡି ଗାଁରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକମାନେ ହେଲେ, ବି. ଉଦୟ (୮), ସି. ଚାରୁମତି (୮), କରିସ୍ମା (୬) ଏବଂ ମନସ୍ୱିନୀ (୭)। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ସୂଚନାନୁଯାୟୀ, ଏହି ୪ ଶିଶୁ ଆଜି ଘର ନିକଟରେ ଖେଳୁଥିଲେ। ସେଠାରେ ପାର୍କିଂ ହୋଇଥିବା ଏକ କାର୍‌ର ଡୋର୍ ଖୋଲାଥିବା ଦେଖି ତା' ଭିତରେ ପଶି ଯାଇଥିଲେ ଏବଂ ଡୋର୍‌ଟିକୁ ଭିତରୁ ବନ୍ଦ କରିଦେଇଥିଲେ। କାର୍‌ର ସବୁତକ ଡୋର୍ ବନ୍ଦ ହୋଇଯିବା ପରେ ଧୀରେଧୀରେ ଭିତରେ ଥିବା ଅମ୍ଳଜାନ ସରିଯାଇଥିଲା। ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ହେବାରୁ ସମସ୍ତେ ଛଟପଟ ହୋଇଥିଲେ ଏବଂ କାର୍ ଭିତରୁ ବାହାରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଡୋର୍ ଖୋଲିବା କୌଶଳ ସେମାନଙ୍କୁ ଜଣାନଥିଲା। ପାଖରେ ମଧ୍ୟ କେହି ନଥିବାରୁ ସେମାନଙ୍କୁ ଉଦ୍ଧାର କରାଯାଇପାରିନଥିଲା। ଫଳରେ କିଛି ସମୟ ମଧ୍ୟରେ ଜଣଙ୍କ ପରେ ଜଣେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ଅପରପକ୍ଷେ, ପରିବାରଲୋକ ବହୁ ଖୋଜାଖୋଜି କରି ସେମାନଙ୍କୁ କାର୍ ଭିତରୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେତେବେଳକୁ ଆଉ ସେମାନଙ୍କ ଦେହରେ ଜୀବନ ନଥିଲା। ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରାଖିଛି।

## ୨୮ରେ ପ୍ରଧାନମନ୍ତ୍ରୀଙ୍କ ପୋଲାଭରମ୍ ବୈଠକ

### ଯୋଗଦେବେ ଓଡ଼ିଶା, ଆନ୍ଧ୍ର, ତେଲଙ୍ଗାନା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର,୧୯।୫(ସମିସ):** ପୋଲାଭରମ ପ୍ରକଳ୍ପରେ ଓଡ଼ିଶାର ସ୍ୱାର୍ଥ ଏବଂ ଦାବି ଦିନକୁ ଦିନ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଉଛି। ଓଡ଼ିଶାର ସବୁ ପ୍ରକାରର ବିରୋଧ, ଉଦ୍‌ବେଗ ପ୍ରକଳ୍ପକୁ ଶୀଘ୍ର ସାରିବାକୁ ଆନ୍ଧ୍ରକୁ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରିବା ରାଜ୍ୟବାସୀଙ୍କୁ ନିରାଶ କରିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୮ ତାରିଖରେ ପ୍ରଧାନମନ୍ତ୍ରୀ ପୋଲାଭରମ୍ ପ୍ରକଳ୍ପ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରିବା ଓଡ଼ିଶାବାସୀଙ୍କ ପାଇଁ ଆଶା ସଞ୍ଚାର କରିଛି। ଏହି ବୈଠକରେ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଉପସ୍ଥିତି ରହିବେ। ପ୍ରକଳ୍ପ ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହେବାକୁ ଥିବାବେଳେ ଓଡ଼ିଶା ସରକାର ମଧ୍ୟ ନିଜ ପକ୍ଷ ବୈଠକରେ ରଖିବେ ବୋଲି ସୂଚନା ମିଳିଛି।



## ବାଟବଣା ସ୍ୱାସ୍ଥ୍ୟସେବା | ଟ୍ୟୁମର୍ ରୋଗୀଙ୍କୁ ଗର୍ଭବତୀ ଚିକିତ୍ସା

■ **କୋରାପୁଟ, ୧୯।୫ (ସମିସ):** ପେଟରେ ବଢ଼ୁଛି ଟ୍ୟୁମର୍; କିନ୍ତୁ ତାଙ୍କୁ ଗର୍ଭବତୀ ଦର୍ଶାଇ ଚାଲିଛି ଚିକିତ୍ସା। ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ଦିଆଯାଉଛି ଆଇରନ୍, କ୍ୟାଲସିୟମ୍, ଭିଟାମିନ୍ ବଟିକା ସାଙ୍ଗକୁ ଟିକା। ଆଉ ଏପଟେ ପେଟରେ ବଢ଼ୁଥିବା ଟ୍ୟୁମର୍ ତା'ର କାୟା ବିସ୍ତାର କରିଚାଲିଛି। ଦିନକୁ ଦିନ ତାହା ଅଧିକରୁ ଅଧିକ ମାରାତ୍ମକ, ପ୍ରାଣଘାତୀ ହେବାରେ ଲାଗିଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅଞ୍ଚଳରେ ଜଣେ ମହିଳାଙ୍କ ଜୀବନ ସହ ସ୍ୱାସ୍ଥ୍ୟ ବିଭାଗର ଏପରି ଖେଳ ଏବେ ତାଙ୍କ ପାଇଁ କାଳ ସାଜିଛି। ମହିଳାଜଣଙ୍କ ହେଲେ, ଖୁରାଗାଁ ଗ୍ରାମର କବିଚନ୍ଦ୍ର ଝୋଡ଼ିଆ ପରଜାଙ୍କ ସ୍ତ୍ରୀ ରୁନି ଝୋଡ଼ିଆ ପରଜା। ଏହି ଘଟଣା ପଦାକୁ ଆସିବା ପରେ ଏବେ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ଉଦ୍‌ବେଗଜନକ ରହିଛି। ଅପରପକ୍ଷେ, ଏହି ଘଟଣା ଯୋଗୁଁ ରୁନିଙ୍କ ପରିବାରଲୋକ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି।

ସୂଚନାନୁଯାୟୀ, ୬ ମାସ ତଳେ ରୁନିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ସେ ସ୍ଥାନୀୟ ଆଶାଦିଦିଙ୍କ ସହ ଯୋଗାଯୋଗ କରିଥିଲେ। ଆଶାଦିଦି ତାଙ୍କୁ ପଚରାଉଚରା କରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ଗର୍ଭ ପରୀକ୍ଷା କିଟ୍ ସହାୟତାରେ ତାଙ୍କର ପରୀକ୍ଷା କରାଇଥିଲେ। ସେଥିରେ ରୁନି ଗର୍ଭବତୀ ଥିବା ଜଣାପଡ଼ିଥିଲା। ତେଣୁ ଗତ ୨୦୨୪ ଡିସେମ୍ବର ୨୭ ତାରିଖରେ ଆଶାଦିଦିଜଣଙ୍କ ରୁନିଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ତାଙ୍କ ନାମରେ ମମତା କାର୍ଡ, ସ୍ୱାସ୍ଥ୍ୟକାର୍ଡ କରାଇ ଦେଇଥିଲେ। ଏପରିକି, ଗର୍ଭବତୀଙ୍କୁ ଦିଆଯାଉଥିବା ଇଞ୍ଜେକସନ୍, ଟିକା ଓ ଅନ୍ୟାନ୍ୟ ଔଷଧ ଦେବାର ବ୍ୟବସ୍ଥା କରିଥିଲେ। ଏହା ପରଠାରୁ ତାଙ୍କୁ ଗର୍ଭବତୀ ମହିଳାଙ୍କ ଭଳି ନିୟମିତ ସମସ୍ତ ଚିକିତ୍ସା କରାଯାଉଥିଲା। ନିୟମିତ ବ୍ୟବଧାନରେ ଆଶା ଓ ଅଙ୍ଗନବାଡ଼ି ଦିଦିଙ୍କ ସହଯୋଗରେ ରୁନିଙ୍କୁ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ସହାୟତା ଯୋଗାଇ ଦେଉଥିଲେ। ତାଙ୍କୁ ଦିଆଯାଇଥିବା ଚିକିତ୍ସାର ବିସ୍ତୃତ ବିବରଣୀ ତାଙ୍କ ପାଖରେ ଥିବା କାର୍ଡରେ ମଧ୍ୟ ଉଲ୍ଲେଖ ରହିଛି। ଚଳିତ ବର୍ଷ ଜାନୁଆରୀ, ଫେବୃଆରୀ ଓ ମାର୍ଚ୍ଚରେ ମଧ୍ୟ ରୁନି ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଇ ସ୍ୱାସ୍ଥ୍ୟ ଯାଞ୍ଚ କରିଥିବା ସେଥିରେ ଉଲ୍ଲେଖ ରହିଛି।

### ମାନସିକ ଯନ୍ତ୍ରଣାରେ ଦମ୍ପତି

ତେବେ, ପରବର୍ତ୍ତୀ ସମୟରେ ରୁନିଙ୍କ ପେଟ ଯନ୍ତ୍ରଣା ସହ ଅନ୍ୟାନ୍ୟ ସମସ୍ୟା ବାହାରିଥିଲା। ଯନ୍ତ୍ରଣା ଅସହ୍ୟ ହେବାରୁ ଗତ ୩ ତାରିଖ ଦିନ ସେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ। ସେଠାରେ ସମସ୍ତ ପରୀକ୍ଷାନିରୀକ୍ଷା ପରେ ଜଣାଯାଇଥିଲା ଯେ ସେ ▶ପୃଷ୍ଠା-୭

### ୟୁଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍

## ପ୍ରିୟଙ୍କାଙ୍କୁ ଜେରା କରିବ ଏନ୍‌ଆଇଏ

■ **ଭୁବନେଶ୍ୱର, ୧୯ ।୫ (ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହରିୟାଣା ହିସାର୍‌ର ୟୁଟ୍ୟୁବର୍ ଜ୍ୟୋତି ମଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ର ଖୋଳତାଡ଼ ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଜ୍ୟୋତିଙ୍କ ସହ ପୁରୀର ପ୍ରିୟଙ୍କା ସେନାପତିଙ୍କ ସଂପର୍କ ଥିବା ଓ ଉଭୟ ପାକିସ୍ତାନ କରତାରପୁର ଯାଇଥିବାରୁ ଏନ୍‌ଆଇଏ ପୁରୀ ଏବଂ ହରିୟାଣା ପୁଲିସ୍‌ଠାରୁ ଦୁହିଁଙ୍କ ବାବଦରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଛି। ଅପରପକ୍ଷେ, ଏନ୍‌ଆଇଏର ଏକ ଟିମ୍ ଖୁବ୍‌ଶୀଘ୍ର ପ୍ରିୟଙ୍କାଙ୍କୁ ପଚରାଉଚରା କରିବ। ଆବଶ୍ୟକ ପଡ଼ିଲେ, ତାଙ୍କୁ ହେପାଜତକୁ ▶ପୃଷ୍ଠା-୭

### ପୁରୀ ପୁଲିସ୍‌ଠାରୁ ତଥ୍ୟ ନେଲା ଏନ୍‌ଆଇଏ



### ୯ ଜଣଙ୍କୁ 'ଅନ୍‌ଫଲୋ' କଲେ ପ୍ରିୟଙ୍କା

■ **ପୁରୀ,୧୯।୫(ସମିସ):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରି ଗିରଫ ହୋଇଥିବା ହରିଆଣାର ଜଣାଶୁଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଓଡ଼ିଶା ଲିଙ୍କ୍‌ରେ ଆସିଛନ୍ତି ପୁରୀର ପ୍ରିୟଙ୍କା ସେନାପତି। ଜ୍ୟୋତିଙ୍କ ସହିତ ପ୍ରିୟଙ୍କାଙ୍କ ସମ୍ପର୍କକୁ ନେଇ ଦୁଇଦିନ ହେବ ଖୋଳତାଡ଼ ଚାଲିଛି। ଯଦିଓ ପ୍ରିୟଙ୍କାଙ୍କ ଭୂମିକା କ'ଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ କିନ୍ତୁ ଅଡୁଆ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷରେ ଦୁଇ ଦିନ ଭିତରେ ୯ ଜଣଙ୍କୁ ଅନ୍‌ଫଲୋ କରିସାରିଲେଣି ପ୍ରିୟଙ୍କା। ପୂର୍ବରୁ ତାଙ୍କ ଇନ୍‌ଷ୍ଟା ଆଇଡିରେ ୨୨୫ ଜଣଙ୍କୁ ଫଲୋ କରୁଥିଲେ। ହେଲେ ଦୁଇଦିନ ଧରି ଚର୍ଚ୍ଚାରେ ଥିବା ପ୍ରିୟଙ୍କାଙ୍କୁ ଫଲୋ ▶ପୃଷ୍ଠା-୭

## ଭଡ଼ାଘରେ ୬ ଦିନ ଯୁବତୀଙ୍କୁ ଗଣଦୁଷ୍କର୍ମ

■ **ବାଲିଗୁଡ଼ା, ୧୯।୫ (ସମିସ):** ଔଷଧ ପାଇଁ ବଜାରକୁ ଆସିଥିବା ବାପା-ମା' ଛେଉଣ୍ଡ ଜଣେ ଯୁବତୀଙ୍କୁ ସହାୟତା ଆଳରେ ଅପହରଣ କରିବା ଏବଂ ଏକ ଭଡ଼ାଘରେ ଅଟକ ରଖି ୬ ଦିନ ଧରି ଗଣଦୁଷ୍କର୍ମ କରିବା ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ପୁଲିସ୍ ଜଣେ ଅଟୋ ଚାଳକ ସମେତ ତା'ର ୨ ସହଯୋଗୀଙ୍କୁ ଆଜି ଗିରଫ କରିଛି। ତେବେ ତଦନ୍ତରେ ବାଧା ଉପୁଜିବା ଏବଂ ଟିଆଇ ପରେଡ୍ ହୋଇନଥିବାରୁ ଅଭିଯୁକ୍ତଙ୍କ ପରିଚୟ ଗଣମାଧ୍ୟମକୁ ଦେବାକୁ ମନା କରିଦେଇଛି। ଏହାସହ ଅଭିଯୁକ୍ତମାନଙ୍କଠାରୁ ଏକ ଅଟୋକୁ ପୁଲିସ୍ ଜବତ କରିଛି। ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗତ ୧୧ ତାରିଖରେ ପୀଡ଼ିତା କିଛି ଔଷଧ କିଣିବାକୁ ମୁଖ୍ୟ ବଜାରକୁ ଆସିଥିଲେ। ବାଲିଗୁଡ଼ା ତ୍ରିଦେବୀ ପାର୍କ ନିକଟରେ ବସିଥିବା ସମୟରେ ଏକ ଅଟୋ ଆସି ତାଙ୍କ ପାଖରେ ଲାଗିଥିଲା। ଚାଳକ ତାଙ୍କୁ ତାଙ୍କ ଘରେ ଛାଡ଼ିଦେବାକୁ କହି ଅଟୋରେ ବସାଇ ନେଇଯାଇଥିଲା। କିନ୍ତୁ ତାଙ୍କୁ ତାଙ୍କ ଘରେ ଛାଡ଼ିବା ପରିବର୍ତ୍ତେ ଜୋର୍‌ଜବରଦସ୍ତ ବାଲିଗୁଡ଼ାସ୍ଥିତ ଏକ ଭଡ଼ା ଘରକୁ ନେଇ ବନ୍ଦୀ କରି ରଖିଥିଲା। ଅଟୋ ଚାଳକ ଓ ତା'ର ୨ ସହଯୋଗୀ ୬ଦିନ କାଳ ସେଠାରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ।

ଅପରପକ୍ଷେ, ପୀଡ଼ିତାଙ୍କ ବାପା-ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ସେ ତାଙ୍କ ସମ୍ପର୍କୀୟଙ୍କ ପାଖରେ ରହୁଥିଲେ। ସେ ମଝିରେ ମଝିରେ ଗୀତ ଶିଖିବାକୁ ଆସି ବାଲିଗୁଡ଼ାରେ ଏପରି କିଛି ଦିନ ରହି ଫେରୁଥିବାରୁ ସମ୍ପର୍କୀୟ ଆଉ ଖୋଜଖବର କରିନଥିଲେ। ତେବେ ବାଲିଗୁଡ଼ା ପୁଲିସ କୌଣସି ସୂତ୍ରରୁ ଏହି ଖବର ପାଇବା ପରେ ସେହି ଭଡ଼ା ଘରେ ପହଞ୍ଚି ▶ପୃଷ୍ଠା-୭

### ଘରେ ଛାଡ଼ିଦେବେ କହି ଉଠାଇ ନେଇଥିଲେ ଅଟୋ ଚାଳକ

### ଭଡ଼ା ଘରେ ରଖି ୨ ସାଙ୍ଗଙ୍କ ସହ ଗଣଦୁଷ୍କର୍ମ

### ଅଟୋଚାଳକ ସମେତ ୩ ଗିରଫ; ହେବ ଟିଆଇ ପରେଡ୍



# ଗୁଇନ୍ଦା ତାଲିକାରେ ଆଉ ଜଣେ ସୁନ୍ଦରୀ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଯୁଦ୍ଧ ବେଳେ ମଧ୍ୟ ଭାରତ ସଂପର୍କରେ ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଉଥିଲେ ଜ୍ୟୋତି ମଲହୋତ୍ରା। ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ଜ୍ୟୋତି ସଂପର୍କରେ ହରିଆଣା ପୁଲିସ ଅନେକ ବିସ୍ଫୋରକ ତଥ୍ୟ ଦେଇଛି। ସେ କେବଳ ଯେ ପାକିସ୍ତାନ ଓ ଚୀନ ଯାଇ ତାଙ୍କ 'ଗୁଇନ୍ଦା' ବନ୍ଧୁତା ବଢ଼ାଇଥିଲେ ତାହା ନୁହେଁ, ଅର୍ଥ ଲୋଭରେ ଦେଶର ନିରାପତ୍ତାକୁ ବିପଦରେ ପକାଇବାକୁ ବି ସେ ଭୁଲୁନଥିଲେ। ପୁଲିସ ତଥ୍ୟ ଅନୁଯାୟୀ ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂର ପୂର୍ବଦିନ ଜ୍ୟୋତି ନୂଆଦିଲ୍ଲୀ ଯାଇ ପାକିସ୍ତାନର ହାଇକମିସନ କର୍ମଚାରୀଙ୍କ ସହିତ ସଂପର୍କ ସ୍ଥାପନ କରିଥିଲେ। ଭାରତ ପକ୍ଷରୁ ଅବାଞ୍ଛିତ ଘୋଷିତ ପାକ୍ ହାଇକମିସନ କର୍ମଚାରୀ ଦାନିସ ସହିତ କଥାବାର୍ତ୍ତା ହୋଇଥିଲେ ଜ୍ୟୋତି। ଅନେକ ଦିନ ଧରି ତାଙ୍କ ସଂପର୍କରେ ଥିଲେ ଜ୍ୟୋତି। ପାକ୍ ଡ୍ରୋନ ଆକ୍ରମଣ ଆଶଙ୍କାରେ ଯେତେବେଳେ ଅନେକ ଅଞ୍ଚଳକୁ ଅନ୍ଧାର କରାଯାଉଥିଲା, ସେତେବେଳେ ମଧ୍ୟ ସେ କିଛି ତଥ୍ୟ ପାକିସ୍ତାନକୁ ଦେଇଛନ୍ତି। କେବଳ ଜ୍ୟୋତି ନୁହନ୍ତି, ସମାନ ଅଭିଯୋଗରେ ଧରାପଡ଼ିଥିବା ଅନ୍ୟ ୪ ଜଣ ମଧ୍ୟ ପାକିସ୍ତାନକୁ ଗୁଇନ୍ଦା ତଥ୍ୟ ଯୋଗାଉଥିଲେ।

ହରିଆଣା ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଯୁଦ୍ଧ ସମୟରେ ନିଜ ପାଇଁ ପ୍ରଚାର ଲାଗି ପାକିସ୍ତାନ ଜ୍ୟୋତିଙ୍କୁ ନିୟୋଜିତ କରିଥିଲେ। ସେ ତାଙ୍କର ୟୁଟ୍ୟୁବ୍



ଚାନେଲ ମାଧ୍ୟମରେ ପାକିସ୍ତାନର ଭାବମୂର୍ତ୍ତିକୁ ସ୍ୱଚ୍ଛ ଦେଖାଇବା ଲାଗି ଉଦ୍ୟମ କରିଥିଲେ। ଏଥିପାଇଁ ପାକିସ୍ତାନ ତାଙ୍କୁ ବିପୁଳ ଅର୍ଥ ଦେଇଛି। ଜ୍ୟୋତିଙ୍କର ଯାହା ଆୟ ଥିଲା, ତା ଠାରୁ ଅଧିକ ଖର୍ଚ୍ଚ କରୁଥିଲେ। ଏପରିକି ତାଙ୍କର ବିଦେଶ ଗସ୍ତ ଖର୍ଚ୍ଚ ମଧ୍ୟ ଅନ୍ୟମାନେ ଉଠାଇଛନ୍ତି। ସେ ରାଜକୀୟ ଜୀବନ ବିତାଉଥିଲେ। ପାକିସ୍ତାନ ଓ ଚୀନ ଗସ୍ତ ବେଳେ ବେଳେ ସେ ନାମୀଦାମୀ ହୋଟେଲରେ ରହିବା ସହିତ ବିଳାଶପୂର୍ଣ୍ଣ କାରରେ ଯାତ୍ରା କରୁଥିଲେ। ତାଙ୍କର ବ୍ୟାଙ୍କ ଖାତା ଯାଞ୍ଚ ବେଳେ ଏଭଳି ଅନେକ ତଥ୍ୟ ପୁଲିସ ହାତରେ ଲାଗିଛି। ଏତେ ଅର୍ଥ ତାଙ୍କୁ କିଏ ଦେଉଥିଲା ଏବଂ ତାଙ୍କର ବିଦେଶ ଗସ୍ତ ଖର୍ଚ୍ଚ କିଏ ବହନ କରୁଥିଲା ? ଏ ସମ୍ପର୍କରେ ଜ୍ୟୋତିଙ୍କୁ

- **ଅର୍ଥ ଲୋଭରେ ପାକିସ୍ତାନୀ ଜାଲରେ ଫସୁଥିଲେ**
- **ବ୍ଲାକ୍‌ଆଉଟ୍ ବେଳେ ବି ପାକିସ୍ତାନକୁ ସୂଚନା ଦେଉଥିଲେ ୟୁଟ୍ୟୁବର ଜ୍ୟୋତି**
- **ବିଦେଶ ଗସ୍ତ ଖର୍ଚ୍ଚ ବହନ କରୁଥିଲା କିଏ ?**

ପଚରାଉଚରା କରାଯାଉଛି। ସେ ୮ଟି ଦେଶ ଗସ୍ତ କରିଥିବା ଜଣାପଡ଼ିଛି। ଗତ କିଛି ମାସ ଧରି ତାଙ୍କର ଗତିବିଧି ଉପରେ ନଜର ରଖାଯାଇଥିଲା। ତାଙ୍କ ସହିତ ବାନ୍ଧବୀ ଓଡ଼ିଶାର ପ୍ରିୟଙ୍କା ମଧ୍ୟ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାର ନଜରରେ ରହିଆସିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ବିଭିନ୍ନ ରାଜ୍ୟରୁ ୧୧ ଜଣଙ୍କୁ ଗିରଫ କରାଗଲାଣି। ସେମାନଙ୍କ ମଧ୍ୟରେ ଅଛନ୍ତି ୟୁଟ୍ୟୁବର, ଛାତ୍ର, ସିକ୍ୟୁରିଟି ଗାର୍ଡ, ସାଧାରଣ ବ୍ୟକ୍ତି ଓ ସଫ୍ଟୱେୟର ଇଞ୍ଜିନିୟର। ସେମାନଙ୍କର ଘର ହେଉଛି ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ। ସେମାନଙ୍କର ବୟସ ୨୦ରୁ ୩୦ ମଧ୍ୟରେ ହେବ। ଅର୍ଥଲୋଭ, ପାକିସ୍ତାନକୁ ମାଗଣା ଗସ୍ତ ଓ ଅନ୍ୟ ମିଛ ପ୍ରତିଶ୍ରୁତି ଦେଇ ସାମାଜିକ ଗଣମାଧ୍ୟମ ଜରିଆରେ ପାକିସ୍ତାନ ସେମାନଙ୍କୁ ପ୍ରଭାବିତ କରୁଥିଲା। ଏହି ନେଟୱର୍କରେ ଅଛନ୍ତି ଆଉ ଜଣେ ମହିଳା। ସେ ହେଉଛନ୍ତି ପଞ୍ଜାବର ୩୨ ବର୍ଷୀୟ ଗଜାଲା। ଅର୍ଥ ବଦଳରେ ସେ ପାକିସ୍ତାନୀ ଏଜେଣ୍ଟଙ୍କୁ ସୂଚନା ଯୋଗାଉଥିଲେ। ଅର୍ଥ କାରବାର ଏବଂ ଭିସା କାରବାର ନେଇ ପାକିସ୍ତାନ ହାଇକମିସନର ବିତାଡ଼ିତ କର୍ମଚାରୀ ଦାନିସ ସହିତ ସଂପର୍କରେ ଥିଲେ। ଗଜାଲା ଓ ଅନ୍ୟ ଗୁପ୍ତଚର ଭିସା ପାଇଁ ଦାନିସ ସହିତ କଥାବାର୍ତ୍ତା କରୁଥିଲେ। ଅନଲାଇନରେ ଦାନିସ ସେମାନଙ୍କୁ ଟଙ୍କା ପଠାଉଥିଲା।


ଏହି ଗୁପ୍ତଚର ତାଲିକାରେ ଯୋଡ଼ି ହୋଇଛନ୍ତି ପଞ୍ଜାବର ଜଣେ ଛାତ୍ର। ସେ ହେଲେ ଦେବେନ୍ଦର ସିଂହ। ପଟିଆଲା ଖାଲସା କଲେଜ ଛାତ୍ର ଦେବେନ୍ଦରଙ୍କୁ ହରିଆଣାରୁ ଗିରଫ କରାଯାଇଛି। ସେ ଭାରତୀୟ ସେନା ସଂପର୍କରେ ଅନେକ ସମ୍ବେଦନଶୀଳ ତଥ୍ୟ ପାକିସ୍ତାନକୁ ଯୋଗାଉଥିବା ଅଭିଯୋଗ ହୋଇଛି। ପଟିଆଲା ମିଲିଟାରି କ୍ୟାଣ୍ଟନମେଣ୍ଟର ଚିତ୍ର ଉତ୍ତୋଳନ କରି ସେ ପାକିସ୍ତାନକୁ ପଠାଇଥିବା କୁହାଯାଉଛି। ଗତ ନଭେମ୍ବରରେ ସେ ପାକିସ୍ତାନ ଗସ୍ତରେ ଯାଇଥିବା ଜଣାପଡ଼ିଛି।

■ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କୁ ସମାନ ପେନ୍‌ସନ୍ ଦିଅ

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ହାଇକୋର୍ଟର ସମସ୍ତ ଅବସରପ୍ରାପ୍ତ ବିଚାରପତିଙ୍କୁ ସମ୍ପୂର୍ଣ୍ଣ ଏବଂ ସମାନ ପେନ୍‌ସନ ଦେବାକୁ ସୁପ୍ରିମକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିଚାରପତିଙ୍କ ନିଯୁକ୍ତି ତାରିଖ, ଜିଲ୍ଲା କୋର୍ଟ ହେଉ କି ବାର୍‌ରୁ ପଦୋନ୍ନତି ପାଇଥିଲେ କିମ୍ବା ସ୍ଥାୟୀ ଏବଂ ଅସ୍ଥାୟୀ ବିଚାରପତି ହୋଇଥିଲେ ମଧ୍ୟ କୌଣସି ଭେଦଭାବ କରାଯିବ ନାହିଁ। ସେହିପରି ସମସ୍ତ ଜିଲ୍ଲା ଜଜ୍‌ଙ୍କ ସହିତ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି)ର ବିଚାରପତିଙ୍କୁ ଅବସରପରେ ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ୱାନ ର୍‌ୟାଙ୍କ, ୱାନ ପେନ୍‌ସନ (ଓଆରଓପି) ନୀତିକୁ ସମର୍ଥନ ଦେଇ ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି ଯେ ନ୍ୟାୟିକ ସ୍ୱାଧୀନତାର ସୁରକ୍ଷା ପାଇଁ ଦରମା, ଅବସର ପରବର୍ତ୍ତୀ ସୁବିଧାସୁଯୋଗ ସମାନ ହେବା ଜରୁରୀ। ନ୍ୟାୟିକ କାର୍ଯ୍ୟାଳୟର ଗରିମା ରକ୍ଷା ପାଇଁ ମଧ୍ୟ ଏହା ଆବଶ୍ୟକ। ଗ୍ରାଚୁଇଟି, ପାରିବାରିକ, ବିଧବା କିମ୍ବା ଅନ୍ୟ ନିର୍ଭରଶୀଳଙ୍କୁ ମିଳୁଥିବା ଭତ୍ତା ମଧ୍ୟ ସମସ୍ତଙ୍କ ପାଇଁ ସମାନ ରହିବ। ଏ ସବୁ ସୁବିଧା ପ୍ରଦାନରେ ଭେଦଭାବ କରାଗଲେ ଧାରା ୧୪ର ଉଲ୍ଲଙ୍ଘନ ହେବ। ହାଇକୋର୍ଟ ଅବସରପ୍ରାପ୍ତ ମୁଖ୍ୟ ବିଚାରପତିଙ୍କୁ ବର୍ଷକୁ ୧୫ ଲକ୍ଷ ଏବଂ ବିଚାରପତିଙ୍କୁ ୧୩.୫ ଲକ୍ଷ ଟଙ୍କା ଦେବାକୁ ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଇଡେନ୍‌ଙ୍କୁ କ୍ୟାନ୍‌ସର




ୱାସିଂଟନ, ୧୯।୫ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ (୮୨)ଙ୍କୁ ପ୍ରୋଷ୍ଟେଟ କ୍ୟାନ୍‌ସର ହୋଇଛି। ଏହା ଅଧିକ ଜଟିଳ ହୋଇଗଲାଣି। ଏହି କର୍କଟ ତାଙ୍କ ହାଡ଼ ପର୍ଯ୍ୟନ୍ତ ବ୍ୟାପି ଗଲାଣି। ବାଇଡେନଙ୍କ ପାର୍ଟି ଡେମୋକ୍ରାଟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ ପରିସ୍ରାରେ ସମସ୍ୟା ହେବାରୁ ବାଇଡେନ ଗତ ସପ୍ତାହରେ ଡାକ୍ତରଙ୍କୁ ଦେଖାଇ ଥିଲେ। ଶୁକ୍ରବାର ଯାଞ୍ଚ ପରେ ଏହି ରୋଗ ବିଷୟରେ ଜଣା ପଡ଼ିଥିଲା। ଏହି ରୋଗ ବ୍ୟାପି ଅଧିକ ଜଟିଳ ରୂପ ଧାରଣ କରିଛି। ଏହି କର୍କଟ ହରମୋନ-ସେନ୍‌ସିଟିଭ ପରି ମନେହୁଏ। ତେଣୁ ପ୍ରଭାବୀ ଢଙ୍ଗରେ ଏହାର ଚିକିତ୍ସା କରାଯିବା ଉଚିତ। ଏବେ ବାଇଡେନଙ୍କ ପରିବାର ସମ୍ଭାବ୍ୟ ଚିକିତ୍ସା ବ୍ୟବସ୍ଥା ବିଷୟରେ ସମୀକ୍ଷା କରୁଛନ୍ତି।

## ହରିୟାଣାରୁ ୩ ମାସରେ ୪୧୦୦ ଲୋକ ନିଖୋଜ

ଚଣ୍ଡିଗଡ଼, ୧୯।୫ (ଏଜେନ୍ସି): ହରିୟାଣାରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ରାଜ୍ୟରୁ ତିନି ମାସ ମଧ୍ୟରେ ୪୧୦୦ରୁ ଅଧିକ ଲୋକ ନିଖୋଜ ହୋଇଯାଇଛନ୍ତି। ବର୍ଷର ପ୍ରଥମ ତିନି ମାସରେ ଏପରି ହୋଇଛି। ଅର୍ଥାତ୍ ଦିନକୁ ୪୫ରୁ ଅଧିକ ଲୋକ ଗାଏବ ହୋଇଛନ୍ତି। ଏହା ବାଦ୍ ହଜାରେରୁ ଅଧିକ ଅପହରଣ ମାମଲା ରୁଜୁ ହୋଇଛି। ଗତ ବର୍ଷ ତୁଳନାରେ ହତ୍ୟା ମାମଲା ମଧ୍ୟ ଅଧିକ ବୃଦ୍ଧି ପାଇଛି। ଏହା ସୁରକ୍ଷା ବ୍ୟବସ୍ଥାର ବିଫଳତା ଏବଂ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ଦର୍ଶାଉଛି। ହରିୟାଣା ମାନବାଧିକାର କମିଶନ ସୋମବାର ଏହା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଉପରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପାକିସ୍ତାନ ଟାର୍ଗେଟ୍‌ରେ ଥିଲା ସ୍ୱର୍ଣ୍ଣ ମନ୍ଦିର



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତର ବିଭିନ୍ନ ଧାର୍ମିକ ସ୍ଥଳ ଏବଂ ସେନା ଘାଟୀକୁ ନିଶାଣ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରିଥିଲା। ଏହି ଧାର୍ମିକ ସ୍ଥଳ ମଧ୍ୟରେ ସ୍ୱର୍ଣ୍ଣ ମନ୍ଦିର ସାମିଲ ଥିଲା। ତେବେ ସ୍ୱର୍ଣ୍ଣ ମନ୍ଦିର ଅଭିମୁଖେ ଆସିଥିବା ସମସ୍ତ ଡ୍ରୋନ ଏବଂ କ୍ଷେପଣାସ୍ତ୍ରକୁ ଭାରତର ଏୟାର ଡିଫେନ୍ସ ସିଷ୍ଟମ ବିଫଳ କରିଦେଇଥିଲା। ୧୫ତମ ଇନଫ୍ୟାଣ୍ଟ୍ରି ଡିଭିଜନର ଜେନେରାଲ ଅଫିସର କମାଣ୍ଡିଂ (ଜିଓସି) ମେଜର ଜେନେରାଲ କାର୍ତ୍ତିକ ସି ଶେଷାଦ୍ରି ସୋମବାର ଏହି ସୂଚନା ଦେଇଛନ୍ତି। ପଞ୍ଜାବରେ ଧ୍ୱଂସ କରାଯାଇଥିବା ଡ୍ରୋନ ଏବଂ କ୍ଷେପଣାସ୍ତ୍ରର ଚିତ୍ରକୁ ସେନା ପକ୍ଷରୁ ଜାରି କରାଯାଇଛି। ମେଜର ଜେନେରାଲ କହିଛନ୍ତି ଯେ ପାକିସ୍ତାନ ଆର୍ମୀର କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ନିଶାଣ କରି ଆକ୍ରମଣ କରି ନ ଥିଲା। ସେମାନେ ସାମରିକ ପ୍ରତିଷ୍ଠାନ, ନାଗରିକ ଏବଂ ଧାର୍ମିକ ସ୍ଥଳକୁ ନିଶାଣ କରିବେ ବୋଲି ପୂର୍ବରୁ ଜଣା ଥିଲା। ଏଥିରେ ସ୍ୱର୍ଣ୍ଣ ମନ୍ଦିର ସବୁଠୁ ଆଗରେ ଥିଲା। ତେଣୁ ସ୍ଥିତିକୁ ଦେଖି ଅତିରିକ୍ତ ଭାବେ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ ମୁତୟନ କରାଯାଇଥିଲା। ପାକିସ୍ତାନ ଗତ ୮ ତାରିଖ ବିଳମ୍ବିତ ରାତିରେ ୟୁଏଭି ଏବଂ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲା। କିନ୍ତୁ ଭାରତୀୟ ସେନାର ସତର୍କ ପ୍ରହରୀ ଏହାକୁ ଆକାଶରେ ଉଡାଇ ଦେଇଥିଲେ। ସ୍ୱର୍ଣ୍ଣ ମନ୍ଦିରରେ ଟିକେ ବି ଆଞ୍ଚ ଆସିବାକୁ ଦେଇ ନ ଥିଲେ।

ପଞ୍ଜାବର ଅନ୍ତର୍ଜାତୀୟ ସୀମାରେ ନିୟୋଜିତ ଜଣେ ସୈନିକ କହିଛନ୍ତି ଯେ ଗତ ୮ ତାରିଖ ରାତିରେ ପାକିସ୍ତାନ ହଠାତ୍ ଗୁଳି ଚଳାଇ ଅନୁପ୍ରବେଶ ଉଦ୍ୟମ କରିଥିଲା। କିନ୍ତୁ ଭାରତୀୟ ଯବାନ ଏହାକୁ ବିଫଳ କରିଦେଇଥିଲେ। ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନୀ ଆଣ୍ଠୁ ମାଡ଼ି ପଡ଼ିଥିଲେ। ସକାଳେ ଅସ୍ତ୍ରବିରତି ପାଇଁ ଧଳା ପତାକା ଦେଖାଇ ଥିଲେ। ସେହିପରି ଅପରେସନ ସିନ୍ଦୂରକୁ ନେଇ ସେନାର ପଶ୍ଚିମ କମାଣ୍ଡ ଏକ ନୂଆ ଭିଡିଓ ଜାରି କରିଛି। ଏଥିରେ ପାକିସ୍ତାନ ଡ୍ରୋନକୁ କିପରି ଖସା ଯାଇଥିଲା ତାହା ଦର୍ଶାଯାଇଛି। ଆମେ ଭୂପୃଷ୍ଠରୁ ଆକାଶକୁ ସୁରକ୍ଷିତ ରଖିଲୁ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀର ସୋପିଆନର ଡିକେ ପୋରା ଅଞ୍ଚଳରୁ ଆତଙ୍କବାଦୀଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ଦୁଇଟି ପିସ୍ତଲ, ଚାରୋଟି ଗ୍ରେନେଡ ଏବଂ ୪୩ କାର୍ଟ୍ରିଜ୍ ଜବତ କରାଯାଇଛି।

# ପାକିସ୍ତାନକୁ ଗୁଇନ୍ଦା ସୂଚନା ଦେଇଥିଲା ଚୀନ୍, ପ୍ରଦାନ କରିଥିଲା ଉପଗ୍ରହ ଚିତ୍ର

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ପଛରେ ଚୀନ୍‌ର ବଡ଼ ଭୂମିକା ଥିଲା। ଏହି ଦେଶ ଘନିଷ୍ଠ ସହଯୋଗୀ ପାକିସ୍ତାନକୁ ଗୁଇନ୍ଦା ସୂଚନା ପ୍ରଦାନ କରିଥିଲା। ଏୟାର ଡିଫେନ୍ସ ସହିତ ଉପଗ୍ରହ ଚିତ୍ର ମଧ୍ୟ ଦେଇଥିଲା। ଭାରତର ଏକ ପ୍ରତିରକ୍ଷା ଗୋଷ୍ଠୀ ଏହି ଦାବି କରିଛି। ଏହି ସଂଘର୍ଷରେ ଚୀନ୍ ପ୍ରତ୍ୟକ୍ଷ ଭାବେ ସାମିଲ ଥିଲା ବୋଲି କୁହାଯାଇଛି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ନୂଆଦିଲ୍ଲୀ ସ୍ଥିତ ସେଣ୍ଟର ଫର୍ ଜଏଣ୍ଟ ୱାରଫେୟାର ଷ୍ଟଡିଜର ମହାନିର୍ଦ୍ଦେଶକ ଅଶୋକ କୁମାର ଏକ ସାକ୍ଷାତକାରରେ କହିଥିଲେ ଯେ ପାକିସ୍ତାନକୁ ଚୀନ୍ ନିଜ ରାଡାର ଏବଂ ଏୟାର ଡିଫେନ୍ସ ସିଷ୍ଟମକୁ ପୁନର୍ଗଠନ କରିବାରେ ସହାୟତା କରିଥିଲା। ଭାରତର ସୈନିକ ଏବଂ ଅସ୍ତ୍ରଶସ୍ତ୍ର ବିଷୟରେ ଜାଣିବା ପାଇଁ ଚୀନ୍ ସହଯୋଗ କରିଥିଲା। ଏହା ବ୍ୟତୀତ ପହଲଗାମର ୧୫ ଦିନ ପରେ ବେଜିଂ ନିଜ ଉପଗ୍ରହକୁ ପାକିସ୍ତାନ ସହ ସଂଯୋଗ କରିବାରେ ମଧ୍ୟ ସହାୟତା କରିଥିଲା।

ଏହି ପଦକ୍ଷେପ ଦ୍ୱାରା ନିଜ ଏୟାର ଡିଫେନ୍ସ ରାଡାରକୁ ପୁଣିଥରେ ମୁତୟନ କରିବା ପାଇଁ ଚୀନ୍‌କୁ ସହାୟତା ମିଳିଥିଲା। ଭାରତ ଆକାଶ ମାର୍ଗରୁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ମଧ୍ୟ ଚୀନ୍ ଜାଣିବାକୁ ଚାହୁଁଥିଲା। ତେବେ ଭାରତ ପକ୍ଷରୁ ଚୀନ୍ ସହ ସହଯୋଗିତାକୁ ନେଇ ସାର୍ବଜନୀନ ଭାବେ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। କିନ୍ତୁ ପାକିସ୍ତାନ ଏହା ସ୍ୱୀକାର କରିଛି। ଭାରତ ବିରୋଧରେ ଚୀନ୍ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିବା ମାନିଛି। ଭାରତ ବିରୋଧୀ ସଂଘର୍ଷରେ ଚୀନର ସମ୍ପୃକ୍ତି ଅଧିକ ବୃଦ୍ଧି ପାଇଛି ବୋଲି ଏହା ଦର୍ଶାଉଛି। ଏଥିରେ ପାକିସ୍ତାନକୁ ଲଜିଷ୍ଟିକ୍ ଏବଂ ଗୁଇନ୍ଦା ସହାୟତା ଯୋଗାଇବା ମଧ୍ୟ ସାମିଲ ରହିଛି।

ପାକିସ୍ତାନ ଦାବି କରିଥିଲା ଯେ ଭାରତ ବିପକ୍ଷରେ ସଂଘର୍ଷରେ ସେ ଚୀନ୍ ଯୁଦ୍ଧ ବିମାନ ଜେ-୧୦ସି ଏବଂ ପିଏଲ-୧୫ କ୍ଷେପଣାସ୍ତ୍ର ବ୍ୟବହାର କରିଥିଲା। ଭାରତୀୟ ସେନା ମଧ୍ୟ ଚୀନର ପିଏଲ-୧୫ କ୍ଷେପଣାସ୍ତ୍ରର ଅବଶେଷ ପ୍ରଦର୍ଶନ କରିଥିଲା। ଏହି ବିବାଦ ସମୟରେ ଚୀନ୍ ପାକିସ୍ତାନର ସାର୍ବଭୌମତ୍ୱକୁ ସମର୍ଥନ କରିଥିଲା ଏବଂ ପହଲଗାମ ଆକ୍ରମଣର ଅନ୍ତର୍ଜାତୀୟ ତଦନ୍ତ ପାଇଁ ଭାରତକୁ ଆହ୍ୱାନ ଦେଇଥିଲା। ଏହା ବ୍ୟତୀତ ଜାତିସଂଘ ସୁରକ୍ଷା ପରିଷଦରେ ଆତଙ୍କବାଦ ସମ୍ପର୍କରେ ପାକିସ୍ତାନକୁ ସମାଲୋଚନାରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରିଥିଲା।

**ସୋଫିଆ କୁରେସୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ମାମଲା**

# ମନ୍ତ୍ରୀଙ୍କୁ ଭର୍ତ୍ସନା, ଏସ୍‌ଆଇଟି ଗଠନକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କୁରେସୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ମାମଲାରେ ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ 'ସୁପ୍ରିମ' ଝଟ୍‌କା ଲାଗିଛି। କ୍ଷମା ମାଗିବା ପାଇଁ ମନ୍ତ୍ରୀ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କ୍ଷମାକୁ ଗ୍ରହଣ କରାଯିବ ନାହିଁ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ମନ୍ତ୍ରୀଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଗଠନ କରିଛନ୍ତି। ମନ୍ତ୍ରୀଙ୍କ ଅଶାଳୀନ ମନ୍ତବ୍ୟ ପାଇଁ ସାରା ଦେଶ ଲଜ୍ଜ୍ୟା ଅନୁଭବ କରୁଛି ବୋଲି କୋର୍ଟ କହିଛନ୍ତି।

- **ବିଜୟ ଶାହାଙ୍କ କ୍ଷମା ଗ୍ରହଣ କଲେନାହିଁ**
- **ପରିଣାମ ଭୋଗିବାକୁ ପଡ଼ିବ**

ଅଭଦ୍ର ଟିପ୍ପଣୀ ପାଇଁ ମନ୍ତ୍ରୀ ଶାହାଙ୍କୁ ଜଷ୍ଟିସ ସୂର୍ଯ୍ୟକାନ୍ତ ତୀବ୍ର ସମାଲୋଚନା କରି ସେ ଠିକ୍‌ରେ ଭୁଲ୍ ମଧ୍ୟ ମାଗିନାହାନ୍ତି ବୋଲି କହିଛନ୍ତି। ଏହା କିଭଳି କ୍ଷମା ପ୍ରାର୍ଥନା? ଆପଣ କେଉଁ ଭଳି ଭାବେ କ୍ଷମା ପ୍ରାର୍ଥନା କରିଛନ୍ତି? ଏହି କ୍ଷମା ପ୍ରାର୍ଥନାର କିଛି ଅର୍ଥ ଅଛି କି? ବେଳେବେଳେ ଲୋକେ ଦଣ୍ଡରୁ ବର୍ତ୍ତିବା ଲାଗି ନମ୍ର ଭାଷା ବ୍ୟବହାର କରିଥାନ୍ତି। ଆଉ କେତେବେଳେ କୁମ୍ଭୀର କାନ୍ଦଣା କରିଥାନ୍ତି। ଏହା ଆପଣଙ୍କର କେଉଁ ପ୍ରକାରର କ୍ଷମା ପ୍ରାର୍ଥନା? ଆପଣ କେଉଁ ଭଳି ଧାରଣା ସୃଷ୍ଟି କରିବାକୁ ଚାହୁଁଛନ୍ତି? କୋର୍ଟ ଆପଣଙ୍କୁ କ୍ଷମା ମାଗିବାକୁ କହିଥିଲେ ବୋଲି ଜଣାଇବାକୁ ଚାହୁଁଛନ୍ତି କି? ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରିବା ପାଇଁ ଏ ପର୍ଯ୍ୟନ୍ତ ଆପଣଙ୍କୁ କିଏ ଅଟକାଇଛି? ସେନା ସହ ଜଡ଼ିତ ଏଭଳି ଭାବନାତ୍ମକ ପ୍ରସଙ୍ଗରେ ମନ୍ତ୍ରୀଙ୍କୁ ଅଧିକ ସମ୍ବେଦନଶୀଳ ହେବାର ଥିଲା। ଏବେ ସର୍ବସମ୍ମୁଖରେ ମନ୍ତ୍ରୀଙ୍କ ଅସଲ ମୁଖା ଖୋଲି ଯାଇଛି। ଜନନେତା ହୋଇ ଏଭଳି ଶବ୍ଦ ବ୍ୟବହାର କରିବା ସମୟରେ ବିଚାର କରିବାର ଥିଲା ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ମାମଲାର ତଦନ୍ତ ପାଇଁ ମଙ୍ଗଳବାର ସକାଳ ସୁଦ୍ଧା ଜଣେ ଆଇପିଏସ ଅଧିକାରୀଙ୍କୁ ନେଇ ଏସଆଇଟି ଗଠନ କରିଦିଆଯିବା ଉଚିତ। ଏଥିରେ ଜଣେ ମହିଳା ଅଧିକାରୀ ମଧ୍ୟ ରହିବା ଜରୁରୀ। କିନ୍ତୁ ସେ ରାଜ୍ୟର ବାସିନ୍ଦା ହୋଇ ନ ଥିବେ। ଏହି କମିଟି ୨୮ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବା ଦରକାର। ତେବେ ସର୍ବୋଚ୍ଚ ନ୍ୟାୟାଳୟ ମନ୍ତ୍ରୀଙ୍କ ଗିରଫ ଉପରେ କଟକଣା ଲଗାଇ ଦେଇଛନ୍ତି। କିନ୍ତୁ ପରିଣାମ ଭୋଗିବାକୁ ପଡିବ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆମେ କଡ଼ା ନଜର ରଖିବାକୁ ଚାହୁଁଛୁ। ଏହା ସରକାରଙ୍କ ଅଗ୍ନି ପରୀକ୍ଷା ବୋଲି କୋର୍ଟ କହିଛନ୍ତି।

ଏହା ପୂର୍ବରୁ ଗତ ୧୪ ତାରିଖରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରିବାକୁ ମଧ୍ୟପ୍ରଦେଶ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଇନ୍ଦୋରର ମହୁ ଥାନାରେ ମନ୍ତ୍ରୀଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ଏହା ବିରୋଧରେ ଶାହା ସୁପ୍ରିମକୋର୍ଟ ଯାଇଥିଲେ।



ପ୍ରବଳ ବର୍ଷାରେ ଉବୁଟୁବୁ ବେଙ୍ଗାଲୁରୁ

## ସଂସଦୀୟ କମିଟିକୁ ନେଇ ରାଜନୀତି ତେଜୁଛି

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଅନ୍ତର୍ଜାତୀୟସ୍ତରରେ ପାକିସ୍ତାନର ମୁଖା ଖୋଲିବା ଲାଗି ଭାରତ ସରକାର ଗଠନ କରିଥିବା ସର୍ବଦଳୀୟ ସଂସଦୀୟ କମିଟିକୁ ନେଇ ରାଜନୀତି ତେଜିବାରେ ଲାଗିଛି। କଂଗ୍ରେସ ଏହାକୁ ନେଇ ବିଜେପି ଉପରେ ପ୍ରଶ୍ନ ଉଠାଇ ଥିବାବେଳେ ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ସର୍ବଦଳୀୟ ପ୍ରତିନିଧିମଣ୍ଡଳକୁ ବହିଷ୍କାର କରିବାକୁ କହିଛନ୍ତି। କିନ୍ତୁ ଏହାକୁ ନେଇ ଏନ୍‌ସିପି (ଏସପି) ମୁଖ୍ୟ ଶରଦ ପାୱାର ଦେଇଥିବା ମନ୍ତବ୍ୟ ଚର୍ଚ୍ଚାରେ ରହିଛି। ସେହିପରି ଏହି ସର୍ବଦଳୀୟ ପ୍ରତିନିଧିମଣ୍ଡଳରୁ ଟିଏମ୍‌ସି ସାଂସଦ ୟୁସୁଫ ପଠାନ ଓହରିଯିବାକୁ ନେଇ ବିଜେପି ଏବଂ ଟିଏମ୍‌ସି ମୁହାଁମୁହିଁ ହୋଇଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ବିଜେପିକୁ 'ସିନ୍ଦୂରର ସୌଦାଗର' କହିଛି। ଟ୍ରମ୍ପ ଯୁଦ୍ଧ ବନ୍ଦ କରୁଥିବା ଦାବି କରୁଛନ୍ତି। ଭାରତ ସହ ବାଣିଜ୍ୟ ବନ୍ଦ କରିବାକୁ ଧମକ ଦେଉଛନ୍ତି। ସିନ୍ଦୂରକୁ ନେଇ ମୂଳଚାଳ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ଚୁପ୍ ରହିଛନ୍ତି।

ଅନ୍ୟପଟେ ୟୁସୁଫ ପଠାନ ଓହରିଯିବାକୁ ନେଇ ଟିଏମସି ପକ୍ଷପାତପୂର୍ଣ୍ଣ ରାଜନୀତି କରୁଛି ବୋଲି ବିଜେପି ଅଭିଯୋଗ କରିଛି। କିନ୍ତୁ ଦଳକୁ ନ ଜଣାଇ କେଉଁ ସାଂସଦ ଯିବେ ତାହା କେନ୍ଦ୍ର ସ୍ଥିର କରିଥିବାରୁ ଟିଏମସି ଏପରି ପଦକ୍ଷେପ ନେଇଥିବା ସୂଚନା ମିଳିଛି। କେନ୍ଦ୍ର ଜଣାଇଲେ କାହାକୁ ପଠାଯିବ ତାହା ଆମେ ସ୍ଥିର କରିବୁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେହିପରି ସଞ୍ଜୟ ରାଉତଙ୍କୁ ଦାବିକୁ ଏଡାଇ ଦେଇ ଅନ୍ତର୍ଜାତୀୟ ମାମଲାରେ ଦଳଗତ ରାଜନୀତି ନ ହେବା ଉଚିତ ବୋଲି ଶରଦ ପାୱାର କହିଛନ୍ତି।

# ଅସ୍ତ୍ରବିରତିରେ ଆମେରିକାର କୌଣସି ଭୂମିକା ନଥିଲା

ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ସମଗ୍ର ବିଶ୍ୱରେ ପାକିସ୍ତାନର ମୁଖା ଖୋଲିବା ପାଇଁ ଭାରତ ସରକାର ୫୯ ସଦସ୍ୟ ବିଶିଷ୍ଟ ସର୍ବଦଳୀୟ କମିଟି ଗଠନ କରିଛନ୍ତି। ଏହି କମିଟି ବିଭିନ୍ନ ଦେଶକୁ ଯାଇ ପାକିସ୍ତାନ ମିଛ ଏବଂ ଅପପ୍ରଚାରର ପର୍ଦ୍ଦାଫାସ କରିବ। ବିଦେଶ ଯାତ୍ରା ଆରମ୍ଭ କରିବା ପୂର୍ବରୁ ବିଦେଶ ସଚିବ ବିକ୍ରମ ମିଶ୍ରି ସୋମବାର ଏହି ସଂସଦୀୟ କମିଟିକୁ ଭାରତ-ପାକିସ୍ତାନ ସଂଘର୍ଷ ବିଷୟରେ ସୂଚନା ଦେଇଛନ୍ତି। 'ଅପରେସନ ସିନ୍ଦୂର' ଅଧିନରେ କରାଯାଇଥିବା ଏୟାର ଷ୍ଟ୍ରାଇକ ଏବଂ ଗତ ୧୦ ତାରିଖରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଅସ୍ତ୍ରବିରତିର ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ଏହି ବୈଠକରେ କଂଗ୍ରେସ ସାଂସଦ ଶଶୀ ଥରୁର, ରାଜୀବ ଶୁକ୍ଳା, ଦୀପେନ୍ଦ୍ର ହୁଡ୍ଡା, ଟିଏମସିର ଅଭିଷେକ ବାନାର୍ଜୀ, ଏଆଇଏମଆଇଏମ ମୁଖ୍ୟ ଅସଦୁଦ୍ଦିନ ଓୱେସି ଏବଂ ଅରୁଣ ଗୋଭିଲଙ୍କ ଭଳି ସଦସ୍ୟ ଉପସ୍ଥିତ ଥିଲେ।

■ **ଜୟଶଙ୍କରଙ୍କ ନିରବତାକୁ ନେଇ ପୁଣି ପ୍ରଶ୍ନ ଉଠାଇଲେ ରାହୁଲ**

ଥରୁରଙ୍କ ଅଧ୍ୟକ୍ଷତାରେ ୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିବା ଏହି ବୈଠକରେ ସଦସ୍ୟମାନେ ଘଟଣାକୁ ନେଇ ଅନେକ ପ୍ରଶ୍ନ ପଚାରି ଥିଲେ। ଏଥିରେ ଅସ୍ତ୍ରବିରତି, ଆମେରିକା ରାଷ୍ଟ୍ରପତିଙ୍କ ଦାବି, ଆକ୍ରମଣକାରୀ ଆତଙ୍କବାଦୀ କୁଆଡେ ଗଲେ, ପାକିସ୍ତାନକୁ ଏକଘରିକିଆ କରିବା ପାଇଁ କି ପଦକ୍ଷେପ ନିଆଯାଇଛି। ଆଦି ଅନେକ ପ୍ରଶ୍ନ ପଚରା ଯାଇଥିଲା। ଉତ୍ତରରେ ମିଶ୍ରି କହିଥିଲେ ଯେ ଅସ୍ତ୍ରବିରତି ଦ୍ୱିପାକ୍ଷିକ ନିଷ୍ପତ୍ତି ଥିଲା। ଏଥିରେ ଆମେରିକାର କୌଣସି ଭୂମିକା ନ ଥିଲା। ଅପରେସନ ସିନ୍ଦୂର ଆରମ୍ଭ ପୂର୍ବରୁ ପାକିସ୍ତାନକୁ କୁହାଯାଇ ନ ଥିଲା। ପାକିସ୍ତାନ ଚୀନ୍ ଡ୍ରୋନ ବ୍ୟବହାର କରିବା ମଧ୍ୟ କୌଣସି ପ୍ରସଙ୍ଗ ନୁହେଁ। କାରଣ ଏହାର ଜବାବରେ ଭାରତ ପାକିସ୍ତାନ ଏୟାରବେସରେ ଆକ୍ରମଣ କରିଥିଲା। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣିଥରେ ବିଦେଶମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ନିଶାଣ କରିଛନ୍ତି। ସେ ପୁଣି ଦାବି କରିଛନ୍ତି ଯେ କେନ୍ଦ୍ର ସରକାର ଅପରେସନ ସିନ୍ଦୂର ଆରମ୍ଭରେ ପାକିସ୍ତାନକୁ ସୂଚନା ଦେଇଥିଲେ। ଏହା 'ବିଫଳତା' ନୁହେଁ, ବରଂ ଏକ 'ଅପରାଧ'। ଦେଶ ସତ ଜାଣିବା ଆବଶ୍ୟକ। ଏହି ଲଢେଇରେ ଭାରତର କେତେ ବିମାନ ହରାଇଛି ବୋଲି ପଚାରିଛନ୍ତି। ସେ ଏହା ଉପରେ ଜୟଶଙ୍କରଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ନିରବତା ନିନ୍ଦନୀୟ ବୋଲି କହିଛନ୍ତି। ଏହାକୁ ନେଇ ବିଜେପି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ରାହୁଲ ତଥ୍ୟକୁ ସମ୍ପୂର୍ଣ୍ଣ ଭୁଲ ଉପସ୍ଥାପନ କରୁଛନ୍ତି। ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ଏଭଳି ବୋଲି ଅଭିଯୋଗ ଲଗାଯାଇଛି।

# ୪ ଡିସିମିଲ୍ ଜମି ନ ଥିଲେ ଭୂମିହୀନ

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟର ଭୂମିହୀନ ବା ନିଜସ୍ୱ ଘର ନିର୍ମାଣ କରିବାକୁ ଘର ପଟ୍ଟା ନାହିଁ ସେମାନଙ୍କୁ ବସୁନ୍ଧରା ଯୋଜନାରେ ୪ ଡେସିମିଲ୍ ପଟ୍ଟା ଯୋଗାଇ ଦିଆଯିବ। ଏହି କ୍ରମରେ ବର୍ତ୍ତମାନ ସରକାରଙ୍କ କାର୍ଯ୍ୟକାଳ ସରିବା ପୂର୍ବରୁ ରାଜ୍ୟରେ କେହି ଭୂମିହୀନ ରହିବେ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ ରାଜ୍ୟ କେହି ଭୂମିହୀନ ରହିବେ ନାହିଁ। ସମସ୍ତଙ୍କ ପାଖରେ ଘର ନିର୍ମାଣ ପାଇଁ ଅତି କମ୍‌ରେ ୪ ଡେସିମିଲ୍ ଜମି ରହିଥିବ। ରାଜ୍ୟରେ ବର୍ତ୍ତମାନ ବହୁ ଲୋକଙ୍କର ଜମି ରହିଛି। ମାତ୍ର ସେତିକି ଜମି ପର୍ଯ୍ୟାପ୍ତ ନୁହେଁ। ଅନେକ ଲୋକ ଉତ୍ତରାଧିକାରୀ ସୂତ୍ରରେ ଅଧା ଡିସିମିଲ୍ ଜମି ମଧ୍ୟ ପାଇଛନ୍ତି। ମାତ୍ର ଏହା ଘର କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ଭୂମିହୀନ ଲୋକର ପରିଭାଷାକୁ ପରିବର୍ତ୍ତନ କରାଯାଇଛି। ଏହି ଆଧାରରେ ଯେଉଁ ଲୋକଙ୍କ ନିକଟରେ ୪ ଡିସିମିଲ୍ ଜମିରୁ କମ୍ ଜମି ରହିଛି, ତାଙ୍କୁ ମଧ୍ୟ ଭୂମିହୀନ ଭାବେ ଗଣନା କରାଯିବ। ଏହାପରେ ସେମାନଙ୍କୁ ୪ ଡିସିମିଲ୍ ଜମି ପ୍ରଦାନ କରାଯିବ। ଯଦି ଗୋଟିଏ ଲୋକ ପାଖରେ ୨ ଡିସିମିଲ୍ ଜମି ଅଛି, ତେବେ ସରକାର ତାଙ୍କୁ ଆଉ ୨ ଡିସିମିଲ୍ ଜମି ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି। ଏବେ ତହସିଲଦାର ମାନେ ୪ ଡିସିମିଲ୍‌ରୁ କମ୍ ଥିବା ଲୋକମାନଙ୍କୁ ଠାବ କରିବେ ଓ ଏହା ପରେ ଜମି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ହଜାର ହଜାର ଆଦିବାସୀଙ୍କୁ ବାସହରା କରିବ ପୋଲାଭରମ୍

ଭୁବନେଶ୍ୱର,୧୯।୫(ସମିସ): ଆସନ୍ତା ୨୦୨୬ ମସିହା ଅକ୍ଟୋବର ୨୬ ତାରିଖ ସୁଦ୍ଧା ପୋଲାଭରମ୍ ପ୍ରକଳ୍ପ ସାରିବାକୁ ଆନ୍ଧ୍ର ପ୍ରଦେଶ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୨୦୨୪-୨୫ରେ କେନ୍ଦ୍ର ସରକାର ପ୍ରକଳ୍ପ ପାଇଁ ଆନ୍ଧ୍ର ସରକାରଙ୍କୁ ୧୨୧୫୭ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା ପ୍ରଦାନ କରିଥିଲେ ଓ ୨୦୨୫-୨୬ରେ କେନ୍ଦ୍ର ବଜେଟରେ ଏହି ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ୫୯୩୬ କୋଟି ଟଙ୍କାର ସହାୟତା ବ୍ୟବସ୍ଥା କରିଛନ୍ତି। କେବଳ ଆର୍ଥିକ ଅନୁଦାନ ନୁହେଁ, ପ୍ରକଳ୍ପ ଶୀଘ୍ର ସାରିବାକୁ ଗତ ଜାନୁଆରୀ ମାସରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ଆନ୍ଧ୍ର ପ୍ରଦେଶ ଗସ୍ତରେ ଆସି ଆନ୍ଧ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଯାହାକୁ ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶା ବିପୁଳ କ୍ଷତିଗ୍ରସ୍ତ ହେଉଥିବାବେଳେ କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରିଚାଲିଥିବା ମଧ୍ୟ ଅଭିଯୋଗ ହୋଇଛି ।

ଜଳ ବିଶେଷଜ୍ଞ ଇଞ୍ଜିନିୟର ଲଳିତ ପଟ୍ଟନାୟକଙ୍କ ଅନୁଯାୟୀ ପ୍ରକଳ୍ପ ଉଚ୍ଚତା ୧୫୦ ଫୁଟ ହୋଇଥିବାରୁ ୫୦ ଲକ୍ଷ କ୍ୟୁସେକ ବନ୍ୟା ଜଳ ଆସିବାର ଆକଳନ ହୋଇଛି। ଯାହାଫଳରେ



ଓଡ଼ିଶାର ମାଲକାନଗିରି ଜିଲ୍ଲା ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବ। ବିଶେଷକରି ମୋଟୁ ନିକଟରେ ୧୯୪ ଫୁଟ ଉଚ୍ଚତାର ପଛୁଆ ଜଳ ମାଲକାନଗିରି ଜିଲ୍ଲାର ବିଶାଳ ଅଞ୍ଚଳକୁ ଜଳମଗ୍ନ କରିବ। ତେଣୁ କ୍ଷୟକ୍ଷତି ନେଇ ସର୍ଭେ ଏକାନ୍ତ ଜରୁରୀ ହୋଇଥିବା ବେଳେ ଏହାକୁ ବାରମ୍ବାର ଅଗ୍ରାହ୍ୟ କରି ଦିଆଯାଉଛି। ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ଓ ପରିବେଶ ପ୍ରଭାବ ଆକଳନ ପାଇଁ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ପରାମର୍ଶକୁ ଆନ୍ଧ୍ରପ୍ରଦେଶ ସରକାର କର୍ଣ୍ଣପାତ କରିନାହାନ୍ତି । ଏ ସମ୍ପର୍କରେ ବିଜେଡି ବାରମ୍ବାର ଦାବି କରିଥିଲେ ହେଁ, କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଆନ୍ଧ୍ର ଉପରେ ଚାପ ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାର ମଧ୍ୟ ପୋଲାଭରମ ପ୍ରକଳ୍ପ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରିଚାଲିଛନ୍ତି । ନିକଟରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ନିକଟରେ ଏକ ସମୀକ୍ଷା ବୈଠକରେ ପ୍ରକଳ୍ପର ୬୦% କାର୍ଯ୍ୟ ଶେଷ ହୋଇଥିବା ସୂଚନା ଦିଆଯାଇଛି। ତେଲଙ୍ଗାନାରେ ଡବଲ ଇଞ୍ଜିନ ସରକାର ନଥିବା ସତ୍ତ୍ୱେ ପୋଲାଭରମ୍ ପ୍ରକଳ୍ପ କାରଣରୁ ତେଲେଙ୍ଗାନାର କେତେ ଅଞ୍ଚଳ ଜଳମଗ୍ନ ହେବ ସେନେଇ ସର୍ଭେ କରିବାକୁ ସ୍ଥାନୀୟ ସରକାର ସଫଳ ହୋଇଛନ୍ତି। ତେଲେଙ୍ଗାନାର ପ୍ରବଳ ଚାପ ଆଗରେ ପୋଲାଭରମ ପ୍ରକଳ୍ପ ଅଥରିଟି ଓ ଆନ୍ଧ୍ର ସରକାର ମୁଣ୍ଡ ନୁଆଁଇଥିବା ବେଳେ ତେଲେଙ୍ଗାନା ଅଞ୍ଚଳରେ କରାଗଲା। ଏହାକୁ ରାଷ୍ଟ୍ରୀୟ ପ୍ରକଳ୍ପର ମାନ୍ୟତା ସହ ଅଯାଚିତ ଭାବେ ଅର୍ଥ ମଧ୍ୟ ପ୍ରଦାନ କରାଗଲା। ଯାହା ପାଇଁ ଓଡ଼ିଶା ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ମଧ୍ୟ ଓଡ଼ିଶାର ସ୍ୱାର୍ଥକୁ ପ୍ରାଥମିକତା ଦେଇ ଆନ୍ଧ୍ର ସହ ଆଲୋଚନା କରିବାକୁ ଦାବି କରିଛି ।

- ମାଲକାନଗିରି ଜିଲ୍ଲାକୁ ବୁଡ଼ାଇବ ପଛୁଆ ପାଣି: ବିଶେଷଜ୍ଞ
- ସଂଘୀୟ ବ୍ୟବସ୍ଥାରେ ଓଡ଼ିଶା ପାତରଅନ୍ତର ଶିକାର : ପ୍ରସନ୍ନ
- ଓଡ଼ିଶାର ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ: ଆଇନ ମନ୍ତ୍ରୀ

ମ୍ୟାପିଂ କରିବାକୁ ବଡ଼ ନିଷ୍ପତ୍ତି ନିଆଯାଇଛି। ମାତ୍ର ଓଡ଼ିଶାର କ୍ରମାଗତ ଦାବି ସତ୍ତ୍ୱେ ପ୍ରକଳ୍ପର ପଛୁଆ ପାଣି ଯୋଗୁଁ କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ ।

ଏ ସମ୍ପର୍କରେ ବିଜେଡି ବିଧାୟକ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଅତୀତରେ ବିଜେଡି ସରକାର ସମୟରେ ଏନେଇ ଆମେ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ; ମାତ୍ର ଆମ କଥା ଶୁଣାଗଲା ନାହିଁ। ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ରାଜ୍ୟ ମଧ୍ୟରେ ପାତରଅନ୍ତର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ନିକଟରେ ଏ ସମ୍ପର୍କରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ସରକାର ସବୁପ୍ରକାର ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁଥିବା ବୈଠକରେ ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ତଥ୍ୟ ବୈଠକରେ ଉପସ୍ଥାପିତ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

### ■ ସଂରକ୍ଷିତ ଜଙ୍ଗଲରୁ ଗଛକଟା

# ଏନ୍‌ଜିଟିଙ୍କ ରିପୋର୍ଟ ତଲବ

କଟକ, ୧୯।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅଧୀନ ବଡ଼ପାରି ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଗଛ କଟାଯାଉଥିବା ଅଭିଯୋଗରେ ରୁଜୁ ମାମଲାକୁ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି ଜାତୀୟ ଗ୍ରୀନ ଟ୍ରିବୁନାଲ(ଏନଜିଟି)। ଦୀର୍ଘ ୫୦ବର୍ଷରୁ ଅଧିକ ସମୟ ଧରି ଏହି ଜଙ୍ଗଲ ରକ୍ଷଣାବେକ୍ଷଣ କରିଆସୁଥିବା ବଡ଼ପାରିର ଗିରି ଗୋବର୍ଦ୍ଧନ ଜଙ୍ଗଲ କମିଟି ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି ଏନ୍‌ଜିଟି। ଆସନ୍ତା ୪ ସପ୍ତାହ ଭିତରେ ଖୋର୍ଦ୍ଧା ଜିଲ୍ଲାପାଳ ଓ ଡିଏଫ୍‌ଓଙ୍କୁ ନେଇ ଗଠିତ କମିଟି ଘଟଣାସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ ରିପୋର୍ଟ ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ମାମଲାରୁ ପ୍ରକାଶ, ବଡ଼ପାରି ଜଙ୍ଗଲ ପ୍ରାୟ ୭୦୦ ଏକର ପରିମିତ ଅଞ୍ଚଳକୁ ନେଇ ଅବସ୍ଥିତ। ଏଥିରେ ପ୍ରାୟ ୫୦ ଏକର ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ରହିଛି। ଗ୍ରାମବାସୀମାନେ ନିଜସ୍ୱ ଜମିକୁ ଜଙ୍ଗଲ ପାଇଁ ଛାଡ଼ି ଆସିଛନ୍ତି ଓ ପାରମ୍ପରିକ ଭାବେ ସମସ୍ତେ ଜଗା ରଖା କରି ଆସୁଛନ୍ତି। ଇତିମଧ୍ୟରେ ଜନୈକ ବ୍ୟକ୍ତି ନିଜସ୍ୱ ଜମି ଆଳରେ ଉକ୍ତ ଜଙ୍ଗଲ ଜମି ସଫା କରି ତାହାକୁ ପ୍ଲଟ କରି ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ବିରୋଧ କରି ଗ୍ରାମର ଜଙ୍ଗଲ କମିଟି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୮ କୁ ସ୍ଥିର କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଆଗକୁ ବଢୁଛି ମୌସୁମୀ

ଭୁବନେଶ୍ୱର,୧୯।୫(ସମିସ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ି ଚାଲିଛି। ସୋମବାର ମୌସୁମୀ ଦକ୍ଷିଣ ଆରବ ସାଗରର ଆହୁରି ଅନେକ ଅଞ୍ଚଳ, ମାଳଦୀପ ଏବଂ କୋମରିନ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗର, କେନ୍ଦ୍ରୀୟ ବଙ୍ଗୋପସାଗରର ଆହୁରି କିଛି ଅଞ୍ଚଳ ସହ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି। ପରିସ୍ଥିତି ଅନୁକୂଳ ରହିଥିବାରୁ ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ଦକ୍ଷିଣ ଆରବ ସାଗରର ଆହୁରି କିଛି ଅଂଶ, ମାଳଦ୍ୱୀପ ଏବଂ କୋମୋରିନ୍‌ର ବାକି ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗରର, କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଂଶରେ ପ୍ରବେଶ କରିବାର ଆଶା ସୃଷ୍ଟି ହୋଇଛି।

**ବୁଧବାରଠାରୁ ବଢ଼ିବ କାଳବୈଶାଖୀ ପ୍ରଭାବ**

ଅନ୍ୟପଟେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ସ୍ଥିତି ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ପ୍ରତିଦିନ ଅପରାହ୍ଣ ପରେ କାଳବୈଶାଖୀଜନିତ ସ୍ଥିତି ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି। ଏଭଳି ସ୍ଥିତି ଆହୁରି ୫ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଏହି ସମୟରେ ଅନେକ ସ୍ଥାନରେ ବଜ୍ରପାତ ଆଶଙ୍କା କରି ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି। ପାଣିପାଗ କେନ୍ଦ୍ରର ପରାମର୍ଶ ଅନୁଯାୟୀ ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ବ୍ୟାପକ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନର ବେଗ ୪୦-୫୦ କିମି ରହିବା ନେଇ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। କାଳବୈଶାଖୀର ପ୍ରଭାବ ବୁଧବାରଠାରୁ ବଢ଼ିବା ସହ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟରେ ଅନେକ ସ୍ଥାନରେ ବର୍ଷାର ମାତ୍ରା ବୃଦ୍ଧି ସାଙ୍ଗକୁ ପବନର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏମିତି କି ଅନେକ ସ୍ଥାନରେ ପବନର ବେଗ ୬୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ବୁଧବାରଠାରୁ ପରବର୍ତ୍ତୀ ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। କାଳବୈଶାଖୀ ପ୍ରଭାବ ମଧ୍ୟରେ ମଙ୍ଗଳବାର କିଛି କିଛି ସ୍ଥାନରେ ପ୍ରବଳ ଗୁଳୁଗୁଳି ନେଇ ମଧ୍ୟ ଆଶଙ୍କା ରହିଛି।

# ରାଜ୍ୟରୁ ବିଦାହେବେ ବାଂଲାଦେଶୀ

ଭୁବନେଶ୍ୱର,୧୯।୫(ସମିସ): ପାକିସ୍ତାନ ସହିତ ଭାରତର ତିକ୍ତତା ବଢ଼ିବା ପରେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ଦୀର୍ଘମିଆଦ ଭିସା ରଦ୍ଦ କରି ଦେଶରୁ ପାକିସ୍ତାନୀ ନାଗରିକଙ୍କୁ ବିଦା କରିଥିବାବେଳେ ଏବେ ପଡ଼ୋଶୀ ବାଂଲାଦେଶ ନାଗରିକଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହି କ୍ରମରେ ରାଜ୍ୟ ସରକାର ଦୀର୍ଘଦିନ ଧରି ବେଆଇନ ଭାବେ ବସବାସ କରୁଥିବା ଏବଂ ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ଥିବା ବାଂଲାଦେଶୀମାନଙ୍କୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଓଡ଼ିଶାରେ ବେଆଇନ୍ ଭାବେ ରହୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଉଛି। ବିଶେଷକରି ବାଂଲାଦେଶୀଙ୍କ ହଟ୍‌ସ୍ପଟ୍ ପାଲଟିଥିବା ଓଡ଼ିଶାର ତଟବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବେଆଇନ୍ ବାଙ୍ଗଲାଦେଶୀ ଚିହ୍ନଟ କରାଯାଉଛି। ରାଜ୍ୟରୁ ଖୁବ୍‌ଶୀଘ୍ର ସେମାନଙ୍କୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୋଡାଲ

**ଏସ୍‌ଟିଏଫ୍‌କୁ ନୋଡାଲ୍ ଏଜେନ୍ସି ଦାୟିତ୍ୱ**

**ସବୁ ଜିଲ୍ଲାରେ ଆରମ୍ଭ ହେଲା ଚିହ୍ନଟ ପକ୍ରିୟା**

ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ଏସ୍‌ଟିଏଫ୍। ବାଙ୍ଗଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏନେଇ ଏସ୍‌ଟିଏଫ ଡିଆଇଜି ପିନାକ ମିଶ୍ର କହିଛନ୍ତି ଯେ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ, ସବୁ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ତଟବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜଗତସିଂହପୁର, ପୁରୀ, ଗଞ୍ଜାମରେ ବି ଚିହ୍ନଟ ନେଇ ଧରପଗଡ଼ ହେଉଛି। ଚିହ୍ନଟ କରିବା ପକ୍ରିୟାରେ ବିଶେଷକରି ସ୍ଥାନୀୟ ସରପଞ୍ଚ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ ନିଆଯାଉଛି। ଅନେକ ବାଂଲାଦେଶୀ ଜଳପଥ ଦେଇ ଓଡ଼ିଶାରେ ପ୍ରବେଶ କରୁଛନ୍ତି। ତେଣୁ ସେମାନଙ୍କୁ ଧରିବା ପାଇଁ ଜଳପଥରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ। ଏଥିପାଇଁ ପାରାଦ୍ୱୀପ, ବାଲେଶ୍ୱର, ପୁରୀ ଆଦି ଉପକୂଳ ଜିଲ୍ଲାର ମେରାଇନ୍ ଥାନାକୁ ଆଲର୍ଟ କରାଯାଇଛି। ଯଦି କୌଣସି ସନ୍ଦିଗ୍ଧ ବୋର୍ଟ ତଟବର୍ତ୍ତୀ ଅଞ୍ଚଳରେ ଦୃଶ୍ୟମାନ ହୁଏ, ତେବେ ତୁରନ୍ତ ତାକୁ ଅଟକାଇ ପରିଚୟପତ୍ର ଯାଞ୍ଚ କରାଯିବ।

ଏଥିସହିତ ରାଜଧାନୀ ଭୁବନେଶ୍ୱରରେ ଏକାଧିକ ବାଂଲାଦେଶୀ ରହିଛନ୍ତି। ସେମାନେ ୟୁନିଟ-୩ ଏବଂ ସହରର ଅନେକ ବସ୍ତିରେ ଘର କରି ରହିଛନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରିବା ପାଇଁ ଗତକାଲି ଡିସିପି ଜଗମୋହନ ମୀନା କ୍ରାଇମ୍ ମିଟିଂରେ ସବୁ ଥାନା ଅଧିକାରୀ ଏବଂ ଏସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଏବେ ଥାନା ଅଧିକାରୀ ବସ୍ତି ବସ୍ତି ଯାଇ ବାଂଲାଦେଶୀଙ୍କୁ ଚିହ୍ନଟ କରିବ। ବଡ଼ କଥା ହେଲା, ରାଜଧାନୀରେ ଘଟୁଥିବା ଏକାଧିକ ଅପରାଧରେ ବାଂଲାଦେଶୀଙ୍କ ହାତ ରହୁଛି। ତେଣୁ ସେମାନଙ୍କୁ ଚିହ୍ନଟ କରି ନିଜ ଦେଶକୁ ପଠାଇଦେଲେ ରାଜ୍ୟରେ ଅପରାଧ କମିବ ବୋଲି ଡିସିପି କହିଛନ୍ତି।

# ବାଲ୍‌ତିରେ ପିଟି ମନ୍ଦିର ପୂଜକଙ୍କୁ ହତ୍ୟା

ସେମିଳିଗୁଡ଼ା/ସୁନାବେଡ଼ା,୧୯।୫(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ଥାନା ଅଧୀନ କାକିଗାଁରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ମନ୍ଦିର ପୂଜକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, କାକିଗାଁ ଗ୍ରାମର ଶଙ୍କରରାଦ୍ଧିଓରଫ୍ ଏଲିସ୍ ମୁର୍ଷା(୩୬)।ଅଭିଯୁକ୍ତମାନେ ତାଙ୍କୁ ବାଲ୍‌ତି ଓ ବଳାରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ସୁନାବେଡ଼ା ପୁଲିସ୍ ଶବକୁ ଜବତ କରି କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ନମ୍ବର ୯୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଅପରପକ୍ଷେ, ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଦୁଇ ଅଭିଯୁକ୍ତ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଦେବ ବଦଲିଗୁଡ଼ିଆ ଓ ଲକ୍ଷ୍ମୀଧର ନାୟକ। ପୁଲିସ୍ ଦୁହିଁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେହିପରି ଏହି ହତ୍ୟାକାଣ୍ଡକୁ କେନ୍ଦ୍ର କରି କାକିଗାଁ ଗାଁରେ ତୀବ୍ର ଉତ୍ତେଜନା ଦେଖାଦେଇଛି।

ସୁନାବେଡ଼ା ଏସ୍‌ଡିପିଓ ସୁମିତ୍ରା ଜେନାଙ୍କ ସୂଚନାନୁଯାୟୀ, ସେମିଳିଗୁଡ଼ା ନିକଟସ୍ଥ କାକିଗାଁ ଗାଁର ଶଙ୍କର ଜଣେ କିନ୍ନର। ସେ ଗ୍ରାମଦେବୀଙ୍କ ମନ୍ଦିରରେ ଦୀର୍ଘ ଦିନ ହେବ ପୂଜାର୍ଚ୍ଚନା କରି ଆସୁଥିଲେ। ପୂଜାପାଠକୁ କେନ୍ଦ୍ର କରି ପଡ଼ୋଶୀ ଦେବ ବଦଲିଗୁଡ଼ିଆଙ୍କ ସହ ତାଙ୍କର ମନୋମାଳିନ୍ୟ ରହିଥିଲା। ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଶଙ୍କର ମନ୍ଦିରରୁ ଘରକୁ ଫେରୁଥିବା ବେଳେ ଘର ସାମ୍ନାରେ ବସିଥିବା ଦେବଙ୍କ ସହ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦେବ ଓ ତାଙ୍କ ସହଯୋଗୀ ଲକ୍ଷ୍ମୀଧର ହାତରେ ପିନ୍ଧିଥିବା ବଳା ଓ ଏକ ଲୁହା ବାଲ୍‌ତିରେ ଶଙ୍କରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦେବ ଲୁହା ବଳାରେ ଶଙ୍କରଙ୍କ ମୁଣ୍ଡକୁ ଏକାଧିକଥର ଶକ୍ତ ଆଘାତ ଦେବାରୁ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଏହା ଦେଖି ଅଭିଯୁକ୍ତଦ୍ୱୟ ସେଠାରୁ ଫେରାର୍ ହୋଇଯାଇଥିଲେ। କିଛି ସମୟ ପରେ ଶଙ୍କରଙ୍କ ଭାଇ ସଞ୍ଜିତ ଘଟଣାସ୍ଥଳରେ ପହଞ୍ଚି ଶଙ୍କରଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ସୁନାବେଡ଼ା ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅପରପକ୍ଷେ, ବିଳମ୍ବିତ ରାତ୍ରିରେ ଅଭିଯକ୍ତଦ୍ୱୟ ସୁନାବେଡ଼ା ଥାନାରେ ଆତ୍ମସମର୍ପଣ କରିଥିଲେ।

### ■ ଫନି କ୍ଷତିଗ୍ରସ୍ତଙ୍କ ସହାୟତା ରାଶି ହଡ଼ପ ଅଭିଯୋଗ

# ପୁରୀ ଏସ୍‌ପିଙ୍କୁ ଓଏଚ୍‌ଆର୍‌ସିଙ୍କ ଜବାବ ତଲବ

କଟକ, ୧୯।୫ (ସମିସ): ଗତ ଫନି ବ୍ୟାତ୍ୟାରେ କ୍ଷତିଗ୍ରସ୍ତ ଜନୈକ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ଅନୁକମ୍ପାମୂଳକ ସହାୟତା ରାଶିକୁ ବ୍ୟାଙ୍କରୁ ହଡ଼ପ କରାଯାଇଥିବା ଅଭିଯୋଗରେ ରୁଜୁ ମାମଲାକୁ ଓଡ଼ିଶା ମାନବାଧିକାର କମିସନ୍ (ଓଏଚଆରସି) ବିଚାର ପାଇଁ ଗ୍ରହଣ କରିଛନ୍ତି। ଏଥିସହ ପୁରୀ ଏସ୍‌ପିଙ୍କ ନିକଟରୁ ଏହି ପ୍ରସଙ୍ଗରେ ରିପୋର୍ଟ ତଲବ କରିଛନ୍ତି ମାନବାଧିକାର କମିସନ। ୭୭ ବର୍ଷୀୟ ଗୁଣ୍ଡିଚା ବେହେରାଙ୍କ ଆବେଦନର ଶୁଣାଣି କରି କମିସନ୍ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପୁରୀ ଜିଲ୍ଲା ପିପିଲି ତହସିଲ ଅନ୍ତର୍ଗତ ଦକ୍ଷିଣସାହିଛକ ବାସିନ୍ଦା ଗୁଣ୍ଡିଚାଙ୍କ ମାଟି ଘର ଗତ ୨୦୧୯ ର ଫନି ବାତ୍ୟାରେ ଭାଙ୍ଗି ଯାଇଥିଲା। ସରକାରଙ୍କ ପକ୍ଷରୁ ଏଥିପାଇଁ ୯୫ହଜାର ଟଙ୍କାର ଅନୁକମ୍ପାମୂଳକ ସାହାଯତା ରାଶି ତାଙ୍କ ସାତଶଙ୍ଖ ଛକରେ ଥିବା ଜାତୀୟକରଣ ବ୍ୟାଙ୍କ ଖାତାରେ ୨୦୨୦, ଫେବ୍ରୁଆରି ୨୯ରେ ଜମା ହୋଇଥିଲା। ତେବେ ପିପିଲି ତହସିଲଦାରଙ୍କ ବ୍ୟାଙ୍କ ଖାତା ଅଚଳ କରାଯାଇଥବା ହେତୁ ଏହି ଟଙ୍କାକୁ ଉଠାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅନୁମତି ଦେଇ ନଥିଲେ। ଆବେଦନକାରୀ ଏ ନେଇ ପିପିଲି ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବାରୁ ତାଙ୍କ ବ୍ୟାଙ୍କ ଖାତା ସଚଳ ଅଛି ଓ ଏହାକୁ ଅଚଳ କରିବାକୁ କିଛି ନିର୍ଦ୍ଦେଶ ନଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଆବେଦନକାରୀ ପରେ ଉକ୍ତ ବ୍ୟାଙ୍କ ଶାଖାରେ ଯାଇ ଯୋଗାଯୋଗ କରିବା ପରେ ଗତ୨୦୨୦, ମାର୍ଚ୍ଚ ୧୩ରେ ତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଯାଇ ସାରିଛି ବୋଲ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ସେ ଟଙ୍କା ଉଠାଇନଥିବା ବେଳେ ତାଙ୍କ ବ୍ୟାଙ୍କ ଖାତାରୁ ଚଞ୍ଚକତା କରି ଅନ୍ୟ କେହି ଟଙ୍କା ନେଇ ଯାଇଥିବା ପିପିଲି ଥାନାରେ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଇନଜୀବୀ ଅଖଣ୍ଡ ଓ ବର୍ଷା ସ୍ୱାଇଁ ସହାୟତା କରୁଛନ୍ତି।

### ■ ରଥଖଳାରୁ...

# ଡେରାହେଲା ଚକ ଅଖ



ପୁରୀ,୧୯।୫(ସମିସ): ସୋମବାର ଥିଲା ଶ୍ରୀକ୍ଷେତ୍ର ଭଉଁରୀ। ପରମ୍ପରା ଅନୁଯାୟୀ ଏହି ପବିତ୍ର ତିଥିରେ ରଥଖଳାରେ ୩ଟି ଅଖ ସହ ଛଅଟି ଚକ ସଂଯୋଗ ପୂର୍ବକ ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ପ୍ରଥମେ ୩ଟି ଅଖ ଏବଂ ୬ଟି ଚକର ଅଖ ବିନ୍ଧରେ ତେଲ ଦିଆଯାଇଥିଲା। ସିଂହଦ୍ୱାର ସମ୍ମୁଖ କୂଅରୁ ପାଣି ଅଣାଯାଇ ଡେରା ପାଇଁ ରହିଥିବା ଚକ ଏବଂ ଅଖକୁ ସ୍ନାନ କରାଯାଇଥିଲା। ୬ଟି ଚକ ପଦାରିରେ କମାର ସେବକମାନେ ନଡ଼ିଆ ଭାଙ୍ଗି ଯୋକିଆ କଣ୍ଟା ବାଡ଼େଇଥିଲେ। ସେପଟେ ଶ୍ରୀମନ୍ଦିରରେ ପୂର୍ବାହ୍ନ ୧୧ଟା ୧୦ରେ ସକାଳ ଧୂପ ଶେଷ ହୋଇଥିଲା। ପରେ ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଛତି, ତରାଶ, କାହାଳି ସହ ପଟୁଆରରେ ରତ୍ନସିଂହାସନରୁ ଶ୍ରୀବିଗ୍ରହମାନଙ୍କ ୩ଟି ଆଜ୍ଞାମାଳ ନେଇ ରଥଖଳା ଅଭିମୁଖେ ବାହାରିଥିଲେ।

ବଡ଼ଠାକୁରଙ୍କ ବାଡ଼ରୁ ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ସାମନ୍ତ, ଦେବୀ ସୁଭଦ୍ରାଙ୍କ ବାଡ଼ରୁ ଗୋପବନ୍ଧୁ ପୂଜାପଣ୍ଡା ସାମନ୍ତ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରୁ ବିଶ୍ୱନାଥ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଆସିଥିଲେ। ପ୍ରଥମେ ଶ୍ରୀନଅରକୁ ଯାଇ ନିର୍ଦ୍ଦେଶ ପାଇବା ପରେ ରଥଖଳାରେ ପହଞ୍ଚିଥିଲେ। ଏହାପରେ ଭୋଇ ସେବକମାନେ ପ୍ରଥମେ ତାଳଧ୍ୱଜ ରଥର ଚକ ସହିତ ଅଖ ସଂଯୋଗ କରି ଡେରିଥିଲେ। ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥର ଚକଡେରା ସମ୍ପନ୍ନ ହୋଇଥିଲା। ରଥ ନିର୍ମାଣକାରୀ ସେବକଙ୍କ ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ବଡ଼ଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

ଚକଡେରା କାର୍ଯ୍ୟ ସମ୍ପନ୍ନ ହେବା ପରେ ତିନିଜଣ ପୂଜାପଣ୍ଡା ସାମନ୍ତ ଡେରା ଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରିଥିଲେ। ପ୍ରଥମେ ତାଳଧ୍ୱଜ ରଥରେ ଆଜ୍ଞାମାଳ ଦିଆଯାଇଥିଲା। ପରେ ନନ୍ଦିଘୋଷ ରଥ ଏବଂ ଶେଷରେ ଦର୍ପଦଳନ ରଥର ଡେରାଯାଇଥିବା ଚକରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ପରେ ତିନିରଥର ମୁଖ୍ୟ ମହାରଣାମାନେ ମହାପ୍ରଭୁଙ୍କୁ ପ୍ରଣାମ କରି ଚକରେ ଲାଗି ହୋଇଥିବା ଆଜ୍ଞାମାଳକୁ କାଢ଼ି ରଥଖଳା ସମ୍ମୁଖରେ ଥିବା ମା' ଚର୍ଚ୍ଚିକାଙ୍କ ପୀଠକୁ ନେଇଥିଲେ। ୩ଟି ଯାକ ଆଜ୍ଞାମାଳ ମା' ଚର୍ଚ୍ଚିକାଙ୍କୁ ଲାଗି କରାଯାଇଥିଲା। ଏହାପରେ ମହାରଣାମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ଫେରିଥିଲେ।

ସୋମବାର ଚକଡେରା ନୀତିରେ ଭୋଇ ସେବକ ପ୍ରଥମ ହରିବୋଲ ପକାଇଛନ୍ତି। ରଥ ନିର୍ମାଣ ଶେଷ ପର୍ଯ୍ୟନ୍ତ ବିଧି ଅନୁଯାୟୀ ଆଉ ୮ଟି ହରିବୋଲ ପକାଯିବ ବୋଲି ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି।

### ନିର୍ଦ୍ଧାରିତ ସମୟରେ ହୋଇ ପାରିଲାନି ନୂଆ କୁଳପତି ନିଯୁକ୍ତି

# ପୁଣି ବର୍ଷେ ବଢ଼ିବ କେବଳ 'ଉତ୍କଳ' କୁଳପତିଙ୍କ କାର୍ଯ୍ୟକାଳ !

ଭୁବନେଶ୍ୱର,୧୯।୫(ସମିସ): ରାଜ୍ୟର ୭ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି । ଅସ୍ଥାୟୀ ଦାୟିତ୍ୱରେ ଥିବା କୁଳପତିମାନେ ବିଶ୍ୱବିଦ୍ୟାଳୟ ଚଳାଉଛନ୍ତି। ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ରାଜ୍ୟରେ ଲାଗୁ ହୋଇଥିଲେ ମଧ୍ୟ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ନାହିଁ ଓ କେବେ ସୁଦ୍ଧା ନୂଆ କୁଳପତି ନିଯୁକ୍ତି ପାଇବେ ତାହା ମଧ୍ୟ ସ୍ପଷ୍ଟ ନୁହେଁ। ପୁଣି ନୂଆ ବିଶ୍ୱବିଦ୍ୟାଳୟ ନିୟମ ଅନୁସାରେ ସରକାର ଯାହାକୁ ଚାହିଁବେ ତାକୁ କୁଳପତି ନିଯୁକ୍ତି କରିବାର କ୍ଷମତା ରଖିଥିବାରୁ ଏହି ପଦ ପାଇଁ ଯୋଗ୍ୟ ବ୍ୟକ୍ତିମାନଙ୍କ ସନ୍ଧାନ କାର୍ଯ୍ୟ ଶେଷ ହୋଇ ପାରୁନାହିଁ । ଏହି ପରିପ୍ରେକ୍ଷୀରେ ନୂଆ କୁଳପତି ନିଯୁକ୍ତିରେ ଉଚ୍ଚଶିକ୍ଷା ବିଭାଗ ବିଫଳ ହୋଇଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବାକୁ ସବୁଜ ସଙ୍କେତ ଦେଇଛି କୁଳାଧିପତିଙ୍କ କାର୍ଯ୍ୟାଳୟ। ରାଜଭବନ ପକ୍ଷରୁ ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖାଯାଇଛି। ତେବେ ସ୍ଥାୟୀ କୁଳପତି ନ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରତିଷ୍ଠାନର ବରିଷ୍ଠ ପ୍ରଫେସର ବା ନିକଟସ୍ଥ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଉଥିବାବେଳେ ଉତ୍କଳ କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି ପରାମର୍ଶକୁ ଅନେକ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ବିଭାଗର କିଛି ବରିଷ୍ଠ ଅଧିକାରୀ ଓ ବିଶ୍ୱବିଦ୍ୟାଳୟର କିଛି ପ୍ରଫେସର ଏହାକୁ ନେଇ ଆପତ୍ତି କରିଥିବା ମଧ୍ୟ ସୂଚନା ମିଳିଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ୪ବର୍ଷିଆ କାର୍ଯ୍ୟକାଳ ଗତ ନଭେମ୍ବର ମାସରେ ଶେଷ ହୋଇଥିଲା। ଏହାପରେ ତିନି କୁଳପତିଙ୍କ କାର୍ଯ୍ୟକାଳ ୬ମାସ ବୃଦ୍ଧି କରାଯାଇଥିଲା। ଇତି ମଧ୍ୟରେ ରମାଦେବୀ ବିଶ୍ୱବିଦ୍ୟାଳୟ ଓ ଜିଏମ୍ ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେଇଛନ୍ତି । ସେମାନଙ୍କ ସ୍ଥାନରେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଅସ୍ଥାୟୀ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା ୨୩ ତାରିଖରେ ଉତ୍କଳ କୁଳପତିଙ୍କ କାର୍ଯ୍ୟକାଳ ଶେଷ ହେବ । ତେଣୁ ତାଙ୍କ ସ୍ଥାନରେ ନୂଆ କୁଳପତିଙ୍କୁ ନିଯୁକ୍ତି ଦିଆଯିବା ଜରୁରୀ । ମାତ୍ର ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ରାଜଭବନ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଆହୁରି ଏକ ବର୍ଷ ବୃଦ୍ଧି କରାଯିବାକୁ ପରାମର୍ଶ ଦିଆଯାଇଛି । ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଓ ବିଶ୍ୱବିଦ୍ୟାଳୟର ଅନେକ ବରିଷ୍ଠ ପ୍ରଫେସର, ଶିକ୍ଷାବିତ୍ ଭୃକୁଞ୍ଚନ କରିଛନ୍ତି ।

**୭ ବିଶ୍ୱବିଦ୍ୟାଳୟରେ ନାହାନ୍ତି ସ୍ଥାୟୀ କୁଳପତି**

### ଅତିଷ୍ଠ କରୁଛି ଅଘୋଷିତ ବିଦ୍ୟୁତ୍ କାଟ୍

# ଆନ୍ଦୋଳନକୁ ଓହ୍ଲାଇଲା ମୁରିବାହାଲ ବିକାଶ ମଞ୍ଚ

**ମୁରିବାହାଲ, ୧୯।୫(ସମିସ)**



ବାରମ୍ବାର ବିଦ୍ୟୁତ୍ ସମସ୍ୟା ନେଇ ବିଦ୍ୟୁତ୍ ଅଫିସ୍ ଘେରିଛି ମୁରିବାହାଲ ବିକାଶ ମଞ୍ଚ। ମୁରିବାହାଲ ସଦର ମହକୁମାରେ ଥିବା ଗ୍ରୀଡ୍‌ର ବିଦ୍ୟୁତ ଅଫିସକୁ ବିକାଶ ମଞ୍ଚ ମୁରିବାହାଲର ସଭାପତି ଫାଲ୍ଗୁନୀ ହାତୀଙ୍କ ନେତୃତ୍ୱରେ ଏହି ଘେରଉ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମୁରିବାହାଲ ବିଦ୍ୟୁତ ବିଭାଗ ଅଫିସର ଜୁନେଦ ଖାନ୍‌ଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁରିବାହାଲ ଗ୍ରୀଡ୍ ଅଞ୍ଚଳରେ ଦୀର୍ଘ ଦିନ ଧରି ଟାଟା ପାୱାରର ମନମାନୀ କାର୍ଯ୍ୟ ଯୋଗୁଁ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଦ୍ୟୁତ ଉପଭୋକ୍ତା। ବିଦ୍ୟୁତ ବିଭାଗ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଏହାର ସମାଧାନ ହେଉନାହିଁ। ଅଞ୍ଚଳରେ ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ କାଟ ହେବା ସହିତ ନୂତନ ବିଦ୍ୟୁତ ଉପଭୋକ୍ତାମାନେ ମାସ ମାସ ଧରି ଟଙ୍କା ଦେଲେ ମଧ୍ୟ ନୂତନ କନେକ୍ସନ ଦିଆଯାଉନାହିଁ। ଅତ୍ୟଧିକ ଖରା ଯୋଗୁଁ ଚାଷୀମାନେ ନାହିଁ ନ ଥିବାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ କର୍ମଚାରୀ ମାନେ ବିଦ୍ୟୁତ ବିଲ ଜୋର ଜବରଦସ୍ତ ଆଦାୟ କରୁଥିବା ଓ ଘରେ ଥିବା ମହିଳା ମାନଙ୍କୁ ଦୁର୍ବ୍ୟବହାର, ହଇରାଣ, ବିଦ୍ୟୁତ କଟାଯିବ ବୋଲି ଧମକ ଦେବା ଭଳି ଅନେକ ଗ୍ରାମରୁ ଅଭିଯୋଗ ହୋଇଛି। ବିଦ୍ୟୁତ ଅଧିକାରୀ ଓ କର୍ମଚାରୀମାନେ କୌଣସି ଅସୁବିଧା ହେଲେ ଫୋନ ରିସିଭ ନକରୁଥିବା ଅଭିଯୋଗ ହେଉଛି। ବିଦ୍ୟୁତ ବିଲ ବ୍ୟବହାରରୁ ଅଧିକ ଆସୁଥିବା ମଧ୍ୟ ଅଭିଯୋଗ ହେଉଥିବା ନେଇ ବିଦ୍ୟୁତ ଅଫିସ ଘେରାଉ କରାଯାଇଛି। ବିଦ୍ୟୁତ ଅଧିକାରୀ ଯୁବେଦ ଖାନ ଦାବୀ ପତ୍ର ଗ୍ରହଣ କରି ଆଗାମୀ ଦିନରେ ଏହିଭଳି ଅଭିଯୋଗ ହେବାକୁ ଦେବୁ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମସ୍ୟା ସମାଧାନ ନହେଲେ ବିକାଶ ମଞ୍ଚ ମୁରିବାହାଲ ବ୍ଲକର କର୍ମକର୍ତ୍ତା ଓ ଅଞ୍ଚଳବାସୀ ଚେତାବନୀ ଦେଇଥିଲେ। ଘେରଉରେ ବିକାଶ ମଞ୍ଚର ସଭାପତି ଫାଲ୍ଗୁନୀ ହାତୀ, ସମ୍ପାଦକ ଅମରେଶ ମାଝୀ, କୋଷାଧକ୍ଷ ହରିଦାସ ତାଣ୍ଡି, ମଦନ, ପିଙ୍କୁ ବାଗ, ସୁରେଶ ସାହୁ, ଜୟନ୍ତ ସାହୁ ସମସ୍ତ କର୍ମକର୍ତ୍ତା ଓ ଅଞ୍ଚଳବାସୀ ସହଯୋଗ କରିଥିଲେ।

# ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ: ସ୍ୱାସ୍ଥ୍ୟ ବିଭାଗ ଚୁପ୍

**କଣ୍ଟାବାଞ୍ଜି, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲାର ମୁରିବାହାଲ, ବଙ୍ଗୋମୁଣ୍ଡ, ତୁରେକେଲା ବ୍ଲକ ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ନକଲି ଡାକ୍ତରଙ୍କ ବିରୋଧରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାନୁଷ୍ଠାନ ହେଉନଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗତ କିଛି ଦିନ ତଳେ ବଙ୍ଗୋମୁଣ୍ଡାଠାରେ ଜଣେ ଫାର୍ମାସିଷ୍ଟ ନିଜକୁ ଡାକ୍ତର ପରିଚୟ ଦେଇ ଏକ ଔଷଧ ଦୋକାନ କରିବା ସହ ରୋଗୀ ଚିକିତ୍ସା କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହାପରେ ସିନ୍ଧେକେଲା ସିଏଚସି ଅଧୀକ୍ଷକ ଡ.ଜୟନ୍ତ ବାଗ ବିଭାଗୀୟ ଅଧିକାରୀ ସହ ଔଷଧ ଦୋକାନ ଓ କ୍ଲିନିକ୍ ଯାଞ୍ଚ କରି ସମ୍ପୃକ୍ତ ଫାର୍ମାସିଷ୍ଟ ସାର୍ଟିଫିକେଟ ଯାଞ୍ଚ ପାଇଁ ପଠେଇ ଦିଆଯାଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ଠାରେ ଜଣେ ପଶ୍ଚିମବଙ୍ଗ ଅଞ୍ଚଳର ପଳାସ ବିଶ୍ୱାସ ନାମକ ନକଲି ଡାକ୍ତର ଦୀର୍ଘବର୍ଷ ହେଲା କ୍ଲିନିକ ଖୋଲି ଡାକ୍ତର ପରିଚୟ ଦେଇ ରୋଗୀ ସେବା ନାରେ ଲୋକଙ୍କୁ ଲୁଟି ଆସୁଥିଲା। ଏନେଇ ସେତେବେଳ ପୁଲିସ ତାଙ୍କ କ୍ଲିନକ୍‌ରେ ଚଢ଼ଉ କରି ଗିରଫ କରିଥିଲା। ସେହିପରି ତୁରେକେଲା ବ୍ଲକ ଅଞ୍ଚଳରେ ମଧ୍ୟ ନକଲି ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗତ କିଛି ମାସ ତଳେ ତୁରେକେଲା ଥାନା ଅନ୍ତର୍ଗତ ବଡଡକଲା ଗାଁରେ ପଶ୍ଚିମବଙ୍ଗ ଅଞ୍ଚଳ ଆସି ଡାକ୍ତର ପରିଚୟ ଦେଇ ରୋଗୀ ଦେଖୁଥିବା ନକଲି ଡାକ୍ତରଙ୍କ ଭୂଲ ଇଞ୍ଜେକସନ ଯୋଗୁଁ ଜଣେ ରୋଗୀଙ୍କ ଜୀବନ ଯାଇଥିଲା। ଏନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ତୁରେକେଲା ପୁଲିସ ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ୨୦୨୩ ମସିହାରେ ମୁରିବାହାଲ ବ୍ଲକ ଚନାବାହାଲ ଗାଁ ର ଶିବ ମାହାନନ୍ଦ ଜଣେ ରୋଗୀ ଅସୁସ୍ଥମନେ କରି ସ୍ଥାନୀୟ କ୍ୱାକ ଡାକ୍ତର ପାଖକୁ ଯାଇଥିବା ବେଳେ ନକଲି ଡାକ୍ତରଙ୍କ ଭୁଲ ଇଞ୍ଜେକସନ ଯୋଗୁଁ ଶିବ ମାହାନନ୍ଦଙ୍କ ମୃତ୍ୟୁ ହୋଇଥିଲା। ମୁରିବାହାଲ ବ୍ଲକରେ ପୂର୍ବରୁ ଏହିଭଳି ନକଲି ଡାକ୍ତରଙ୍କ ଭୁଲ ଚିକିତ୍ସା ପାଇଁ ଅନେକ ରୋଗୀଙ୍କ ମୃତ୍ୟୁ ହୋଇଥିବା ଦେଖାଦେଇଛି। ସେ ସବୁ ଭିତରେ ମଧ୍ୟ ମୁରିବାହାଲ ବ୍ଲକ ସଦର ମହକୁମାର ଠାରେ ପୁଣି ଜଣେ ପଶ୍ଚିମବଙ୍ଗ ଅଞ୍ଚଳରୁ ଆଉ ଜଣେ ନକଲି ଡାକ୍ତର ଆସି ଦୀର୍ଘ ବର୍ଷ ହେଲା କ୍ଲିନିକ୍ ଖୋଲି ରୋଗୀ ସେବା କରୁଛନ୍ତି। ସେହିପରି ମୁରିବାହାଲ ସଦର ମହକୁମାର ଠାରୁ କିଛି ଦୂରରେ ଜଣେ ପଶ୍ଚିମବଙ୍ଗ ଅଞ୍ଚଳ ନକଲି ଡାକ୍ତର ତା କାୟାବିସ୍ତାର କରି ରୋଗୀ ସେବା କରୁଥିବା ଅଭିଯୋଗ ହେଉଛି। ଏହିଭଳି କାର୍ଯ୍ୟ ଚାଲିଥିଲେ ମଧ୍ୟ ମୁରିବାହାଲ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ବଲାଙ୍ଗିର, ୧୯।୫(ସମିସ):** ୨୦୨୩ ମସିହା ଜାନୁଆରୀ ମାସ ୪ ତାରିଖ ଅଏଁଲାଚୁଆଁ ଗ୍ରାମରେ ଘଟିଥିବା ହତ୍ୟାକାଣ୍ଡ ମାମଲାର ବିଚାର ହୋଇଛି। ଜିଲ୍ଲା ସେସନ ଜଜ ଡ. ପବିତ୍ର ମୋହନ ସାମଲ ଏହି ମାମଲାର ବିଚାର କରି ହତ୍ୟା ଅଭିଯୁକ୍ତ ସୋନୁ ବାଗ(୬୬) କୁ ଆଜୀବନ କାରାଦଣ୍ଡ ଦେବା ସହ ୧୦ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ ଜାନୁଆରୀ ୪ ତାରିଖ ରାତିରେ ଅଏଁଲାଚୁଆଁ ଗ୍ରାମରେ ଥିବା ଲକ୍ଷ୍ମୀକାନ୍ତ ରାଉତଙ୍କ ଫାର୍ମ ହାଉସରେ ଏକ ହତ୍ୟାକାଣ୍ଡ ଘଟିଥିଲା। ସେଠାକାର ରାତ୍ର ଜଗୁଆଳି ରାତୁ ଭୁଏ(୨୫)ଙ୍କୁ ସୋନୁ ଆକ୍ରମଣ କରିଥିଲା। ଫଳରେ ରାତୁ ଭୁଏର ମୃତ୍ୟୁ ହୋଇଥିଲା। ଗଞ୍ଜେଇ ଟାଣିବାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ସୋନୁ ବାଗ ଏହି ହତ୍ୟାକାଣ୍ଡ ଭିଆଇଥିଲା। ସୋମବାର ଏହି ମାମଲାର ବିଚାର କରି ଅଦାଲତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ସୁବାଷ ଚନ୍ଦ୍ର ମହନ୍ତ ପରିଚାଳନା କରୁଥିଲେ।

## କଳାକାର ଉମାକାନ୍ତ ମହାନନ୍ଦଙ୍କ ପରଲୋକ

**କଣ୍ଟାବାଞ୍ଜି, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ଗାନ୍ଧୀନଗରରପଡ଼ା ବାସିନ୍ଦା ତଥା ବରିଷ୍ଠ କଳାକାର ଉମାକାନ୍ତ ମହାନନ୍ଦଙ୍କ ରବିବାର ଅକାଳ ବିୟୋଗ ହୋଇଛି। ସେ



କଣ୍ଟାବାଞ୍ଜି ଅଞ୍ଚଳରେ ଜଣେ ସୁନାମଧନ୍ୟ କଳାକାର ଭାବେ ପରିଚିତ ଥିଲେ। ଅଞ୍ଚଳରେ ଅନେକ ମଞ୍ଚରେ ସେ ପାରମ୍ପରିକ ବାଦ୍ୟ ବଜାଇ ଅନେକ ସୁମଧୁର ଗୀତ୍ ଗାଇ ଦର୍ଶକଙ୍କୁ ମନ କିଣୁଥିଲେ। ସେ କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ର ମଧ୍ୟ ଜଣେ ସକ୍ରୀୟ ସଦସ୍ୟ ଥିଲେ। ଉମାକାନ୍ତ ଗତ କିଛି ଦିନ ତଳେ ଅସୁସ୍ଥ ହେବାରୁ ବଲାଙ୍ଗିର ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖାଦେଇଛି। ହଳଦୀସ୍ଥିତ ତାଙ୍କ ପିତୃତ୍ୱ ଶ୍ମଶାନରେ ସତ୍କାର କରାଯାଇଥିବାସାନ ଭାଇ ବ୍ରହ୍ମ ସିଂ ମାହାନନ୍ଦ ପ୍ରକାଶ କରିଛନ୍ତି। ତାଙ୍କୁ ଶେଷ ଦର୍ଶନ କରିବାକୁ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

### ଯୋଗୀମୁଣ୍ଡା ଅଞ୍ଚଳରେ ମାଳମାଳ ବେଆଇନ କ୍ଲିନିକ୍

## ସିଡିଏମ୍‌ଓଙ୍କ ତଦନ୍ତ ନିର୍ଦ୍ଦେଶ, କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

**ପାଟଣାଗଡ଼, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଯୋଗିମୁଣ୍ଡା ଅଞ୍ଚଳରେ ମାଳମାଳ ବେଆଇନ କ୍ଲିନିକ୍ ଖୋଲି ଲୋକଙ୍କ ଜୀବନ ସହ



ଖେଳ ଖେଳାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଦୈନିକ 'ସକାଳ'ରେ ଗତ ଶୁକ୍ରବାର ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏଡିଏମ୍‌ଓ ଡିଏଚ୍‌ଏଚ୍ ବଲାଙ୍ଗିରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ ପାଟଣାଗଡ଼ ସଦର ମହକୁମାଠାରୁ ଦଶ କିମି ଦୂର ଯୋଗିମୁଣ୍ଡା ଅଞ୍ଚଳରେ ଛତୁ ଫୁଟିଲା ପରି ବେଆଇନ କ୍ଲିନିକ୍ ଗଢ଼ି ଉଠିଛି। ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନ ଥାଇ ବେଆଇନ ଭାବେ ନକଲି ଡାକ୍ତର ସାଲାଇନ୍, ଇଞ୍ଜେକ୍ସନ ଦେଇ ଚିକିତ୍ସା କରୁଛନ୍ତି। ଫଳରେ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଯୋଗିମୁଣ୍ଡା ପଣ୍ଡାମୁଣ୍ଡା ରାସ୍ତାର ଡାହାଣ ପାର୍ଶ୍ୱରେ ଜଣେ ଯୁବକ ଗୋଟିଏ ପଟେ ଔଷଧ ଦୋକାନ ସହ ଅନ୍ୟ ପଟେ କ୍ଲିନିକ ଖୋଲି ଖୋଲାଖୋଲି ଭାବେ ରୋଗୀଙ୍କୁ ଚିକିତ୍ସା କରୁଥିବା ଜଣାପଡ଼ିଛି। ସେଠାରେ ଛୋଟଛୋଟ ଶିଶୁଙ୍କୁ ଇଞ୍ଜେକ୍ସନ ଦେବା, କ୍ଲିନିକ୍‌ରେ ବେଡ୍ ପକାଇ ସାଲାଇନ୍ ଲଗାଇ ଚିକିତ୍ସା କରାଯାଉଛି। ଏହି ଅଞ୍ଚଳରେ ଅନେକ ସମୟରେ ନକଲି ଡାକ୍ତରଙ୍କ ଭୁଲ ଚିକିତ୍ସା ଯୋଗୁଁ ଲୋକଙ୍କ ଜୀବନ ହାନି ହେଉଥିବା ନଜିର ମଧ୍ୟ ରହିଛି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ନେବାପାଇଁ ଦାବି ହେଉଛି।

## ବିନା ସୂଚନା ଫଳକରେ ନିମ୍ନମାନର କାମ!

**ତୁରେକେଲା, ୧୯।୫(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ଅଞ୍ଚଳର କୋଣେ ଅନୁକୋଣେ ବଡ଼ବଡ଼ କୋଠା, ଅଫିସ୍, ବସଷ୍ଟାଣ୍ଡ ଭଳି ଅନେକ ସରକାରୀ ଯୋଜନାର ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାଁକୁ ମିଳିଛି। ହେଲେ ନିର୍ମାଣ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲଗାଇବାକୁ ଆଦେଶ ଥିଲେ ସୁଦ୍ଧା ଏହାର କୌଣସି ଜାଗାରେ ପ୍ରତିଫଳିତ ହେଉନାହିଁ। ଯଦ୍ୱାରା ଲୋକେ କାର୍ଯ୍ୟର ବିବରଣୀ ପାଇପାରୁ ନାହାନ୍ତି। ଏହିଭଳି ଅବ୍ୟବସ୍ଥା ଘେରରେ ଚାଲିଥିବା ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କୋଠା ନିର୍ମାଣ ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ବଡଡକଲା ପଞ୍ଚାୟତ ଗଡ଼ଗଡ଼ବାହାଲ ଗ୍ରାମରେ। ନା ଏଠାରେ କୌଣସି ସୂଚନା ଫଳକ ଅଛି ଯାହାକୁ ଦେଖି ଜାଣିହେବ ଯେ ଏହା କେଉଁ ଯୋଜନାରୁ କେତେ ଅଟକଳ ପରିମାଣରେ କାହା ଦ୍ୱାରା ଏହା ପରିଚାଳିତ ହେଉଛି। ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଏହି କାମ



ଗତ ଛଅରୁ ଆଠ ମାସ ତଳେ ଆରମ୍ଭ ହୋଇଥିଲା ହେଲେ ସାମ୍ନାରେ କୌଣସି ସୂଚନା ଫଳକ ନାହିଁ। ତୁରେକେଲା ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଏତେ ଅବହେଳା ହେଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହି ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟର ଟିକି ନିଖି ଯାଞ୍ଚ କରି ଠିକା ସଂସ୍ଥା ଓ ତଦାରଖ କରୁଥିବା ସରକାରୀ ବାବୁ ମାନଙ୍କ ବିରୋଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି।

### ପାଟଣାଗଡ଼ କନିଷ୍ଠ ଯନ୍ତ୍ରୀ ମୃତ୍ୟୁକୁ ଦୁଇ ବର୍ଷ

# ଆଜି ବି ପାଟଣାଗଡ଼ ଥାନାରେ ଗଡୁଛି ଅପମୃତ୍ୟୁ ମାମଲା

**ବଲାଙ୍ଗିର, ୧୯।୫(ସମିସ):** ରାଜ୍ୟରେ ଏମିତି ଅନେକ ଅପରାଧିକ ମାମଲା ରହିଛି ଯାହାର ତଦନ୍ତ ଏଯାଏଁ ସରିନାହିଁ। ଅନେକ ମାମଲାର ମୃତକଙ୍କ ପରିଚୟ ମିଳିନଥିବା ବେଳେ ଏହି ଭଳି ଅନେକ ମାମଲାରେ ମୃତକଙ୍କ ପରିଚୟ ମିଳିଛି ହେଲେ ମୃତ୍ୟୁର କାରଣା ଜଣାପଡ଼ିନାହିଁ। ଏହିଭଳି ମାମଲାରେ ମୃତକଙ୍କ ପରିବାର ଲୋକେ ଆଜି ବି ସନ୍ଦୀହାନ ଅବସ୍ଥାରେ ରହିଛନ୍ତି। ଯେ ମୃତକ ଜଣକ ଆତ୍ମହତ୍ୟା କଲେ ନା ତାଙ୍କୁ ହତ୍ୟା କରିଦିଆଗଲା ନା ଆଉ କିଛି ତାଙ୍କ ସହ ଘଟିଥିଲା। ଏଭଳି ଏକ ମାମଲା ଆଜି ବି ରହସ୍ୟ ହୋଇରହିଛି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନାରେ। ଦୁଇ ବର୍ଷ ପୂର୍ବରୁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧାର ହୋଇଥିଲା। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିଲା କିନ୍ତୁ ସ୍ଥାନୀୟ ଲୋକେ ତାଙ୍କୁ ହତ୍ୟା କରାଯାଇଥିବା କହିଥିଲେ। ହେଲେ ଆଜି ବି ଉକ୍ତ ମାମଲା ନାଲିଫିତା ତଳେ ଦବି ରହିଛି। ହୁଏତ ଲୋକେ ଘଟଣାକୁ ଭୁଲିଯାଇପାରନ୍ତି କିନ୍ତୁ କିଛି ଦିନ ପୂର୍ବରୁ ବରଗଡ଼ ଜିଲ୍ଲାରେ କନିଷ୍ଠ ଯନ୍ତ୍ରୀଙ୍କୁ ହତ୍ୟା ମାମଲା ପୁଣି ଏହି ଘଟଣାକୁ ଚର୍ଚ୍ଚାକୁ ଆଣିଛି।

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକରେ କାର୍ଯ୍ୟରତ ଥିବା ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମୃତଦେହ ୨୦୨୨ ମସିହା ମେ ମାସରେ ପୁଲିସ ଉଦ୍ଧାର କରିଥିଲା। ମୃତକ କନିଷ୍ଠ ଯନ୍ତ୍ରୀ ଜଣକ କେନ୍ଦ୍ରାପଡ଼ା ଜିଲ୍ଲାର ସୁରେଶ ସାହୁ ବୋଲି ଜଣାପଡ଼ିଥିଲା। ପାଟଣାଗଡ଼ ଯୋଗୀମୁଣ୍ଡା ରାସ୍ତାରେ ଥିବା ବନକା ବିଅର ଛକ ରୁ ପ୍ରାୟ ଏକ କିମି ଭିତକୁ ଏକ କପା କିଆରୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସେହି ସମୟରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ହତ୍ୟା ସନ୍ଦେହରେ ସାଇଣ୍ଟିଫିକ ଟିମ୍‌କୁ ମଧ୍ୟ ଡାକି ଏହି ମାମଲାର ତଦନ୍ତ ହୋଇଥିଲା। ଦିନ ପରେ ଦିନ ଗଡ଼ିଲା। ବଡ ବଡ ପୁଲିସ ଅଧିକାରୀ ମଧ୍ୟ ମାମଲାର ତଦନ୍ତ ଚଳାଇଥିଲେ କିନ୍ତୁ ଆଜକୁ ପ୍ରାୟ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେଲା ମୃତ ସୁରେଶ ସାହୁଙ୍କୁ ହତ୍ୟା କରାଯାଇଥିଲା ନା ସେ ନିଜେ ଆତ୍ମହତ୍ୟା କରିଥିଲେ ନା ତାଙ୍କ ସହ ଆଉ କିଛି ଘଟିଥିଲା ତାହା ସ୍ପଷ୍ଟ ହୋଇନାହିଁ। ଦୁଇ ବର୍ଷ ପରେ ବି ପରିବାର ଲୋକେ ମଧ୍ୟ ମୃତକଙ୍କ ବିଷୟରେ କିଛି ଜାଣିପାରିଲେ ନାହିଁ। ସେହି ସମୟରେ ଏହି ମାମଲା ରାଜନୈତିକ ମୋଡ ନେଇଥିଲା। ଏହାକୁ ନେଇ କିଛି ସଙ୍ଗଠନ ମଧ୍ୟ ଆନ୍ଦୋଳନ କରିଥିଲେ। କନିଷ୍ଠ ଯନ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଓ ଅପରାଧିଙ୍କ ରାଜନୈତିକ ଲିଙ୍କ ଥିବା କହିଥିଲେ। କିନ୍ତୁ ଆଜି ବି ଏହି ମାମଲା ଥାନା ଭିତରେ ପୁଲିସ ନାଲିଫିତା ତଳେ ଚାପି ହୋଇ ରହିଛି। ଏନେଇ ତତକାଳିନ ପୁଲିସ ଅଧିକାରୀଙ୍କୁ ପଚାରିବାରୁ ଏହି ମାମଲାରେ ପୁଲିସ ବିଭାଗ ତନ୍ନ ତନ୍ନ କରି ତଦନ୍ତ କରିଥିଲା। ପ୍ରାୟ ୧୫ ରୁ ୨୦ ଜଣଙ୍କୁ ପଚରାଉଚୁରା ମଧ୍ୟ କରାଯାଇଥିଲା। କିନ୍ତୁ କୌଣସି ପ୍ରକାର କିଛି ଖିଅ ବାହାରିନଥିଲା। ଏପରିକି ବ୍ୟବଚ୍ଛେଦ ରିପୋର୍ଟରେ ମଧ୍ୟ ଦ୍ୱନ୍ଦ୍ୱ ରହିଥିଲା। ଯାହାଫଳରେ ଏହି ଘଟଣା ପଛର କାରଣ ସ୍ପଷ୍ଟ ହୋଇନଥିଲା। ମାମଲାର ଅବସ୍ଥିତି ବିଷୟରେ ବର୍ତ୍ତମାନର ଅଧିକାରୀ କହିପାରିବେ ବୋଲି କହିଥିଲେ। ତେବେ ଏହି ଘଟଣାକୁ ମାସେ କି ଦୁଇ ମାସ ନୁହଁ ପ୍ରାୟ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି। ଅନ୍ୟ ଏକ ଜିଲ୍ଲା ରୁ ଆସି ବଲାଙ୍ଗିର ଜିଲ୍ଲାରେ ଚାକିରି କରୁଥିବା ସମ୍ପୃକ୍ତ ଯନ୍ତ୍ରୀଙ୍କ ମୃତ୍ୟୁ ଘଟଣା ଆଜି ବି ରହସ୍ୟ ଭିତରେ। କିଛି ଦିନ ପୂର୍ବରୁ ବରଗଡ଼ ଜିଲ୍ଲା ରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଦୁଇ ବର୍ଷ ପୂର୍ବରୁ ପାଟଣାଗଡ଼ର ଏହି ଘଟଣାକୁ ପୁଣି ଥରେ ଚର୍ଚ୍ଚାକୁ ଫେରିଛି। ତେବେ ଏହି ମାମଲା ଉପରେ ପୁଲିସ କେବେ ପରଦା ହଟାଇବ ତାହା ସବୁଠାରୁ ବଡ ପ୍ରଶ୍ନ। ଏହି ଘଟଣାକୁ ପୁଣି ଥରେ ତଦନ୍ତ କରିବାକୁ ଦାବି ହୋଇଛି।

# ପ୍ରଶାନ୍ତ ମିଶ୍ରଙ୍କ 'ପ୍ରତିପନ୍ନ' ଉନ୍ମୋଚିତ

**ବଲାଙ୍ଗିର, ୧୯।୫(ସମିସ):** ଆମ ଆଖପାଖର ପରିବେଶ, ପରିସ୍ଥିତି ହିଁ ଲେଖକକୁ ଲେଖିବା ପାଇଁ ବାଧ କରେ। ସାମାଜିକ ଗତି, ରୀତିରେ ଅବାଞ୍ଛିତ ପରିବର୍ତ୍ତନ ଦେଖି ଲେଖକଟିଏ ନଲେଖି ରହିପାରେ ନାହିଁ ବୋଲି ଲେଖେ। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ମିଶ୍ରଙ୍କ ରଚିତ 'ପ୍ରତିପନ୍ନ' ପୁସ୍ତକର ଲୋକାର୍ପଣ ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରର କୁଳସଚିବ ଡ. ନୃପରାଜ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏହା କହିଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଡ. ଉମା ବଲ୍ଲଭ ମହାପାତ୍ର ପ୍ରତିପନ୍ନ ପୁସ୍ତକ ଓଡ଼ିଶାର ଅନେକ ଅନାଲୋଚିତ ପ୍ରସଙ୍ଗ ଲୋକଲୋଚନକୁ ଆଣିବାରେ ସଫଳ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଚିବ ରାମଚନ୍ଦ୍ର ପଟେଲ ଯୋଗ ଦେଇଥିଲେ। ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ ବଲାଙ୍ଗିର ଶାଖା ଆନୁକୂଲ୍ୟରେ ସଭାପତି ଶରତ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ରଘୁନନ୍ଦନ ସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସାମ୍ବାଦିକ ବୀରେନ୍ଦ୍ର ଝାଙ୍କର ଅତିଥି ପରିଚୟ ଦେଇଥିଲେ। ପ୍ରତିପନ୍ନର




ସ୍ରଷ୍ଟା ଶ୍ରୀ ମିଶ୍ର ଲେଖକୀୟ ମନ୍ତବ୍ୟ ଦେଇଥିଲେ। ଲିଲି ପଟେଲ ସଭା ସଂଯୋଜନା କରିଥିଲେ। ଏସ ୟୁ ଜେ ରାଜ୍ୟ ଉପସଭାପତି ମହେନ୍ଦ୍ର ଦର୍ଜି, ପ୍ରତିପନ୍ନ ସତ୍ତ୍ୱାଧିକାରୀ ମାନସୀ ମିଶ୍ର, ଇଂ ସିଦ୍ଧାନ୍ତ ମିଶ୍ର, ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ରତିକାନ୍ତ କର୍ମୀ, ଜିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଶିଶିର ଶତପଥୀ, ଆଇନଜୀବୀ ଅଶୋକ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତିପନ୍ନ ପ୍ରଚ୍ଛଦ ଶିଳ୍ପୀ ରଜତ ପଟେଲଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୋତାଙ୍କ ମଧ୍ୟରୁ ଶିକ୍ଷାବିତ ମନୋରଞ୍ଜନ ସାହୁ, ଜିଲ୍ଲା କୋଷାଗାର ଅଧିକାରୀ ଭୀମସେନ ବାଗ ଓ ଝରଣା ପାଢ଼ୀଙ୍କୁ ଭାଗ୍ୟଶାଳୀ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ଧନ୍ୟବାଦ ଦେଇଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




ସ୍ୱ ବାବାଜୀ ଚରଣ ପରିଡା
ଅର୍ଣ୍ଣିଆ-କୃଷ୍ଣନପୁର, ପୋ.ଅ - ଙ୍ଗିହାପୁର, ଯାଜପୁର
ଆବିର୍ଭାବ -୧୫. ୦୧. ୧୯୪୯
ତିରୋଧାନ -୧୦. ୦୫. ୨୦୨୫
ତମେ ଚାଲିଗଲ ଅଫେରା ରାଇଜକୁ ଆଉ ଫେରିବ ନାହିଁ କେବେ। ତୁମ ସ୍ନେହ, ମମତା, ନୀତି ଓ ଆଦର୍ଶ ଆମ ପାଇଁ ପାଥେୟ ହେଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ଏତିକି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସହଧର୍ମିଣୀ -ସନ୍ଧ୍ୟାରାଣୀ ପରିଡା, ପୁଅବୋହୂ - ଲଳିତ - ଗାୟତ୍ରୀ, ସନ୍ଦୀପ - ଶର୍ବାଣି, ଝିଅଜ୍ୱାଇଁ - ସ୍ୱାଗତିକା - ଆନନ୍ଦ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

# ଅନ୍ତ୍ୟୋଦୟ ଯୋଜନାରେ ଦିବ୍ୟାଙ୍ଗଙ୍କୁ ଅଣଦେଖା

### ବଢୁଛି ଅସନ୍ତୋଷ, ଜିଲ୍ଲାପାଳଙ୍କୁ ଅଭିଯୋଗ

**ବଲାଙ୍ଗିର, ୧୮।୫(ସମିସ)**

ଗତ କିଛିଦିନ ତଳେ ରାଜ୍ୟ ସରକାରଙ୍କ ତରଫରୁ ଆରମ୍ଭ ହୋଇଛି ଅନ୍ତ୍ୟୋଦୟ ଗୃହ ଯୋଜନା। ଏହି ଯୋଜନା ଅଧୀନରେ ସମାଜର ଆର୍ଥିକ ଅନଗ୍ରସର ତଥା ଦିବ୍ୟାଙ୍ଗଙ୍କୁ ଅଗ୍ରାଧିକାର ଭିତ୍ତରେ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ କହିଛନ୍ତି। କିନ୍ତୁ ସେମାନଙ୍କର କଥା ତୃଣମୂଳସ୍ତରରେ କେତେ କାର୍ଯ୍ୟକାରୀ ହେଉଛି ତାହା ପ୍ରଶ୍ନବାଚୀ। ସରକାରଙ୍କ କଥାରେ ଭିନ୍ନକ୍ଷମ ମାନେ ଆଶାବାଦୀ ହୋଇଥିବାବେଳେ ଏବେ ଆବାସ ଗୃହ ପାଇଁ ବାରଦୁଆର ହେଉଛନ୍ତି। ବଲାଙ୍ଗିର ଜିଲ୍ଲାର ଗ୍ରାମାଞ୍ଚଳରେ ଆବାସ ଘର ପାଇଁ ସର୍ଭେ କାମ ଚାଲିଛି। କିନ୍ତୁ ସର୍ଭେ ସମୟରେ ଭିନ୍ନକ୍ଷମଙ୍କୁ ବାଦ୍ ଦିଆଯାଉଥିବା ଅଭିଯୋଗ ଆସୁଛି। ବ୍ଲକସ୍ତରରେ ଏହି ସମସ୍ୟାର ସମାଧାନ ହୋଇପାରୁନଥିବାରୁ ଭିନ୍ନକ୍ଷମମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଧାଇଁ ଅଭିଯୋଗ ରଖୁଛନ୍ତି। ଗତ କିଛିଦିନ ତଳେ ବଲାଙ୍ଗିର ଜିଲ୍ଲାର ପୁଇଁତଲା ବ୍ଲକ ବେଲବାହାଲି ଗ୍ରାମରୁ ଆସିଥିବା ବୃଦ୍ଧ କାଉିକ କୁଅଁରଙ୍କ କହିବା ଅନୁସାରେ ତାଙ୍କର ପୁଅ ମିଥୁନ ଶତପ୍ରତିଶତ ଭିନ୍ନକ୍ଷମ। ଏ ଯାଏଁ ତାଙ୍କୁ ଘରଟିଏ ମିଳିପାରୁନଥିବାବେଳେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର କହିଥିଲେ ହେଁ କିଛି ଫଳପ୍ରଦ ହୋଇପାରୁନି। ସେହିଭଳି ଗତମାସରେ ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରାୟ୧୦/୧୫ ଜଣ ଭିନ୍ନକ୍ଷମ ଆସିଥିଲେ। ତାଙ୍କର ମଧ୍ୟ ସମାନ ଅଭିଯୋଗ। ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରୁ ବଞ୍ଚିତ କରାଯାଉଛି। ସର୍ଭେ ସମୟରେ ସେମାନଙ୍କୁ ପ୍ରାଥମିକତା ଦିଆନଯାଇ ଅନ୍ୟମାନଙ୍କ ସର୍ଭେ ଆଗ କରାଯାଉଥିବା ସେମାନେ କହିଥିଲେ। ଭିନ୍ନକ୍ଷମଙ୍କ ଅଭିଯୋଗ ଯଦି ସତ ତାହେଲେ ଯୋଜନା କାହା ପାଇଁ ବୋଲି ପ୍ରଶ୍ନ ଉଠୁଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ଦାବି ହେଉଛି।




# ଭତ୍ତା ପାଇବାରୁ ବଞ୍ଚିତ ଦିବ୍ୟାଙ୍ଗ ଲୋପାମୁଦ୍ରା

**କଣ୍ଟାବାଞ୍ଜି/ମୁରିବାହାଲ, ୧୯।୫(ସମିସ):** ଯେଉଁ ବୟସରେ ସେ ପିଲାଙ୍କ ସହ ଖେଳିବା ବୁଲିବା କଥା ସେ ବୟସରେ ଘର ଭିତରେ ଏକା ଏକା ଦିନ କାଟୁଛି ଲୋପାମୁଦ୍ରା। କାହିଁକି ନା ଜନ୍ମରୁ ସେ ୯୦ପ୍ରତିଶତ ଭିନ୍ନକ୍ଷମ। ଯାହାଫଳରେ ଛୋଟ ବେଳୁ ସେ ଚାଲି ପାରନ୍ତି। ତାଙ୍କ ପାଇଁ ଏକ ମାତ୍ର ସାହା ତାଙ୍କ ବାପା ମା। ଭିନ୍ନକ୍ଷମଙ୍କ ସରକାର ଅନେକ ଯୋଜନା କରୁଛନ୍ତି କିନ୍ତୁ ବାସ୍ତବରେ ଯୋଜନାରୁ ବଞ୍ଚିତ ରହୁଛନ୍ତି ୯୦ପ୍ରତିଶତ ଥିବା ଭିନ୍ନକ୍ଷମ। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଇଛାପଡ଼ା ପଞ୍ଚାୟତ ବୟାଉଦର ଗାଁର ୯୦ପ୍ରତିଶତ ଭିନ୍ନକ୍ଷମଲୋପାମୁଦ୍ରା ନାଗ ବୟସ (୧୭)। ସେ ଜନ୍ମରୁ ୯୦ପ୍ରତିଶତ ଭିନ୍ନକ୍ଷମ ହେଲେ ସରକାର ଭିନ୍ନକ୍ଷମ ଙ୍କ ପାଇଁ ଯାହା ସୁବିଧାସୁଯୋଗ ରହିଛି ସେଥିରୁ ବଞ୍ଚିତ ଲୋପାମୁଦ୍ରା। ୯୦ପ୍ରତିଶତ ଭିନ୍ନକ୍ଷମ ଥାଇ ମଧ୍ୟ ୩୫ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ଭିନ୍ନକ୍ଷମ ଲୋପାମୁଦ୍ରା ନାଗ। ପୂର୍ବ ସରକାର ସମୟରୁ ସେ ଯେଉଁ ଏକ ହଜାର ଟଙ୍କା ଭତ୍ତା ପାଉଛନ୍ତି। ବର୍ତ୍ତମାନ ଯାଏ ତାଙ୍କ ଭତ୍ତା ବୃଦ୍ଧି କରାଯାଇନାହିଁ। ଏନେଇ ଦାୟିତ୍ୱ ଥିବା



ଅଧିକାରୀଙ୍କୁ ଗୁହାରୀ କଲେ ମଧ୍ୟ ଏହି ଭିନ୍ନକ୍ଷମ ଝିଅ ଲୋପାମୁଦ୍ରାର ଦୁଃଖ କିଏ ବୁଝୁନାହାନ୍ତି। ଏନେଇ ଇଛାପଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବରୁ ଏହି ଝିଅଙ୍କ ଆବେଦନ ପତ୍ର ଆମେ ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇଛୁ।କିନ୍ତୁ ବର୍ତ୍ତମାନ ଯାଏ ୩୫ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ମଞ୍ଜୁର ହୋଇନାହିଁ। ଟିଟିଲାଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ହେଲେ ସେ ୩୫ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ପାଇବେ ବୋଲି କହିଛନ୍ତି। ତେବେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତୁରନ୍ତ ନଜର ଦେଇ ଲୋପାମୁଦ୍ରାଙ୍କୁ ୩୫ଶହ ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବା ସହ ସରକାର ଭିନ୍ନକ୍ଷମଙ୍କ ପାଇଁ କରିଥିବା ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେବାକୁ ଦାବି ହେଉଛି।

# ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରୁଛି ଶିଶୁ ନାଟ୍ୟ କର୍ମଶାଳା

ରାଉରକେଲା, ୧୯।୫(ସମିସ)



ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଏବଂ ନୂଆଦିଲ୍ଲୀ ସ୍ଥିତ ନ୍ୟାସନାଲ୍ ସ୍କୁଲ୍ ଅଫ୍ ଡ୍ରାମା (ଏନଏସଡି) ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିଶୁ ନାଟ୍ୟ କର୍ମଶାଳା ସ୍ଥାନୀୟ ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଡିଟୋରିୟମରେ ଶୁଭାରମ୍ଭ ହୋଇଯାଇଛି। ଏହି କର୍ମଶାଳା ସୃଜନଶୀଳତା ଏବଂ ସାଂସ୍କୃତିକ ଗୌରବର ଏକ ରଙ୍ଗୀନ ଉତ୍ସବ ପାଲଟିଛି। ଯାହା ଯୁବ ଛାତ୍ରଛାତ୍ରୀମାନଙ୍କୁ ନାଟକର ମନମୁଗ୍ଧକର ଦୁନିଆକୁ ଆକର୍ଷିତ କରୁଛି। ଏନଏସ୍‌ଡିର ପୂର୍ବତନ ଛାତ୍ର ଓ କର୍ମଶାଳାର ନିର୍ଦ୍ଦେଶକ ଜଗନାଥ ସେଠଙ୍କ ନେତୃତ୍ୱରେ ସ୍ଥାନୀୟ ସଂଯୋଜକ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ଏକ ପାଞ୍ଚ ଜଣିଆ ଦଳ ଯୁବ ଅଂଶଗ୍ରହଣକାରୀଙ୍କୁ ନାଟ୍ୟ କୌଶଳର ବିସ୍ତୃତ ପରିସରରେ ତାଲିମ ପ୍ରଦାନ କରୁଛନ୍ତି। ପ୍ରଥମ ଦିନରୁ ପିଲାମାନେ ନାଟ୍ୟ କଳାର ଅନେକସ୍ତର ଯେପରିକି ସ୍ୱର ମଡ୍ୟୁଲେସନ୍ ଅଭ୍ୟାସରେ ମଗ୍ନ ରହିଛନ୍ତି। ଯେଉଁଥିରେ ସାପ, ଝିଟିପିଟି ଏବଂ ମାଙ୍କଡ଼ଙ୍କ ଅନୁକରଣ କରିବା ସହିତ ଶରୀର ଗତିବିଧି ଅନ୍ତର୍ଭୁକ୍ତ ରହିଛି। ଭାବପ୍ରବଣ ଅଭିବ୍ୟକ୍ତିଗୁଡ଼ିକ କଞ୍ଚା ଏବଂ ହୃଦୟସ୍ପର୍ଶୀ ହୋଇଥିବା ବେଳେ ଚରିତ୍ର ବିକାଶ ପ୍ରକ୍ରିୟା କଳାକାରମାନଙ୍କୁ ଥିଏଟରର ଗଭୀରତା ଓ ଶୃଙ୍ଖଳା ସହ ପରିଚିତ କରାଇଛି। ନାଟକଗୁଡ଼ିକ ଧ୍ୟାନ କେନ୍ଦ୍ରିତ କରିବାରେ ମଜା, ଦଳଗତ କାର୍ଯ୍ୟ, ଏକାଗ୍ରତା ଏବଂ ସୌହାର୍ଦ୍ଦ୍ୟର ଭାବନା ସୃଷ୍ଟି କରିଛି। ଏହି ପଦକ୍ଷେପର ମୂଳରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅଜ୍ଞାତ ନାୟକମାନଙ୍କ ଜୀବନକୁ ପ୍ରତିଫଳିତ କରିବାର ଏକ ଗଭୀର ଉଦ୍ଦେଶ୍ୟ ରହିଛି। ତିରଙ୍ଗା ଯାତ୍ରା ସମୟରେ ଦେଶପ୍ରେମର ଏହି ଭାବନାକୁ ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଥିଲା, ଯେଉଁଠାରେ ୪୧ ଜଣ ଉତ୍ସାହୀ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ସ୍ଲୋଗାନ ଦେଇ ସ୍କୁଲ କ୍ୟାମ୍ପସ ଓ ଆଖପାଖ ଅଞ୍ଚଳକୁ ଜାତୀୟ ଗର୍ବର ଏକ ସ୍ପନ୍ଦନଶୀଳ ଭାବନାରେ ପ୍ରଜ୍ୱଳିତ କରିଥିଲେ। ଯୁବ ପ୍ରତିଭାକୁ ପୋଷଣ ଏବଂ ନାଟ୍ୟ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏନଏସ୍‌ଡିର ଦେଶବ୍ୟାପୀ ପଦକ୍ଷେପର ଏହା ଏକ ଅଂଶ। ଏହି କର୍ମଶାଳା କେବଳ ଏକ ଅଭିନୟ ଶ୍ରେଣୀ ନୁହେଁ ବରଂ ଏକ ପରିବର୍ତ୍ତନକାରୀ ଅଭିଜ୍ଞତା ପ୍ରଦାନ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଡାକ୍ତର ପରିଚୟ ଦେଇ ଋଣ ନେବା ଘଟଣା

# ନକଲି ଡାକ୍ତରଙ୍କୁ ଆଜୀବନ କାରାଦଣ୍ଡାଦେଶ

**ରାଉରକେଲା, ୧୯।୫(ସମିସ):** ନିଜକୁ ଡାକ୍ତର ପରିଚୟ ଦେଇ ବାଜାଜ୍ ପର୍ସନାଲ୍ ଲୋନ୍ ଶ୍ରେଣୀରୁ ୧୬ ଲକ୍ଷ ଟଙ୍କା ଋଣ ନେବା ମାମଲାର ଆଜି ରାୟ ପ୍ରକାଶ ପାଇଛି। ନକଲି ଡାକ୍ତର ପଦ୍ମନାଭ ମୁଖୀ କାରୁଆଙ୍କୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶର୍ମିଷ୍ଠା ପାଢ଼ୀ ସମସ୍ତ ସାକ୍ଷୀ ଓ ଯୁକ୍ତିକୁ ବିଚାର କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୪୧୯ ଦଫାରେ ୨ ବର୍ଷ, ୫ ମାସ ସଶ୍ରମ କାରାଦଣ୍ଡ, ୪୨୦ ଦଫାରେ ୨ ବର୍ଷ ଓ ଜରିମାନା ୫ ହଜାର ଟଙ୍କା, ଏହା ଅନାଦେୟ ହେଲେ ଅଧିକ ୧ ମାସ ଜେଲ ଦଣ୍ଡାଦେଶ, ୪୬୫ ଦଫାରେ ୧ ବର୍ଷ, ୪୬୮ ରେ ୨ ବର୍ଷ, ୪୭୧ରେ ୬ ବର୍ଷ ଜେଲ ଦଣ୍ଡାଦେଶ ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ଦଣ୍ଡ ସମୟ ଗୁଡ଼ିକ ସମକାଳୀନ ଭାବେ ଗଣନା କରାଯିବ ବୋଲି ଶୁଣାଣିରେ କୁହାଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୪ ଜୁନରେ ପଦ୍ମନାଭ ବାଜାଜ ପର୍ସନାଲ୍ ଲୋନ୍ ନେବାକୁ ଆବେଦନ କରିଥିଲେ। ଏହି କ୍ରମରେ କମ୍ପାନୀ ପକ୍ଷରୁ ଗତ ୧୩ ଜୁନରେ ୧୬ ଲକ୍ଷ ଟଙ୍କା ଲୋନ ଦିଆଯାଇ ଆକାଉଣ୍ଟକୁ ପଠାଇ ଦିଆଯାଇଥିଲା। ମାତ୍ର କମ୍ପାନୀର ଭୁବନେଶ୍ୱର ହେଡ ଅଫିସଠାରେ ଭେରିଫିକେଶନରେ କାଗଜପତ୍ର ତଥ୍ୟ ଭୁଲ ପ୍ରମାଣିତ ହୋଇଥିଲା। ଏନେଇ ଏକ ଟିମ୍ ରାଉରକେଲାରେ ପହଞ୍ଚି କମ୍ପାନୀ ପକ୍ଷରୁ ତଦନ୍ତ କରିଥିଲେ। ପରେ କାଗଜପତ୍ର ଠକେଇ ହୋଇଥିବା ଜଣାପଡ଼ିଥିଲା। ପଦ୍ମନାଭ ଅନ୍ୟ ଜଣଙ୍କ ନାଁରେ ତଥା ରମେଶ ଚନ୍ଦ୍ର ଝା କାଗଜପତ୍ର ଦର୍ଶାଇ ଏହି କାରବାର କରିଥିବା ଜଣାପଡ଼ିଥିଲା। ସେ ରାଉରକେଲା ସରକାରୀ ଡାକ୍ତରଖାନାର ରାହୀ କେୟାର ଡାଏଲିସିସ ସେଣ୍ଟରଠାରେ ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ। ତେବେ ଘଟଣା ବିଷୟରେ ସେଣ୍ଟର୍ ହେଡ ମୟୂର ଅଗ୍ରୱାଲ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପୂର୍ବରୁ ଦୋଷୀ ନକଲି ଡାକ୍ତର ଅଭିଯୋଗରେ ଦୁଇ ବର୍ଷ ଜେଲ ଦଣ୍ଡ ମଧ୍ୟ ଭୋଗିଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ସାହୁ ମାମଲା ପରିଚାଳନା କରିଥିଲେ।

# ନୂତନ ସହର ପ୍ରଶାସକଙ୍କ ସହ ସିଆଇଟିୟୁ ପ୍ରତିନିଧି ଦଳର ଆଲୋଚନା



**ରାଉରକେଲା, ୧୯।୫(ସମିସ):** ଆର୍‌ଏସ୍‌ପିର ସହର ପ୍ରଶାସନ ବିଭାଗ ମୁଖ୍ୟ ଭାବରେ ସିଜିଏମ ଟି.ଜି କାନେତକର ଯୋଗ ଦେଇଛନ୍ତି। ଏହି ପରୀପ୍ରେକ୍ଷୀରେ ସିଆଇଟିୟୁର ପ୍ରତିନିଧି ମଣ୍ଡଳୀ ରତ୍ନାକର ନାୟକ, ପ୍ରଦୀପ ସେଠୀ, ଜୀବନ ବାରୀହା, ଯଜ୍ଞେଶ୍ୱର ସାହୁ, ପ୍ରଦୋଷ ପରିଡ଼ା, ସଞ୍ଜୟ ନାୟକ ପ୍ରମୁଖ ସାକ୍ଷତ କରି ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସହରାଞ୍ଚଳର ବିକାଶ, କ୍ୱାର୍ଟରମାନଙ୍କର ତୁରନ୍ତ ମେଣ୍ଟେନାନ୍ସ କାର୍ଯ୍ୟକରିବା, ଖାଲିଥିବା କ୍ୱାର୍ଟରକୁ ସୁଲଭ ହାରରେ ଅବସରପ୍ରାପ୍ତ ଶ୍ରମିକଙ୍କୁ ପ୍ରଦାନ କରାଯିବା ଉପରେ ଆଲୋଚନା କରିଥିଲେ। ଶ୍ରୀ କାନେତକର ସିଆଇଟିୟୁ ତରଫରୁ ଆରଏସପିର ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ଆଧୁନିକିରଣକୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପୂର୍ବରୁ ଆରସିଡବ୍ଲ୍ୟୁର ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ନେତୃତ୍ୱରେ ବି.ପି. ମହାପାତ୍ର, ଅଜୟ ସର୍ମା, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝି, ନିଜୟ ବେହୁରିଆ ଶ୍ରୀ କାନେତକରଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ଠିକା ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ଅବ୍ୟବସ୍ଥାରେ ମଧୁପୁର ଅଙ୍ଗନବାଡ଼ି କେନ୍ଦ୍ର




**ବଣାଇଁ, ୧୯।୫(ସମିସ):** ବଣାଇଁ ବ୍ଲକ କେନ୍ଦ୍ରିକଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗ୍ରାମର ଆମ ଅଙ୍ଗନବାଡ଼ି କେନ୍ଦ୍ର ଅବ୍ୟବସ୍ଥା ଘେରରେ ରହିଥିବା ଦେଖିବାକୁ ମିଳିଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶିଶୁଙ୍କ ସୁରକ୍ଷା ଓ ଶିକ୍ଷାଦାନ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରିଛନ୍ତି। ଏହି କେନ୍ଦ୍ରରେ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଶିକ୍ଷା ଗ୍ରହଣ କରୁଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ର ଗୃହର ଅବସ୍ଥା ଶୋଚନୀୟ ହୋଇରହିଛି। ଶ୍ରେଣୀ ଗୃହରେ ପଙ୍ଖା ନଥିବାରୁ ଗରମ ଗୁଳୁଗୁଳିରେ ଛୋଟ ଛୋଟ ଶିଶୁମାନେ ହନ୍ତସନ୍ତ ହେଉଛନ୍ତି। ବିଶେଷ ଭାବେ ଏଠାରେ ପାନୀୟଜଳର କୌଣସି ସୁବିଧା ନାହିଁ। କେନ୍ଦ୍ରରେ ନିଜର ନଳକୂପ ନଥିବା ବେଳେ ବସୁଧା ପାଣି ଉପରେ ନିର୍ଭର କରିବାକୁ ପଡୁଛି। ପାଣି ଟାଙ୍କିକୁ ସଂଯୁକ୍ତ ପାଇପ୍ ସବୁ ଭାଙ୍ଗି ଯାଇଥିବାରୁ ଟାଙ୍କିକୁ ପାଣି ଉଠି ପାରୁନାହିଁ। ଯାହା ଫଳରେ ଶିଶୁଙ୍କ ଖାଦ୍ୟ ରୋଷେଇ ସହ ପାନୀୟ ଜଳ ପାଇଁ ଦୂରକୁ ଯାଇ ପାଣି ଆଣିବାକୁ ପଡୁଛି। କାନ୍ଥରେ ଲାଗିଥିବା ପାଣି ଫିଲ୍‌ଟର କାମରେ ଆସୁନଥିବା ଦେଖିବାକୁ ମିଳିଛି। ଶିଶୁମାନଙ୍କ ଖେଳାବୁଲା ସ୍ଥାନରେ ଚାଲିଥିବା ପେଭର ପକା କାର୍ଯ୍ୟ ଆଜି ଯାଏ ହୋଇ ପାରିନାହିଁ। ଫଳରେ ଚାରିପାଖ ଘାସ ଲଟା ବୁଦାରେ ପରିପୂର୍ଣ୍ଣ ହୋଇରହିଛି। ଫଳରେ ବିଷାକ୍ତ ସରିସୃପଙ୍କ ଭୟ ରହୁଛି। ଛୁଆଙ୍କ ଖେଳିବା ପାଇଁ କେବଳ ଷ୍ଟାଣ୍ଡ ଲଗା ଯାଇଥିବାବେଳେ ଦୋଳି ଲାଗି ନଥିବା ଦେଖିବାକୁ ମିଳିଛି। ବଣାଇଁ ବ୍ଲକର ବିଭିନ୍ନ ସ୍ଥାନରେ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ବେଳେ ଆଉ କେତେକ ସ୍ଥାନରେ ଅଧିକାଂଶ ନବ ନିର୍ମିତ ଗୃହ ଅଧପନ୍ତରିଆ ଭାବେ ପଡ଼ିରହିଛି। ଅନେକ ଗୁଡ଼ିଏ କେନ୍ଦ୍ରରେ ବିଦ୍ୟୁତ୍, ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିନଥିବା ବେଳେ ବିଭାଗ କେବଳ ଅଣ୍ଡା, ଛତୁଆ ଓ ଖେଳଣା କିଣାରେ ଲିପ୍ତ ରହିଥିବା ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ବଣାଇଁ ଶିଶୁ ସୁରକ୍ଷା ଅଧିକାରୀ ବିଣାପାଣି ନାୟକଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା କହିବା ସହ ଯଥାଶିଘ୍ର କାମ ସାରିବାକୁ ଠିକାଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର



**ରାଉରକେଲା, ୧୯।୫(ସମିସ):** ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଓଡ଼ିଶାର ୧୫ଟି ଜିଲ୍ଲାରେ ଚଳିତ ମାସରୁ ଆଗାମୀ ୩୦ ତାରିଖ ଯାଏଁ ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର ଆୟୋଜନ କରାଯାଇଛି। ଏହି କ୍ରମରେ ବୀରମିତ୍ରପୁର ଜାଗୃତି ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଶିବିରରେ ୧୪ ବର୍ଷରୁ କମ୍ ବର୍ଗର ୨୭ ଜଣ ବାଳକ ଓ ୨୨ ଜଣ ବାଳିକା ତାଲିମ ନେଉଛନ୍ତି। କ୍ରୀଡ଼ା ବିଭାଗ ପକ୍ଷରୁ ଖୋ ଖୋ ପ୍ରଶିକ୍ଷକ ଅନିଲ ସାହୁ କୋଚ ଭାବେ ଦାୟିତ୍ୱ ନେଇଛନ୍ତି। ସକାଳ ୬ରୁ ୮ଟା ଓ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ତାଲିମ ଦିଆଯାଉଛି। ଜିଲ୍ଲାରେ ଏହି ଶିବିର ପ୍ରଥମ କରି ଆୟୋଜନ ହୋଇଥିବାରୁ ଆଗାମୀ ଦିନରେ ବହୁ ସଂଖ୍ୟାରେ ଖେଳାଳି ରାଜ୍ୟ ତଥା ଜାତୀୟସ୍ତର ପାଇଁ ମନୋନୀତ ହେବେ ବୋଲି କୋଚ ଆଶାବ୍ୟକ୍ତ କରିଛନ୍ତି।

# ଶ୍ରଦ୍ଧାର ଦ୍ୱିବାର୍ଷିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ

**ରାଉରକେଲା, ୧୯।୫(ସମିସ) :** ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାର ଦ୍ୱିବାର୍ଷିକ ସମ୍ମିଳନୀ ଶ୍ରଦ୍ଧା ଅଫିସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଗତ ଦୁଇବର୍ଷର କାର୍ଯ୍ୟକ୍ରମ ଓ ଆୟବ୍ୟୟର ବିବରଣୀ ଦେବାସହ ଆଗାମୀ କାର୍ଯ୍ୟକ୍ରମ ଉପରେ ବିଶେଷ ବିବରଣୀ ରଖିଥିଲେ। ଶେଷରେ ସର୍ବସମ୍ମତିକ୍ରମେ ଆସନ୍ତା ୩ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଡ. ରାମକୃଷ୍ଣ ବିଶ୍ୱାଳଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ଡ. ପ୍ରଭାକର ନାୟକ ଉପସଭାପତି, କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସାଧାରଣ ସମ୍ପାଦକ, ଅଜିତ କୁମାର ସ୍ୱାଇଁ ଯୁଗ୍ମ ସମ୍ପାଦକ, ସର୍ବେଶ୍ୱର ମାନସିଂହ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏହାବ୍ୟତୀତ ସାଧାରଣ ପରିଷଦର ସଭ୍ୟ ଭାବେ ନରେଶ କୁମାର ପଟେଲ, ସୁମନ୍ତ କୁମାର ସ୍ୱାଇଁ, କବିତା ଦାସ, ସ୍ୱର୍ଣ୍ଣପ୍ରଭା ପାଣ୍ଡବ, ମୁକୁଳ ହାଁସଦା ଏବଂ ଜଗବନ୍ଧୁ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଛି। ଅଭିଭାବକ କମିଟିରେ ଆଉ ୧୦ ଜଣଙ୍କୁ ନିଆଯାଇଥିଲା।

# ଆର୍ଟ ଅଫ୍ ଗିଭିଂ ଡେ ପାଳିତ

**ରାଉରକେଲା, ୧୯।୫(ସମିସ):** ସ୍ଥାନୀୟ ଜଗଦା ସାଂସ୍କୃତିକ ପରିଷଦର ସଭାଗୃହରେ ଦ୍ୱାଦଶତମ ଆର୍ଟ ଅଫ୍ ଗିଭିଂ ଡେ ପାଳିତ ହୋଇଯାଇଛି। ସମାଜସେବୀ ସଞ୍ଜିବ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୂର୍ଗା ଚରଣ ତନ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ବର୍ଷର ଶୀର୍ଷକ 'ନେବର ହୁଡ' ଅର୍ଥାତ୍ ପଡୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଭଳି ବାର୍ତ୍ତାର ପ୍ରଚାର ସମାଜକୁ ସୁଧାରିବାରେ ସହାୟକ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଅରବିନ୍ଦ ଦାସ ଯୋଗଦେଇଥିଲେ। ପ୍ରଫେସର ସମର ମୁଦାଲି ମଞ୍ଚାସୀନ ଥିଲେ। କହିଛନ୍ତି। ଏହି ଅବସରରେ ରାଉରକେଲା ସହରରେ ରାସ୍ତା କଡ଼ରେ ଜୀବନ ବିତାଉଥିବା ଗରିବଙ୍କୁ ରୁଟି ବିତରଣ କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥା 'ରାମ ରୋଟି'ର କର୍ମକର୍ତ୍ତା ଧନଞ୍ଜୟ ପଟେଲ ଓ ମହେନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅନୀଲ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କିସ୍‌ର ସଂଯୋଜକ ସୁବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍‌ର ନିର୍ଦ୍ଦେଶକ ସନ୍ତୋଷ କୁମାର ନାଏକ, ଟେକ୍ନିକାଲ ଆସିଷ୍ଟାଣ୍ଟ କମଲ ଲୋଚନ ସ୍ୱାଇଁ ଉପସ୍ଥିତ ଥିଲେ।



# ତୁର୍କୀ ଓ ଚୀନ ଉତ୍ପାଦକୁ ବହିଷ୍କାର ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚର ଦାବି

**ରାଉରକେଲା, ୧୯।୫(ସମିସ):** ସ୍ୱଦେଶୀ ଜାଗରଣ ମଞ୍ଚ ରାଉରକେଲା ମହାନଗର ଶାଖା ପକ୍ଷରୁ ବିଶ୍ରା ଛକଠାରେ ଅପରେସନ 'ସିନ୍ଦୁର' ଆକ୍ରମଣ ସମୟରେ ପାକିସ୍ଥାନକୁ ତୁର୍କୀ, ଚୀନ ଓ ଆଜାର ବୈଦାନର ସାମରିକ ସହଯୋଗକୁ ପ୍ରତିବାଦ କରି ଉକ୍ତ ଦେଶର ଉତ୍ପାଦକୁ ବର୍ଜନ କରିବାକୁ ଦାବି କରିଛି। ଏନେଇ ସୋମବାର ସନ୍ଧ୍ୟାରେ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଯୋଜକ ମନୋଜ ନାଏକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସରକାର ତୁର୍କୀ ଉପରେ ଆର୍ଥିକ କଟକଣା ଲଗାଇବା ସହ ଭାରତୀୟ ନାଗରିକଙ୍କୁ ପର୍ଯ୍ୟଟନ ପାଇଁ ତୁର୍କୀ ନଯିବା ପାଇଁ ପ୍ରବର୍ତ୍ତାଇବାକୁ ଦାବି କରିଛନ୍ତି। ତୁର୍କୀର ଫଳମୂଳ ଓ ଶୁଖିଲା ଫଳ ଉପରେ ଆମଦାନୀ କଟକଣା ଲଗାଯିବା ସହ ସମଗ୍ର ଦେଶବାସୀ ତୁର୍କୀ ଓ ଚୀନ ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଦେଶକୁ ସମୃଦ୍ଧ କରିବାକୁ ସ୍ୱଦେଶୀ ଦ୍ରବ୍ୟ ଗ୍ରହଣ କରିବାକୁ ମଞ୍ଚ ନିବେଦନ କରିଛି। ଏହି ଅବସରରେ ଭରତ ଗୌଡ଼, ରିତେଶ ହାଲଦାର, ସୁରଜ୍ ପଣ୍ଡା, ଚନ୍ଦ୍ରିକା ଲାକ୍ରା, ଜୟନ୍ତ ପ୍ରଧାନ, ସୁକାନ୍ତ ସୁତାର, ହିମାଂଶୁ ବଳ, ଦିନେଶ ଭୋଳ, ଭୀମସେନ ନାଏକ, ଦିଲୀପ କୁମାର ପଟ୍ଟନାୟକ, ସତ୍ୟବ୍ରତ ପଣ୍ଡା, ବଦ୍ରି ମହାରଣା, ସତ୍ୟାନନ୍ଦ ଦାସ, ରାଜେଶ ମହାପାତ୍ର, ଅମର ଜୟସ୍ୱାଲ୍ ସହଯୋଗ କରିଥିଲେ।




# ଆର୍‌ଏସ୍‌ପି ଉତ୍ପାଦକତା ବୃଦ୍ଧିରେ ସିଭିଲ୍ ଇଞ୍ଜିନିୟରିଂର ଭୂମିକା ଗୁରୁତ୍ୱପୂର୍ଣ୍ଣ



ରାଉରକେଲା, ୧୯।୫(ସମିସ)

ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଭିଲ୍ ଇଞ୍ଜିନିୟରିଂ (ସେବା) ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ଲାଣ୍ଟର ପ୍ରମୁଖ ୟୁନିଟ୍‌ଗୁଡ଼ିକର କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଓ ଉନ୍ନତତର କର୍ମକ୍ଷେତ୍ର ପରିବେଶ ଉପଲବ୍ଧ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ନିରନ୍ତର ଉନ୍ନତି ଏବଂ ଭିତ୍ତିଭୂମି ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ଅନୁଯାୟୀ, ସିଇଏସ୍ ବିଭାଗ ଉତ୍ପାଦକତାରେ ଉନ୍ନତି ଆଣିବା କକ୍ଷେ ଏବଂ କାରଖାନାରେ କର୍ମଚାରୀଙ୍କ ପାଇଁ ଅଧିକ ଅନୁକୂଳ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ନବୀକରଣ, ଅପଗ୍ରେଡିଂ ଏବଂ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପଗୁଡ଼ିକର ଶୃଙ୍ଖଳ ସଫଳତାର ସହିତ ସମ୍ପନ୍ନ କରିଥିଲା। ବିଭାଗ କେନ୍ଦ୍ରୀୟ କାର୍ମିକ -ଟିଏମ୍‌ଏମ୍ କାର୍ଯ୍ୟାଳୟ କୋଠା, ପ୍ରଶାସନ କୋଠାର ବିଭିନ୍ନ ବ୍ଲକ, ମାର୍କେଟିଂ ବିଭାଗ, ବ୍ଲାଷ୍ଟ ଫର୍ଣ୍ଣେସ୍ ପ୍ରଶାସନ କୋଠା, ଜଳ ପରିଚାଳନା ବିଭାଗ, ଏସ୍‌ଏମ୍‌ଏସ୍-୨ ର ଏମଇଆର କୋଠା, ଅଭ୍ୟର୍ଥନା କୋଠା, ଆଧୁନିକୀକରଣ ଷ୍ଟୋର ଇତ୍ୟାଦି ସମେତ ଅନେକ ପ୍ରମୁଖ ପ୍ରଶାସନିକ ଏବଂ କାର୍ଯ୍ୟକ୍ଷମ କୋଠାଗୁଡ଼ିକରେ ବ୍ୟାପକ ନବୀକରଣ କାର୍ଯ୍ୟ ସମ୍ପାଦନ କରିଥିଲା। ୟୁନିଟର ପ୍ରମୁଖ ପଦକ୍ଷେପ ମଧ୍ୟରୁ ଇଡି ୱାର୍କ୍ସ କୋଠା ସାମ୍ନାରେ ପୂର୍ବରୁ ଥିବା ଆବର୍ଜନା ଡମ୍ପ ସାଇଟକୁ ଏକ ନୂତନ ଉଦ୍ୟାନ ସ୍ଥାନରେ ରୂପାନ୍ତରଣ କାର୍ଯ୍ୟ ଅନ୍ୟତମ ଥିଲା। ଏହି ପ୍ରକଳ୍ପ କେବଳ ଯେ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧି କରିଛି ତାହା ନୁହେଁ ପରିବେଶଗତ ସ୍ଥାୟିତ୍ୱ ଏବଂ ସବୁଜ ପଦକ୍ଷେପ ପ୍ରତି ବିଭାଗର ଉତ୍ସର୍ଗତାକୁ ମଧ୍ୟ ପ୍ରଦର୍ଶନ କରିଛି। ସମ୍ପାଦିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କାର୍ଯ୍ୟ ମଧ୍ୟରେ ସିସିଡିରେ ଆମୋନିୟମ୍ ସଲଫେଟ୍ କୋଠା, ବ୍ଲାଷ୍ଟ ଫର୍ଣ୍ଣେସ-୫ରେ ଫ୍ଲାସ୍ ମିକ୍ସର କଲମ୍, ଆଧୁନିକୀକରଣ ଷ୍ଟୋର ଏବଂ ଟିପ୍ଲର-୧ରେ ଏମଡି ଟ୍ରାକ୍ ଭଳି ଗୁରୁତ୍ୱପୂର୍ଣ୍ଣ ସଂରଚନା ଗଠନର ମରାମତି ଓ ସୁଦୃଢ଼ୀକରଣ ଅନ୍ତର୍ଭୁକ୍ତ ଥିଲା। ସିଇଏସ ଦ୍ୱାରା ଏହି ପଦକ୍ଷେପଗୁଡ଼ିକ ଆରଏସପିର ଉତ୍ପାଦନ ୟୁନିଟ୍ ଏବଂ ରଣନୈତିକ କାର୍ଯ୍ୟକୁ ସହଯୋଗ କରିବା ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯାହା କାରଖାନାର ସାମଗ୍ରିକ ଉତ୍ପାଦକତା, ସୁରକ୍ଷା ଏବଂ କର୍ମଚାରୀ କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ।

# ସମ୍ପାଦକୀୟ



କବି, ପ୍ରେମିକ ଏବଂ ଉନ୍ମାଦଗ୍ରସ୍ତ , ଏକାଭଳି ସ୍ୱପ୍ନସମ୍ପୂର୍ଣ୍ଣ ସେମାନଙ୍କର କଳ୍ପନା ଜଗତ।
-ଉଇଲିୟମ ସେକ୍ସପିୟର

ସକାଳ THE SAKALA

## ଅପଥଗାମୀ ବିକାଶ

ବିକାଶ ଅପରିହାର୍ଯ୍ୟ, କିନ୍ତୁ ପରିବେଶ ସୁରକ୍ଷା ସର୍ବୋପରି - ଏ ଆପ୍ତ ସତ୍ୟ ପ୍ରତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରିବେଶ ସମ୍ବେଦନଶୀଳ ଯେଉଁ କେତେକ ପ୍ରକଳ୍ପକୁ କେନ୍ଦ୍ର ସରକାର ୨୦୧୭ ମସିହାରେ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ପିଛିଲା ଭାବେ ପରିବେଶ ମଞ୍ଜୁରି ଦେଇଥିଲେ ତାହାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ରଦ୍ଦ କରିଦେଇଛନ୍ତି। ପ୍ରିୟାପ୍ରୀତି ତୋଷଣ ପାଇଁ ନୀତି-ନିୟମ, ଆଇନ-କାନୁନ୍କୁ କିଭଳି ମାଡ଼ିମକଚି ଦିଆଯାଏ ତାହାର ପୁଣି ଏକ ଉଦାହରଣ ମିଳିଛି।

ପରିବେଶ ଓ ଜଙ୍ଗଲ ମଞ୍ଜୁରୀ ନଥାଇ ଯେଉଁ ପ୍ରକଳ୍ପ ଆରମ୍ଭ ହୁଏ ତାହାକୁ ବନ୍ଦ କରିବା ପାଇଁ ସରକାରଙ୍କ କ୍ଷମତା ଓ ଅଧିକାର ରହିଛି। କିନ୍ତୁ ୨୦୧୭ ମସିହା ପୂର୍ବରୁ ଅଣମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକୁ ଆଇନତଃ ଅବୈଧ ଦର୍ଶାଇ ବନ୍ଦ କରିବା ବଦଳରେ ଗଳାବାଟରେ ମଞ୍ଜୁର କରାଇ ନେବା ଲାଗି କେନ୍ଦ୍ର ସରକାର ୨୦୧୭ ମସିହାରେ ଏକ ସରକାରୀ ବିଜ୍ଞପ୍ତି ଜାରି କରିଥିଲେ। ସେଥିରେ କୁହାଯାଇଥିଲା ଯେ ଯେଉଁ ପ୍ରକଳ୍ପଗୁଡ଼ିକ ଆରମ୍ଭ ହୋଇସାରିଛି କିମ୍ବା ସମ୍ପ୍ରସାରିତ ହୋଇଛି କିମ୍ବା ଉତ୍ପାଦନର ବିବିଧତା ପରିବର୍ତ୍ତନ ହୋଇସାରିଛି ସେମାନେ ସେଗୁଡ଼ିକୁ ମଞ୍ଜୁର କରାଇ ନେବା ଲାଗି ଛଅମାସ ଭିତରେ 'ଏକକାଳୀନ ମଞ୍ଜୁରୀ' ବ୍ୟବସ୍ଥାରେ ଆବେଦନ କରିପାରିବେ। କୋଟି କୋଟି ଟଙ୍କାର କାମ ଆରମ୍ଭ ହୋଇସାରିଥିôବାରୁ ପ୍ରଭୂତ ଆର୍ଥିକ କ୍ଷତିକୁ ଆଳ କରି ଏହି ବିଜ୍ଞପ୍ତି ଜାରି କରାଯାଇଥିଲା। କିନ୍ତୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ଆପତ୍ତି ଉଠାଇ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ଖଣ୍ଡପୀଠ ବିଜ୍ଞପ୍ତିକୁ ଅବୈଧ ଦର୍ଶାଇବା ସହିତ ଏ ସମ୍ପର୍କିତ ଥିବା ମାର୍ଗଦର୍ଶିକା କିମ୍ବା ନିର୍ଦ୍ଧାରିତ ପଦ୍ଧତି ଅନୁସୃତ ହୋଇନଥିବା କହିଛନ୍ତି। ଏଥିସହିତ ଭବିଷ୍ୟତରେ ଏପରି ମଞ୍ଜୁରୀ ପୂର୍ବରୁ ପରିବେଶ ପ୍ରଭାବ ଆକଳନ(ଇଆଇଏ) ବିଜ୍ଞପ୍ତି ୨୦୦୬ର କଡ଼ା ଅନୁପାଳନ ପାଇଁ ମଧ୍ୟ ନିର୍ଦ୍ଦେଶନାମା ଜାରି କରିଛନ୍ତି।

୨୦୦୬ରେ ପ୍ରଣୀତ ଇଆଇଏ ଅନୁଯାୟୀ କୌଣସି ପ୍ରକଳ୍ପ ଆରମ୍ଭ ପୂର୍ବରୁ ମଞ୍ଜୁରୀ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ। ଏହି ନିୟମ ଆଧାରରେ ପରିବେଶ ଓ ପ୍ରାକୃତିକ ସମ୍ପଦ ଉପରେ ଉକ୍ତ ପ୍ରକଳ୍ପର ପ୍ରଭାବ, ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଧିବାସୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଆଶଙ୍କା, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଆଦି ସାମାଜିକ ଭିତ୍ତିଭୂମି ପ୍ରଭାବିତ ହେଉଛି କି ନାହିଁ ତାହା ଏକ ଉଚ୍ଚ କ୍ଷମତାପ୍ରାପ୍ତ ବିଶେଷଜ୍ଞ ଦଳ ତଦାରଖ କରିବେ। ବହୁସ୍ତରୀୟ ସମୀକ୍ଷା, ଜନଶୁଣାଣି ଆଦି ଆଧାରରେ ହୋଇଥିବା ସୁପାରିସ ଅନୁଯାୟୀ ପରିବେଶ ମନ୍ତ୍ରଣାଳୟ ଉକ୍ତ ପ୍ରକଳ୍ପକୁ ମଞ୍ଜୁର କିମ୍ବା ନାମଞ୍ଜୁର କରିପାରିବେ। କିନ୍ତୁ ୨୦୧୭ ସରକାରୀ ବିଜ୍ଞପ୍ତି ଏହି ନିୟମର ବିରୁଦ୍ଧାଚରଣ କରୁଥିବା ସ୍ପଷ୍ଟ ହେଉଛି। ଉପରୋକ୍ତ ବିବାଦୀୟ ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଥିଲା ଯେ ସମ୍ପୃକ୍ତ ପ୍ରକଳ୍ପ କର୍ତ୍ତାଙ୍କଠାରୁ ପରିବେଶ ଓ ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ ବାବଦକୁ ଜୋରିମାନା ବାବଦରେ ଅର୍ଥ ଆଦାୟ କରାଯାଇପାରିବ। ଏହାଛଡ଼ା ପରିବେଶ ସୁରକ୍ଷା ଆଇନ ୧୯୮୬ ଆଧାରରେ ସମ୍ପୃକ୍ତ ରାଜ୍ୟ ପ୍ରଦୂଷଣ ବୋର୍ଡ ମଧ୍ୟ ସେମାନଙ୍କ ଉପରେ ଅଙ୍କୁଶ ଜାରି କରିପାରିବେ। କିନ୍ତୁ ଅର୍ଥ ଯେ ପ୍ରକୃତିଠାରୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣୀୟ ନୁହେଁ, ତାହା କେନ୍ଦ୍ର ସରକାର ଜାଣିଶୁଣି ପାଶୋରି ପକାଇଥିବା ଅନୁଭୂତ ହେଉଛି।

ଯେଉଁ ପ୍ରକଳ୍ପ ପରିବେଶ ମଞ୍ଜୁରୀ ନଥାଇ ଆରମ୍ଭ ହୋଇପାରୁଛି ସେହି ପ୍ରକଳ୍ପ ଯେ ରାଜ୍ୟ ପ୍ରଦୂଷଣ ବୋର୍ଡର ନାଲିଆଖିକୁ ଡରିବ ତାହା ବିଶ୍ୱାସଯୋଗ୍ୟ ହେଉନାହିଁ। ତେଣୁ ବିଜ୍ଞପ୍ତି ପଛର ଉଦ୍ଦେଶ୍ୟ ଆଉ ଅବୁଝା ହୋଇ ରହିନାହିଁ। ଏହି କଥାକୁ ସର୍ବୋଚ୍ଚ ନ୍ୟାୟାଳୟ ଉଚିତ ଭାବେ ତର୍ଜମା କରି ସମୟୋପଯୋଗୀ ରାୟ ଶୁଣାଇଛନ୍ତି। ଏଥିସହିତ ଖଣ୍ଡପୀଠ ଯେଉଁ କେତେକ ଟୀପ୍ପଣି କରିଛନ୍ତି ତାହା ସର୍ବାଦୌ ପ୍ରାସଙ୍ଗିକ। ଖଣ୍ଡପୀଠ କହିଛନ୍ତି ଯେ ପରିବେଶ ପ୍ରତି ହାନିକାରକ ପ୍ରକଳ୍ପଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସରକାର ଅପଥଗାମୀ ହୋଇଛନ୍ତି। ଏହା ସମ୍ବିଧାନର ଧାରା ୨୧ ଓ ୧୪ର ଉଲ୍ଲଙ୍ଘନ କରୁଥିବାରୁ ଖଣ୍ଡପୀଠ କଦାପି ୨୦୧୭ ବିଜ୍ଞପ୍ତିକୁ ବୈଧ କରିପାରିବେ ନାହିଁ। ଏହି ରାୟ ଦେବା ବେଳେ ଖଣ୍ଡପୀଠ ଦିଲ୍ଲୀ ବାୟୁ ପ୍ରଦୂଷଣର ଉଦାହରଣ ଦେବା ସହିତ ଏପରି ବିଜ୍ଞପ୍ତିର ଯେଭଳି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସଚେତନ ହେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ପୃଷ୍ଠଭୂମିରେ ପରିବେଶ ଓ ଜୈବ ବିବିଧତାର ସୁରକ୍ଷା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉଲ୍ଲେଖ ଅନାବଶ୍ୟକ। ଅଧିକନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ତୁଳନାରେ ମନୁଷ୍ୟକୃତ କାର୍ଯ୍ୟକଳାପ ଦ୍ୱାରା ପରିବେଶ ଅଧିକ କ୍ଷତିଗ୍ରସ୍ତ। ପରିବେଶ ପ୍ରତିକୂଳ ବିକାଶ ମାନବ ସଭ୍ୟତା ପ୍ରତି ଆଦୌ ଗ୍ରହଣୀୟ ନୁହେଁ ବୋଲି ପରିବେଶବିତ୍ମାନେ ଚେତାବନୀ ଦେଇ ଆସୁଛନ୍ତି, କିନ୍ତୁ ପରିବେଶ ଆଇନ କରିଥିବା ସରକାର ହିଁ ପରିବେଶ ବିନାଶର କାରକମାନଙ୍କୁ ସବୁଜସଂକେତ ଦେଇ ଚାଲିଛନ୍ତି। ଏପରିକି ପରିବେଶ ଉପରେ ନିର୍ଦ୍ଦିଷ୍ଟ ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ସୁପାରିସ କରିବା ପାଇଁ ସରକାର ବିଭିନ୍ନ ସମୟରେ ଗଠନ କରିଥିବା ଆୟୋଗ ଓ କମିଟିର ମତାମତକୁ ମଧ୍ୟ ସରକାର ଗ୍ରହଣ କରିବାକୁ ନାରାଜ। ଏଭଳି ଅପଥଗାମୀ ବିକାଶର ପରାଭବ କେରଳର ୱାଇନାଡ୍, ଉତ୍ତରାଖଣ୍ଡ, ଆସାମ୍ ଆଦି ସ୍ଥାନରେ ପ୍ରତିଫଳିତ ହୋଇଛି। ଲକ୍ଷଲକ୍ଷ ଜୀବନ ଯାଇଛି। କୋଟି କୋଟି ଟଙ୍କାର ପରିବେଶ ଭିତ୍ତିଭୂମି ଧ୍ୱଂସ ପାଇଛି। ତଥାପି ବିକାଶ ନାମରେ ବିନାଶକୁ ଆଦରି ନେବାରେ ସରକାର କୁଣ୍ଠାବୋଧ କରୁନାହାନ୍ତି। ଏହାକୁ ପୁଣି ଥରେ ଖଣ୍ଡପୀଠ ସୂଚାଇ ଦେଇ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ପରିବେଶର ବଳି ଦେଇ ବିକାଶ କ'ଣ ଜରୁରୀ? ଏ ପ୍ରଶ୍ନର ଉତ୍ତରରେ ସରକାରଙ୍କ ଅନ୍ତରାତ୍ମାର ଉତ୍ତର ନିଶ୍ଚୟ 'ନା' ହୋଇପାରେ। କିନ୍ତୁ କେବଳ ଆର୍ଥିକ ଅଭିବୃଦ୍ଧି ଓ ଭୌତିକ ଉନ୍ନତିରେ ମୋହାଚ୍ଛନ୍ନ ସରକାର ନିରୁତ୍ତର ରହିବା ହିଁ ଶ୍ରେୟ ମଣିବେ। ବିଶ୍ୱାୟନରେ ବିକାଶ ଜରୁରୀ। କିନ୍ତୁ ତାହା ପରିବେଶକୁ ଧ୍ୱଂସ କରି ନହେଉ।

## ଧାର୍ମିକ ବର୍ବରତା

ଡ.ମନୋଜ କୁମାର ମହାନ୍ତି

ପୃଥିବୀପୃଷ୍ଠରେ ମାନବଜାତିର ସୃଷ୍ଟି ଯେତିକି ରହସ୍ୟମୟ, ତା'ଠାରୁ ଅଧିକ ରହସ୍ୟମୟ ତା'ର ଧାର୍ମିକ ମାନସିକତା। ସେ ତା' ନିଜ ସୃଷ୍ଟିକୁ ନେଇ ଅନେକ ମତବାଦ ମଧ୍ୟରୁ ଧାର୍ମିକ ମତବାଦକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଭାବେ ଗ୍ରହଣ କରିଛି। ଧର୍ମ ପ୍ରତ୍ୟେକ ମଣିଷର ଏକ ସ୍ୱତନ୍ତ୍ର ପରିଚୟ। ଧାର୍ମିକ ପରିଚୟ ତା'କୁ ସାମାଜିକ ଅନୁଷ୍ଠାନ ଓ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ସହ ଯୋଡ଼ି ରଖିଥାଏ। ଯଦିଓ ଧର୍ମର ଆରମ୍ଭ ଓ ନିର୍ଦ୍ଦିଷ୍ଟ ସମୟକୁ ଖୋଜିପାଇବା କାଠିକର ପାଠ, ତଥାପି ଧର୍ମ ବିନା ମଣିଷର ଅସ୍ତିତ୍ୱ ବା କାହିଁ?

ଇତିହାସ ପୃଷ୍ଠାକୁ ଉନ୍ମୋଚନ କଲେ ଜଣାଯାଏ ମଣିଷର ସାମାଜିକ ପରିଚୟ କେବଳ ମଣିଷ ନୁହେଁ, ବରଂ ଜାତି-ଧର୍ମ ଭିତରେ ସୀମାବଦ୍ଧ ହୋଇଯାଇଛି। ଦର୍ଶନ ଶାସ୍ତ୍ର ଅନୁଯାୟୀ ମଣିଷ ନିଜକୁ ସଂଯତ, ପରିମାର୍ଜିତ ସହ ଦିବ୍ୟଚେତନାର ଜାଗରଣ କରି ନିଜ ଜୀବନକୁ ଅମୃତମୟପୂର୍ବକ ମୋକ୍ଷ ଲକ୍ଷ୍ୟରେ ଆତ୍ମାକୁ ଅଗ୍ରସର କରିବାର ମୁଖ୍ୟ ଉଦେଶ୍ୟ ହେଉଛି ଧର୍ମ। 'ଧର୍ମ'ର ଅର୍ଥ ଧାରଣ କରିବା। 'ଧାରଣ'ର ଅର୍ଥ ନିଜର ନୈତିକ କର୍ମକୁ ଆଦରପୂର୍ବକୁ ଆଗେଇ ନେବା। ଧର୍ମ ଏକ ଜୀବନଶୈଳୀ, ଏକ ଚିନ୍ତାଧାରା, ଏକ ମାନସିକ ପରିକଳ୍ପନା, ଏକ ସ୍ୱଚ୍ଛସୁନ୍ଦର ସଂକଳ୍ପ, ଯାହା ମଣିଷକୁ ରାସ୍ତା ଦେଖାଏ। ତା' ଭିତରେ ଥିବା ମାନବିକତାକୁ ଉଦ୍ରେକ କରେ। ଦୟା, ପ୍ରେମ, କରୁଣା ପୁଣି ଭଲ ପାଇବା ସୃଷ୍ଟି କରେ। ପ୍ରତ୍ୟେକ ମଣିଷ ସ୍ୱତନ୍ତ୍ର ଯେ ସେ କେଉଁ ଧର୍ମ ବା ଜୀବନଶୈଳୀକୁ ଗ୍ରହଣ କରିବ ଏବଂ ସେ କେଉଁ ପଥରେ ଅଗ୍ରସର ହେବ ତା'କୁ ହିଁ ଜଣା।

ଜୀବଜଗତର ସୃଷ୍ଟି ପରେ ପରେ ଧର୍ମର ଧ୍ୱଜା ଉଡ଼ିବା ଆରମ୍ଭ ହେଲା। ମଣିଷ ଦ୍ୱାରା ସୃଷ୍ଟି ହୋଇଥିବା ଧର୍ମକୁ ମଣିଷ ହିଁ ପ୍ରଚାର ପ୍ରସାର କରିବାରେ ଲାଗିପଡ଼ିଲା। ଖାଦ୍ୟ, ବସ୍ତ୍ର ଓ ବାସଗୃହ ଉପଯୋଗୀ ସବୁକିଛି ଧର୍ମକୁ ଆଖିରେ ରଖି କରାଗଲା। କେଉଁ ଧର୍ମ ଗ୍ରହଣ କଲେ ମଣିଷକୁ ସୁଖ ଶାନ୍ତି ମିଳିବ ସେ ହିଁ ସ୍ଥିର କଲା। ମଣିଷର ପୋଷାକ ପରିଚ୍ଛଦ ବେଶଭୂଷାକୁ ଦେଖି କେଉଁ ମଣିଷ କେଉଁ ଧର୍ମର ଜାଣିବାରେ ଆଉ କୌଣସି ଦ୍ୱନ୍ଦ୍ୱ ଉପୁଜିଲା ନାହିଁ। ପ୍ରତ୍ୟେକ ଧର୍ମର ଉପାସନା ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ ରହିଲା। ଧର୍ମର ପ୍ରତିଷ୍ଠାତାଙ୍କ ମହତ୍ୱାଣୀ ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ସାଧାରଣ ଜନତାଙ୍କୁ ନିଶ୍ଚିତଭାବେ ଆକର୍ଷଣ କରିବା ଫଳରେ ସେମାନେ ସେହି ଧାର୍ମିକ ଚିନ୍ତାଧାରାରେ ନିଜକୁ ସାମିଲ୍ କରିବାରେ ମନୋନିବେଶ କଲେ। ପାରମ୍ପରିକ ଭାବେ ପିଢ଼ି ପରେ ପିଢ଼ି ସେଇ ନିର୍ଦ୍ଦିଷ୍ଟ ଧର୍ମକୁ ଗ୍ରହଣ କରିନେଲେ। ଧର୍ମକୁ ସହୃଦୟରେ ଗ୍ରହଣ କଲା ପରେ ସେହିଧର୍ମକୁ ଲୋକପ୍ରିୟ କରାଇବା ପାଇଁ ମଣିଷମାନେ ଲାଗିପଡ଼ିଲେ। ନିଜ ଧର୍ମକୁ ଶ୍ରେଷ୍ଠ ଭାବେ ଅନୁଭବ କରି ବିଶ୍ୱ ଦରବାରରେ ସେହି ଧର୍ମର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ କଲେ। ପରେପରେ ଧର୍ମ-ଧର୍ମ ମଧ୍ୟରେ ଚାଲିଲା ପ୍ରତିଦ୍ୱନ୍ଦ୍ୱିତା, ଆକ୍ଷେପ-ପ୍ରତ୍ୟାକ୍ଷେପ।

ଧର୍ମ ଆଗରେ ସବୁ ମୂଲ୍ୟହୀନ। ତେଣ ନିଜର



ଜୀବନକୁ ବଳିଦାନ ସହ ଅନ୍ୟର ଜୀବନକୁ ନେଇ ରକ୍ତର ହୋଲି ଖେଳିବାକୁ ମଣିଷର କୌଣସି ଦ୍ୱନ୍ଦ୍ୱ ଜାତ ହେଲା ନାହିଁ। ଧର୍ମ ଓ ଧର୍ମର ପୁରୋଧାକୁ ନିଜର ଇଷ୍ଟ ଭାବେ ଗ୍ରହଣ କରି ସେହି ନିର୍ଦ୍ଦିଷ୍ଟ ଧର୍ମର ପ୍ରଭୂତାକୁ କିପରି ଜାହିର କରାଯିବ ସେଥିପାଇଁ ସେ ଯୋଜନା କଲା। ଧାର୍ମିକ ଅନୁଷ୍ଠାନ ଜରିଆରେ ଭାବପ୍ରବଣତାକୁ ଅସ୍ତ୍ର କରି ତାହାକୁ ଲୋକାଭିମୁଖୀ କରିବାରେ ସେ ଯତ୍ନବାନ ହେଲା। ପରବର୍ତ୍ତୀ ସମୟରେ ଧର୍ମର ପୃଷ୍ଠପୋଷକ ସାଜିଲେ ହିଂସ୍ର ଅତ୍ୟାଚାରୀ ଶାସକଗୋଷ୍ଠୀ। ସମସ୍ତ ବଳପ୍ରୟୋଗ ପୂର୍ବକ ସାଧାରଣ ଜନତାକୁ ଯୋରଜବରଦସ୍ତ ଧର୍ମଗ୍ରହଣ କରିବାକୁ ବାଧ କରାଗଲା। ଏଥିରେ ଯିଏ ରାଜି ହେଲା ସେ ବଞ୍ଚିଲା। କେହି କେହି ନିଜ ଜୀବନ ବିକଳରେ ଧର୍ମାନ୍ତରଣକୁ ଉପଯୁକ୍ତ ମନେ କଲେ। ଯେଉଁମାନେ ଅନ୍ୟ ଧର୍ମ ଗ୍ରହଣ କଲେ ନାହିଁ ସେମାନଙ୍କୁ ଅତ୍ୟାଚାର, ଅକଥନୀୟ ଦଣ୍ଡ, ମୃତ୍ୟୁଦଣ୍ଡ ଓ ମାନସିକ ଯନ୍ତ୍ରଣା ସହିବାକୁ ପଡ଼ିଲା। ଅଯଥା ଧାର୍ମିକ ଓ ତୀର୍ଥକର ମଧ୍ୟ ସାଧାରଣ ଜନତାଙ୍କ ଉପରେ ଜୋର କରି ଲଦି ଦିଆଗଲା। କେଉଁଠି ଉପାସନା ପୀଠକୁ ଧ୍ୱଂସ କରାଗଲା ତ ପୁଣି କେଉଁଠି ଉପାସନା ପୀଠକୁ ନିଜ ପ୍ରିୟଧର୍ମର ଉପାସନା ପୀଠରେ ରୂପାନ୍ତର କରିବାରେ ଲାଗି ପଡ଼ିଲେ ଧର୍ମାନ୍ଧ ବ୍ୟକ୍ତିସମୂହ। ଧର୍ମକୁ ପ୍ରାଧାନ୍ୟ ଦେଇ ମଣିଷ ମାନବିକତାକୁ ପାସୋରି ଦେଲା।

ବିଶ୍ୱର କୋଣଅନୁକୋଣରେ ଭିନ୍ନଭିନ୍ନ କ୍ଷେତ୍ରରେ ଧର୍ମକୁ ଆଖିରେ ରଖି ଧର୍ମଯୁଦ୍ଧ ଆରମ୍ଭ ହୋଇଗଲା। ଯେଉଁ ଧର୍ମ ପ୍ରେମ ଓ କରୁଣାର ଗୀତଗାନ କରୁଥିଲା ସେ ପୁଣି ହିଂସା-ନୃଶଂସ ଆତଙ୍କବାଦୀର ରୂପ ଧାରଣ କଲା।

'ଧର୍ମ'ର ମୂଳମନ୍ତ୍ର ନୈତିକ ବିଚାର ଉପରେ ପର୍ଯ୍ୟବସିତ। ବିଶ୍ୱଭ୍ରାତୃତ୍ୱ ଓ ଶାନ୍ତି ସ୍ଥାପନ ପାଇଁ ଧର୍ମ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ ହେଁ ତାହା ସମୟକ୍ରମେ ଉଗ୍ର ମାନସିକ ରୂପଧାରଣ କରି ରକ୍ତପାତର ରୂପ ନେବ ସେ କଥା କିଏ ଜାଣିଥିଲା? ଦୟା, କ୍ଷମା, ଦାନ ଓ ତ୍ୟାଗ ଥିଲା ପ୍ରତ୍ୟେକ ଧର୍ମର ମୂଳଲକ୍ଷ୍ୟ। ତାହା କିନ୍ତୁ କ୍ରୂରତାକୁ ପରିବର୍ତ୍ତିତ ହେବାରେ ଲାଗିଲା। ଜଳଦାନ, ଜଳଛତ୍ର କୂପଖନନ ପରିବର୍ତ୍ତେ କୂଅପୋଖରୀ ପାଣିରେ ବିଷ ମିଶାଇବା ଭଳି ଅମାନବିକ କାର୍ଯ୍ୟକଳାପ ଦେଖିବାକୁ ମିଳିଲା। ମଣିଷ ପଶୁଠାରୁ ମଧ୍ୟ ହୀନ ପାଲଟିଗଲା। ଅତ୍ୟାଚାର, ଲୁଣ୍ଠନ, ଗୃହଦାହ, ବଳାତ୍କାର, ଉତ୍ପୀଡ଼ନ, ଉତ୍ତେଜନା, ହିଂସା, ରକ୍ତପାତ କେଉଁ ଧର୍ମର ଆଦର୍ଶ? ନାଜିବାଦ ଶାସନ ସମୟରେ ଇହୁଦୀମାନଙ୍କ ପ୍ରତି ଯେଉଁ ଅତ୍ୟାଚାର କରାଗଲା ତା'ର ମୂକସାକ୍ଷୀ କେବଳ ସମୟ। ଇସ୍ରାଏଲ ଓ ପାଲେଷ୍ଟାଇନରେ ଥିବା ହମାସ ଆତଙ୍କବାଦୀ ମଧ୍ୟରେ ଦୀର୍ଘ ଦିନରୁ ଲାଗିଥିବା ଶତ୍ରୁତା ପଛରେ ଧାର୍ମିକ ଚିନ୍ତାଧାରା ହିଁ ଜଡ଼ିତ, ଯାହା ବାରମ୍ବାର ଯୁଦ୍ଧ ପାଇଁ ରାସ୍ତା ଉନ୍ମୁକ୍ତ କରୁଛି। ସିରିଆରେ ଆଇଏସଆଇର ଯେଉଁ ବର୍ବରତାର କରୁଣକୋହ ତାକୁ କିଏ ବୁଝିବ?

ଭାରତବର୍ଷରେ ଧାର୍ମିକ ବର୍ବରତା କିଛି ନୂଆ କଥା ନୁହେଁ। ମୋଗଲ ଓ ଅନ୍ୟ ବାହ୍ୟ ଆକ୍ରମଣକାରୀମାନଙ୍କଠାରୁ ଆରମ୍ଭ ହୋଇଛି ଭାରତରେ ଧାର୍ମିକ ବର୍ବରତା। ଭାରତରୁ ଧନସମ୍ପଦ ଲୁଣ୍ଠନ ସହ ଧାର୍ମିକ ବର୍ବରତାର ସମସ୍ତ ତଥ୍ୟ ଗୋଟିଗୋଟି ଆମ ଆଖି ସାମନାରେ। ମୋଗଲ ରାଜତ୍ୱ ସମୟରେ ମୋଗଲ ଶାସକମାନେ ଯେଉଁ ଘୃଣା ହିଂସା ନୃଶଂସ ଅମାନବୀୟ ଅତ୍ୟାଚାର ଧର୍ମକୁ ନେଇ ଆରମ୍ଭ କରିଥିଲେ, ତାହା ଦେଶ ସ୍ୱାଧୀନ ହେବାର ପରବର୍ତ୍ତୀ ସମୟରେ ମଧ୍ୟ ଦେଖିବାକୁ ମିଳୁଛି। ମୋଗଲ ସାମ୍ରାଜ୍ୟର ପତନ ପରେ ବ୍ରିଟିଶ ଶାସନ କାଳରେ କିଛିମାତ୍ରାରେ ଧାର୍ମିକ ବର୍ବରତା ଦେଖିବାକୁ ମିଳିଥିଲା। ଭାରତ ପାକିସ୍ତାନ ବିଭାଜନ ସମୟରେ ଯେଉଁ ହତ୍ୟା, ଧର୍ଷଣ ଓ ବର୍ବରତାର ଦୃଶ୍ୟ ଦେଖିବାକୁ ମିଳିଥିଲା, ସେ ସବୁ ପଛରେ ଧାର୍ମିକ ଚିନ୍ତାଧାରାର ଝଲକ୍ ଇତିହାସ ପୃଷ୍ଠାରେ ଲିପିବଦ୍ଧ। ପାକିସ୍ତାନରୁ ବାଂଲାଦେଶ ଅଲଗା ହେବା ସମୟରେ ପୁନଶ୍ଚ ସେହି ବୀଭତ୍ସ ଅମାନବୀୟ କ୍ରୂରତା କାହାକୁ ବା ଅଛପା? ଉଭୟ ପାକିସ୍ତାନ ଓ ବାଂଲାଦେଶରେ ବସବାସ କରୁଥିବା ହିନ୍ଦୁମାନଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ନିର୍ଯାତନା ଘଟିଛି, ତା'ର ହିସାବ କାହା ପାଖରେ ଅଛି? ଆଫଗାନିସ୍ତାନରେ ଥିବା ବୁଦ୍ଧ ଧର୍ମର ସମସ୍ତ ପ୍ରତିମୂର୍ତ୍ତିକୁ ଯେଉଁଭଳି ଧ୍ୱଂସବିଧ୍ୱଂସ କରାଗଲା, ତାହା କଣ ଅତ୍ୟନ୍ତ ଧାର୍ମିକ ବର୍ବରତାର ପରିଚୟ ନୁହେଁ?

ଧର୍ମ ଆଧାରରେ ଭାରତଠାରୁ ଅଲଗା ହୋଇଥିବା ପାକିସ୍ତାନ ଭିନ୍ନ ଭିନ୍ନ ସମୟରେ ଆତଙ୍କବାଦ କାର୍ଯ୍ୟକଳାପରେ ଲିପ୍ତ। ଭାରତର ବିଭିନ୍ନ ସ୍ଥାନରେ ସମୟେ ସମୟେ ନିଜ ଧର୍ମର ହୀନଚକ୍ରାନ୍ତକୁ ବାରମ୍ବାର ଉପସ୍ଥାପିତ କରିବାରେ ସେହି ରାଷ୍ଟ୍ର ପଛଘୁଞ୍ଚା ଦେଉନାହିଁ। କାଶ୍ମୀର ପଣ୍ଡିତମାନଙ୍କୁ ଧର୍ମ ଆଧାରରେ ଆତ୍ୟାଚାର ଓ ପଳାୟନ ପାଇଁ ଧାର୍ମିକପୀଠରୁ ଯେଉଁ ଧମକପୂର୍ଣ୍ଣ ଆଦେଶ ମିଳିଲା, ତାହା କଳୁଷିତ ଧାର୍ମିକ ଚିନ୍ତାଧାରାର ନମୁନାମାତ୍ର। ଧର୍ମକୁ ଆଧାର କରି ଆତଙ୍କବାଦୀମାନେ ଯେଭଳି ଅମାନବୀୟ ହତ୍ୟାକାଣ୍ଡମାନ ଭିଆଇଥା'ନ୍ତି, ତାହାର ସ୍ପଷ୍ଟ ପ୍ରମାଣ ଗତ ଏପ୍ରିଲ୍ ମାସରେ କାଶ୍ମୀର ଘାଟିରେ ପହଲଗାମରେ ଘଟିଥିବା ଘଟଣା ଆଉ ଏକ ଉଦାହରଣ। ଆତଙ୍କବାଦୀଙ୍କ ନିନ୍ଦନୀୟ କର୍ମ ପଛରେ ଧାର୍ମିକ ପରିଚୟ ଓ ଧାର୍ମିକ ଚିନ୍ତାଧାରା ହିଁ ପ୍ରତିଫଳିତ ହୋଇଥିଲା।

ଧର୍ମକୁ ଆଖିରେ ରଖି ଯେଉଁ ଘୃଣ୍ୟ ବର୍ବରୋଚିତ ଘଟଣା ଘଟିଚାଲିଛି ସେଥିପାଇଁ ଧର୍ମ ସମାଲୋଚିତ ହେଉଛି। ଧର୍ମ, ଧର୍ମଗ୍ରନ୍ଥ ଓ ଧର୍ମଗୁରୁ ବାସ୍ତବରେ ମଣିଷକୁ କ'ଣ ଶିଖାଏ? ନିଜ ଧର୍ମ ଠାରୁ କେହି ବଡ଼ ନାହିଁ? ନିଜ ଇଷ୍ଟ ହିଁ ଅନ୍ୟ ଧର୍ମର ଇଷ୍ଟଠାରୁ ଶ୍ରେଷ୍ଠ? ନିଜ ଧର୍ମରେ ଦୀକ୍ଷିତ ବ୍ୟକ୍ତି ହିଁ ମଣିଷ, ଅନ୍ୟମାନେ ପଶୁ, ଯାହାଙ୍କୁ ଯେତେବେଳେ ଚାହିଁବ ସେମାନଙ୍କର ବଳି ପକେଇବ? ନିଜ ଧର୍ମଗ୍ରନ୍ଥ, ପ୍ରଥା ଓ ପରମ୍ପରା ଅନ୍ୟ ଧର୍ମଠାରୁ କ'ଣ ବହୁତ ଉଚ୍ଚତର? ହିଂସା, ଘୃଣା, ବ୍ୟଭିଚାର, ହତ୍ୟା ଓ ସମସ୍ତ ଅମାନବୀୟ ଘଟଣା ପଛରେ ଧାର୍ମିକ ଚିନ୍ତାଧାରା ଯେ ବୃହତ୍ ଭୂମିକା ଗ୍ରହଣ କରୁଛି, ତାହା ଉଦାହରଣମାନ ବାରମ୍ବାର ଦେଖିବାକୁ ମିଳୁଛି। ଏହା ଧାର୍ମିକ ବର୍ବରତା ନୁହେଁ ତ କ'ଣ?

ଭଦ୍ରକ, ମୋ: ୮୮୯୫୩୪୧୦୩୩

## ଗ୍ରୀଷ୍ମପ୍ରବାହ ଓ ବନାଗ୍ନି

ବୈଷ୍ଣବ ମେହେର

ଚଳିତବର୍ଷ କାଳବୈଶାଖୀର ପ୍ରଭାବ ଜାରି ରହିଥିବା ସତ୍ତ୍ୱେ ଗତ ଜାନୁଆରି ପହିଲାରୁ ମେ' ମାସ ପ୍ରଥମ ସପ୍ତାହ ମଧ୍ୟରେ ଆମ ରାଜ୍ୟରେ ୨୯,୧୬୫ ଟି ସ୍ଥାନରେ ବନାଗ୍ନି ଘଟି ପ୍ରାୟ ୪, ୫୭୫.୧୧ ହେକ୍ଟର ଜଙ୍ଗଲକୁ ପ୍ରଭାବିତ କରିଛି। ଗତବର୍ଷ ଠିକ୍ ଏହି ଅବଧି ମଧ୍ୟରେ ୨୨,୮୬୮ ଟି ସ୍ଥାନରେ ବନାଗ୍ନି ସୃଷ୍ଟି ହୋଇ ୪,୦୬୭.୦୫ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଥିବା ବେଳେ ଚଳିତ ବର୍ଷ ବନାଗ୍ନି ସଂଖ୍ୟା ଓ ପ୍ରଭାବିତ ଜଙ୍ଗଲ ପରିମାଣରେ ବୃଦ୍ଧି ଘଟିବା ନିଶ୍ଚିତ ଚିନ୍ତାର ବିଷୟ।

ଓଡ଼ିଶାରେ ବାର୍ଷିକ ହାରାହାରି ୨୩୮ ହେକ୍ଟର ଜଙ୍ଗଲ ବନାଗ୍ନି କାରଣରୁ ଧ୍ୱଂସ ପାଇଥାଏ। ଗତ ଦଶବର୍ଷର ଜଙ୍ଗଲ କ୍ଷୟ ପରିସଂଖ୍ୟାନ ଅଧ୍ୟୟନ ଅନୁଯାୟୀ ଆମ ରାଜ୍ୟରେ ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ଯେତିକି ଜଙ୍ଗଲ ନଷ୍ଟ ହୋଇଛି, ତାହାର ଚାରିଗୁଣରୁ ଅଧିକ ଜଙ୍ଗଲ ନିଆଁରେ ପୋଡ଼ିଯାଇଛି। ଶିଳ୍ପ, ଖଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଆବଶ୍ୟକ ଜଙ୍ଗଲ ଜମିରୁ ଗଛ କାଟିବା ପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଥା'ନ୍ତି। ତେବେ ଗତ ଦଶବର୍ଷ ମଧ୍ୟରେ ଏହିସବୁ କାର୍ଯ୍ୟ ପାଇଁ ପାଖାପାଖି କୋଡ଼ିଏ ହଜାର ହେକ୍ଟର ଜଙ୍ଗଲ କଟାଯାଇଥିବା ବେଳେ ଏହା ବଦଳରେ ଆଇନ ଅନୁଯାୟୀ କ୍ଷତିପୂରକ ବନୀକରଣ ଯୋଜନାରେ ପ୍ରାୟ ୨୩ ହଜାର ହେକ୍ଟର ଜମିରେ



୧୦୬ କୋଟିରୁ ଅଧିକ ଅର୍ଥ ବ୍ୟୟ କରି ନୂତନ ଜଙ୍ଗଲ ସୃଷ୍ଟି କରାଯାଇଛି। ଅପରପକ୍ଷେ ବନାଗ୍ନି ଯୋଗୁଁ ଗତ ଦଶବର୍ଷରେ ଓଡ଼ିଶାରେ ୮୭ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ପ୍ରଭାବିତ ହୋଇଥିବା କୁହାଯାଇଛି।

ବନାଗ୍ନିର ମୂଳଉତ୍ସ ଯାହା ହେଉନା କାହିଁକି, ଖରାଦିନ ଆରମ୍ଭରୁ ରାଜ୍ୟର ମୋଟ ୫୨ଟି ଜଙ୍ଗଲ ମଣ୍ଡଳର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ନଷ୍ଟ ହେବା ସହ ମୂଲ୍ୟବାନ ଉଦ୍ଭିଦ ଓ ପ୍ରାଣିସମ୍ପଦର ବହୁଳ କ୍ଷତି ଘଟି ଚାଲିଛି। ଏତଦ୍‌ବ୍ୟତୀତ ବନାଗ୍ନି ଧୂମ ଓ ତାପ ସୃଷ୍ଟି କରି ପରିବେଶ ପ୍ରଦୂଷଣର ପ୍ରମୁଖ କାରଣ ସାଜୁଥିବାରୁ ଏହା ଆଖପାଖ ଅଞ୍ଚଳର ତାତିକୁ ଅସହ୍ୟ କରିଦେଉଛି। 'ଟେମ୍ପରେଚର' ପତ୍ରିକାରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁସାରେ ୨୦୦୧ ରୁ ୨୦୧୯ ମସିହା ମଧ୍ୟରେ ଚରମ ତାପମାତ୍ରା ଯୋଗୁଁ ଭାରତରେ ୧୯,୬୯୩ ଜଣଙ୍କର ଅଂଶୁଘାତରେ ପ୍ରାଣ ଯାଇଛି।

ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି ଯେତିକି ଆବଶ୍ୟକ, ବନାଗ୍ନିକୁ ରୋକାଯିବା ତା'ଠାରୁ ଢେର ଅଧିକ ଜରୁରୀ। ଆଧୁନିକ ବିଜ୍ଞାନ ଜଗତରେ ଉପଗ୍ରହ ମାଧ୍ୟମରେ ଚିତ୍ର ଉତ୍ତୋଳନ କରି ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ତୁରନ୍ତ ସିଧାସଳଖ ବନାଗ୍ନି ବିଷୟରେ ଅବଗତ କରାଇବା ଏକ ଅତ୍ୟାଧୁନିକ ପଦକ୍ଷେପ ବୋଲି ଧରାଯାଇପାରେ। ଏହି ତଥ୍ୟକୁ ଆଧାର କରି ବନବିଭାଗର ବନଖଣ୍ଡ, ବନାଞ୍ଚଳ, ଉପଖଣ୍ଡ, ବିଟ୍ ଭଳି ପ୍ରତ୍ୟେକ ସ୍ତରର ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକ ତତ୍ତ୍ୱାବଧାନରେ ବନ ସଂରକ୍ଷଣ ସମିତି, ସେଚ୍ଛାସେବୀ, ପ୍ରକୃତିପ୍ରେମୀ, ସାଧାରଣ ଜନତାଙ୍କ ସହଭାଗିତା ରହିଲେ ବନାଗ୍ନିକୁ ଆୟତ୍ତ କରାଯିବା ନିହାତି ସହଜ ହେବ।

ଦେଶର ପ୍ରାୟ ୯୫ ଶତାଂଶ ବନାଗ୍ନି ମନୁଷ୍ୟକୃତ ବୋଲି ବିଭିନ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି। କିନ୍ତୁ ସାଧାରଣ ଲୋକଙ୍କ ମଧ୍ୟରେ ବନାଗ୍ନିକୁ ନେଇ ଯେଉଁ ପରିମାଣରେ ସଚେତନତା ସୃଷ୍ଟି ହେବା କଥା ତା'ହା ଏ ପର୍ଯ୍ୟନ୍ତ ଆସିନାହିଁ। ଲୋକଙ୍କ ଅସାବଧାନତା ଓ ଖାମଖିଆଲି ମନୋଭାବ ମୂଲ୍ୟବାନ ଜଙ୍ଗଲ ଧ୍ୱଂସର କାରଣ ସାଜିଛି। ପୋଡୁଚାଷ ପାଇଁ କିମ୍ବା ଜଙ୍ଗଲଜାତ ଦ୍ରବ୍ୟ ଗୋଟାଇବା ପାଇଁ ଜଙ୍ଗଲରେ ନିଆଁ ଲଗାଯିବା, ଜଳନ୍ତା ବିଡ଼ି ବା ସିଗାରେଟ୍ ଅବଶେଷରୁ ଶୁଖିଲା ପତ୍ରରେ ନିଆଁ ଲାଗି ବନାଗ୍ନି ସୃଷ୍ଟି ହେବା ଆମ ଦେଶରେ ସାଧାରଣ କଥା ହୋଇଯାଇଛି। ତେଣୁ ବନାଗ୍ନି ରୋକିବାକୁ ହେଲେ ବନବିଭାଗରେ ଯଥେଷ୍ଟ ସଂଖ୍ୟକ ଅଭିଜ୍ଞ ଓ କୁଶଳୀ କର୍ମଚାରୀଙ୍କୁ ନିୟୋଜିତ କରିବା ଦରକାର। ଯାହାଦ୍ୱାରା ସେମାନେ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରିବା ସହ ସେମାନଙ୍କ ସହଯୋଗରେ ବନାଗ୍ନି ଦୂରୀକରଣର ସଫଳ ଯୋଜନା ପ୍ରସ୍ତୁତ କରିପାରିବେ।

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

## ପର୍ବ ପାଳନ ଓ ମାନସିକ ଉତ୍ତୋଳନ

ଶ୍ରୀନନ

ବର୍ତ୍ତମାନ ଆମର ବଢ଼ି ବଢ଼ି ଚାଲିଥିବା ଉଚ୍ଚାକାଂକ୍ଷା ହେତୁ ଅଧିକମାତ୍ରାରେ ଆସୁଛି ବିଫଳତା। ତାହା ହିଁ ବଢ଼ାଇବାରେ ଲାଗିଛି ମାନସିକ ଚାପ ଓ ଦୁଶ୍ଚିନ୍ତା, ଯାହାକି ମନ ଓ ଶାରୀର ଉପରେ ମଧ୍ୟ ପକାଉଛି ନକାରାତ୍ମକ ପ୍ରଭାବ। ସରଳ ତଥା ସମର୍ପିତ ଭାବ ନେଇ ଧାର୍ମିକ ପର୍ବ ବା ରୀତିନୀତି ପାଳନ ସହିତ ଜୀବନଯାତ୍ରା କରିବା ଦ୍ୱାରା ଏହି ବିଫଳତାର ପ୍ରଭାବ ହ୍ରାସ ପାଏ ଏବଂ ତାହା ପାଲଟିଯାଏ ସଫଳତାର ନିଶୁଣୀ। କାରଣ ଏହା ଆମ ଚାପଗ୍ରସ୍ତ ମସ୍ତିଷ୍କର ସ୍ନାୟୁ ବ୍ୟବସ୍ଥାକୁ ପୁନଃନିର୍ମାଣ କରିପାରେ ବୋଲି ମତ ଦେଲେଣି ବହୁ ମନସ୍ତତ୍ତ୍ୱବିତ୍ ଏବଂ ସ୍ନାୟୁ ବିଜ୍ଞାନୀ। ବିଶେଷକରି ଛାତ୍ରଛାତ୍ରୀ, ଗବେଷକ, ବ୍ୟବସାୟୀ ଏବଂ ବିବିଧ ପ୍ରତିଯୋଗିତାରେ ଭାଗନେଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହା ଅଧିକ ପ୍ରଯୁଜ୍ୟ।

ନୃତାତ୍ତ୍ୱିକ ଓ ମନସ୍ତାତ୍ତ୍ୱିକ ଗବେଷଣାରୁ ଜଣାପଡ଼ିଛି ଯେ ପର୍ବପର୍ବାଣି ବା ଧାର୍ମିକ ରୀତିନୀତି ମାନସିକ ଅବସ୍ଥାକୁ ସୁନିୟନ୍ତ୍ରିତ କରେ। ଉଦାହରଣ ସ୍ୱରୂପ, ପରୀକ୍ଷାକୁ ଯିବା ପୂର୍ବରୁ ଦେବଦର୍ଶନ, କଳସ ବସାଇବା କିମ୍ବା ଗୁରୁଜନମାନଙ୍କ ଆଶୀର୍ବାଦ ଭିକ୍ଷା କରିବା ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରେ ଏବଂ ମନକୁ ଚାପ ମୁକ୍ତ କରେ। ସେହିପରି ଅନ୍ୟାନ୍ୟ ଆହ୍ୱାନର ସମ୍ମୁଖୀନ ହେବା ଆଗରୁ ଧାର୍ମିକ ରୀତି ଅନୁସାରେ କିଛି ନା କିଛି କାର୍ଯ୍ୟ କଲେ ସଫଳତାର ସମ୍ଭାବନା ଅଧିକ। ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଆମର ବହୁଳ ଆଦୃତ ହୋଲି ପର୍ବ ସାମାଜିକ ସଦ୍ଭାବ ବୃଦ୍ଧି କରିବା ସହିତ ମନକୁ ଚାପମୁକ୍ତ କରେ ଏବଂ ତହିଁରେ ସୃଷ୍ଟିକରେ ସଦ୍ଭାବନା। ପରସ୍ପରକୁ ରଙ୍ଗବୋଳିବା (ପ୍ରାକୃତିକ ରଙ୍ଗ) ସହିତ ଆଲିଙ୍ଗନ କରିବା ଫଳରେ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ 'କୋର୍ଟିସଲ୍' ହ୍ରାସ ପାଏ ଏବଂ 'ଖୁସି ହରମୋନ୍' 'ଏଣ୍ଡୋରୋଫିନ୍ସ'ର କ୍ଷରଣ ବୃଦ୍ଧି ପାଇ ମନକୁ ଆନନ୍ଦିତ କରେ। ଏହାର ପ୍ରଭାବରେ ରୋଗ ନିରୋଧକ ଶକ୍ତି ବଢ଼େ, ରକ୍ତଚାପ ହ୍ରାସ ପାଏ, ହୃତ୍‌ସ୍ପନ୍ଦନ ସଂଯୋଜିତ ହୁଏ ଏବଂ ରୋଗବ୍ୟାଧିରୁ ମୁକ୍ତ ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ।

**ବିଜ୍ଞାନ ବାର୍ତ୍ତା**

କୌଣସି କାର୍ଯ୍ୟରେ ବିଫଳ ହେଲା ବେଳେ ଏହା କିପରି ମସ୍ତିଷ୍କକୁ ପ୍ରଭାବିତ କରେ, ତାହା ଉପରେ ଏବେ ଆଲୋକପାତ କରିଛି ବେଜିଂ ବିଶ୍ୱବିଦ୍ୟାଳୟର ଜି ୱିଙ୍ଗଙ୍କ ଏକ ସ୍ନାୟୁ ବିଜ୍ଞାନଭିତ୍ତିକ ଅଧ୍ୟୟନ। ଏଥିରେ ସେ ଏବଂ ତାଙ୍କ ସହଯୋଗୀମାନେ ମସ୍ତିଷ୍କର ସ୍ନାୟୁଗୁଡ଼ିକର କାର୍ଯ୍ୟକଳାପ ଉପରେ ଲକ୍ଷ୍ୟ ରଖୁଥିଲେ। କୌଣସି କାର୍ଯ୍ୟ କଲାବେଳେ ଭୁଲ୍ କରି ବସିଲେ ତାହାର ପ୍ରତିକ୍ରିୟା ସେ ବ୍ୟବସ୍ଥା ଉପରେ ଦୃଶ୍ୟମାନ ହୁଏ ବୋଲି ଗବେଷଣାରୁ ଜଣାପଡ଼ିଥିଲା। ଏହା ସେଠାର ସ୍ନାୟୁଗୁଡ଼ିକର ସକ୍ରିୟତା ହ୍ରାସ କରିଥାଏ। ତେବେ ସେସମୟରେ କୌଣସି ଧାର୍ମିକ କାର୍ଯ୍ୟରେ ଲିପ୍ତ ରହିଲେ ତାହା ମସ୍ତିଷ୍କର ପ୍ରଭାବିତ 'ଆଣ୍ଟେରିଆର୍ ସିଙ୍ଗୁଲେଟ୍ କୋରଟେକ୍ସ' ଅଂଶକୁ ପୁନଃସକ୍ରିୟ କରିଦିଏ। ଏହା ଆମକୁ ତ୍ରୁଟିଟି ପ୍ରତି ସଂବେଦନଶୀଳତା ହ୍ରାସ କରେ। ଅତଏବ ଆମ ମନ ଶକ୍ତ ହୁଏ ଏବଂ ନୂଆ କାମ କରିବା ଲାଗି ସେଥିରେ ଆଗ୍ରହ ଜନ୍ମେ। କୌଣସି ଆହ୍ୱାନମୂଳକ କାର୍ଯ୍ୟ କରିବାକୁ ଯିବା ଆଗରୁ କିଛି ନା କିଛି ଧାର୍ମିକ ରୀତିନୀତି ଅନୁସରଣ କଲେ ମନରେ ବଳ ଆସେ, ଅନିଶ୍ଚିତତା ପ୍ରତି ଭୟ ଦୂର ହୁଏ ଏବଂ କାର୍ଯ୍ୟଟିରେ ମନ କେନ୍ଦ୍ରୀଭୂତ ହୁଏ। ସାମୂହିକ ଭାବେ ପାଳନ କରାଯାଉଥିବା ପର୍ବ ବା ରୀତିନୀତି ମଧ୍ୟ ସାର୍ଥକ ଭାବନା ଏବଂ ଦୃଢ଼ ମନୋଭାବକୁ ସମସ୍ତଙ୍କ ମଧ୍ୟରେ ସୃଷ୍ଟି କରେ। ଉତ୍ପନ୍ନ ହୁଏ ଏକ ଦଳଗତ ମାନସିକତା ଏବଂ ବିବିଧ ଆହ୍ୱାନର ମିଳିତ ଭାବେ ସମ୍ମୁଖୀନ ହେବା ଲାଗି ମନରେ ଶକ୍ତି ଜୁଟାଏ। ମହାମାରୀ ସମୟରେ ଦେବାର୍ଚ୍ଚନା ଏହାର ଏକ ଉଦାହରଣ।

ଏସବୁ ଦୃଷ୍ଟିରୁ ବିଚାରକଲେ ଧାର୍ମିକ ପର୍ବପର୍ବାଣି ଓ ରୀତିନୀତି ପାଳନ କରିବାର ଦେହ ଓ ମନ ଉପରେ ରହିଛି ବହୁ ସକାରାତ୍ମକ ପ୍ରଭାବ। ସାମାଜିକ ଜୀବନକୁ ମଧ୍ୟ ଏହା ସୁଦୃଢ଼ କରେ। କିନ୍ତୁ ଏବେ ଗୁରୁତ୍ୱ ଦିଆଯାଉଛି ବାଣ, ରୋଷଣୀ ଓ ବାଜା ଉପରେ। ଉଜ୍ଜ୍ୱଳ ଆଲୋକରେ ମଧ୍ୟ ସାଜସଜ୍ଜା କରାଯାଉଛି। ପରିବେଶ ଓ ପରିସଂସ୍ଥା ଉପରେ ପଡୁଛି ଏହାର ଘାତକ ପ୍ରଭାବ। ଦେହ ଓ ମନକୁ ମଧ୍ୟ ଏହା ପ୍ରଭାବିତ କରୁଛି। ଆମେ ବୁଝିବା ଉଚିତ ଯେ ଏସବୁ ଆମର ପରମ୍ପରା ନୁହେଁ। ସମୟକ୍ରମେ ଏହାକୁ ଆମେ ସେଥିରେ ଯୋଗକରିଛୁ କେବଳ କ୍ଷଣିକ ଆନନ୍ଦ ପାଇଁ ଏବଂ କେତେକସ୍ଥଳେ ଅନ୍ଧବିଶ୍ୱାସ ହେତୁ। ଏଣୁ ଚାଲନ୍ତୁ ଏ ସବୁରୁ ନିବୃତ ରହି ଆମେ ସରସ, ସୁନ୍ଦର ଭାବେ ନିର୍ମଳ ମନ ନେଇ ଧାର୍ମିକ ପର୍ବ ଏବଂ ରୀତି ନୀତି ପାଳନ କରିବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଶିମିଳିପାଳ ସୁରକ୍ଷାରେ ସୁମନ୍ତ ଚୌଧୁରୀ

■ ୩ ବର୍ଷରେ ଧରିଛନ୍ତି ୧୮ କୁଖ୍ୟାତ ଶିକାରୀ
■ ପ୍ରଶଂସା କଲେ ପିସିସିଏଫ୍



ବାରିପଦା, ୧୯ ।୫ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ସୁରକ୍ଷାରେ ବନରକ୍ଷୀ ସୁମନ୍ତ କୁମାର ଚୌଧୁରୀ ଜଣେ ସବୁଜ ସୈନିକ ଭାବେ କାର୍ଯ୍ୟ କରି ନିଜର ପରାକାଷ୍ଠା ଦେଖାଇଛନ୍ତି । ଏହାକୁ ନେଇ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଥିବା ବେଳେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ‘ଏକ୍ସ’ ଯୋଗେ ପ୍ରଶଂସା କରିଛନ୍ତି । ଫରେଷ୍ଟ ଗାର୍ଡ ଶ୍ରୀ ଚୌଧୁରୀ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡରେ କାର୍ଯ୍ୟରତ । ଗତ ୩ବର୍ଷ ମଧ୍ୟରେ ସେ ଦକ୍ଷିଣ ପିଠାବଟା ବନାଞ୍ଚଳରେ ୧୮ କୁଖ୍ୟାତ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଏଥିସହ ୧୫ଟି ବନ୍ଧୁକ, ୪ଟି ହାତୀଦାନ୍ତ ଏବଂ ଗୋଟିଏ କଲରାପତରିଆ ବାଘ ଚମଡ଼ା ଜବତ କରିଥିବା ଦଳରେ ସେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କ ଦ୍ୱାରା ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ବେଶ ସୁଦୂର ପ୍ରସାରୀ ହୋଇପାରିଛି । ତାଙ୍କ ଉଦ୍ୟମ ଯୋଗୁଁ ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ୩୨ଟି ବନ୍ଧୁକ ସହିତ ଆତ୍ମସମର୍ପଣ କରିଥିଲେ । ସେ ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସଭାଜନ ହୋଇ ଶିମିଳିପାଳର ବନ୍ୟଜନ୍ତୁ ଓ ଗଛଲତାର ସୁରକ୍ଷା ନେଇ ଅନେକ ସଚେତନ କରିଛନ୍ତି । ଏହା ସହିତ ବିଭିନ୍ନ ସଚେତନତା ଅଭିଯାନଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଇଛନ୍ତି । ଶିମିଳିପାଳରେ ବନ୍ୟପ୍ରାଣୀଙ୍କ ପାଇଁ ଜଣେ ପ୍ରକୃତ ରକ୍ଷକ ଭାବେ କାର୍ଯ୍ୟ କରିଛନ୍ତି ବୋଲି ପିସିସିଏଫ୍ କହିଛନ୍ତି ।

■ ବାସି ଖାଦ୍ୟ ବିକ୍ରି; ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ଉ

## ‘ବିଶାଳ ମେଗା ମାର୍ଟ’କୁ ୧ ଲକ୍ଷ ଟଙ୍କା ଜରିମାନା

ରାୟଗଡ଼ା, ୧୯।୫(ସମିସ): ବୈଧ ସରିଯାଇଥିବା ଖାଦ୍ୟ ପ୍ୟାକେଟ୍ ବିକ୍ରି ଅଭିଯୋଗରେ ରାୟଗଡ଼ା ଏଫ୍‌ସିଆଇ ଛକ ନିକଟସ୍ଥ ବିଶାଳ ମେଗାମାର୍ଟକୁ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଅଭିଯୋଗ ଆଧାରରେ ଆଜି ରାୟଗଡ଼ା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା । ଅଭିଯୋଗ ସତ ପ୍ରମାଣିତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

**‘ବିଶାଳ ମେଗା ମାର୍ଟ’କୁ ୧ ଲକ୍ଷ ଟଙ୍କା ଜରିମାନା**

ସୂଚନାନୁସାରେ, ରାୟଗଡ଼ା ସହରର ବାସିନ୍ଦା ସଂଗ୍ରାମ ପଟ୍ଟନାୟକ ଚଳିତ ମାସ ୧୪ ତାରିଖ ଦିନ ବିଶାଳ ମେଗାମାର୍ଟରୁ ସମୁଦାୟ ୧୪୬୩ ଟଙ୍କାର ଜିନିଷ କିଣିଥିଲେ । ତେବେ ଏକ ଭୁଜିଆ ପ୍ୟାକେଟ୍‌ର ବୈଧତା ୧୨ ତାରିଖ ଦିନ ସରିଯାଇଥିବାରୁ ଏ ବାବଦରେ ସେ ସଂସ୍ଥାର ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ମ୍ୟାନେଜର୍ ଓଲଟି ତାଙ୍କୁ ନାଲି ଆଖି ଦେଖାଇଥିଲେ । ପରେ ଶ୍ରୀ ପଟ୍ଟନାୟକ ଏ ସଂପର୍କରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଖାଦ୍ୟ ସୁରକ୍ଷା ଅଧିକାରୀ ଜ୍ୟୋତି ପ୍ରକାଶ ସୋରେନଙ୍କ ନେତୃତ୍ୱରେ ତିନିଜଣିଆ ଏକ ଟିମ୍ ଆଜି ମାର୍ଟରେ ଚଢ଼ଉ କରିଥିଲେ । ଯାଞ୍ଚ ସମୟରେ ସେଠାରେ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା କିଛି ସାମଗ୍ରୀର ବୈଧତା ସରିଯାଇଥିବା ଦେଖିବାକୁ ମିଳିଥିଲା । ଏଥିସହ କିଛି ଖାଦ୍ୟ ସାମଗ୍ରୀ ଖୋଲାଥିବା ଦେଖିବାକୁ ପାଇବା ପରେ ଉକ୍ତ ସାମଗ୍ରୀର ମାନ ପରୀକ୍ଷଣ ପାଇଁ ଲ୍ୟାବ୍‌କୁ ପଠାଇଥିଲେ ।

**ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ**

## ଡ୍ରପ୍‌ଆଉଟ୍ ସର୍ଭେକୁ ପ୍ରଶଂସା

ଭୁବନେଶ୍ୱର,୧୯ ।୫(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଶିକ୍ଷା ଓ ସ୍କୁଲ୍ ଭିତ୍ତିଭୂମିର ଉନ୍ନତିକରଣ, ଜାତୀୟ ପାଠ୍ୟକ୍ରମ ସହିତ ସମନ୍ୱୟ ରଖି ପାଠ୍ୟପୁସ୍ତକ ଏବଂ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା, ଶିକ୍ଷକଙ୍କ ଦକ୍ଷତା ବିକାଶ, ଜାତୀୟ ଶିକ୍ଷା ନୀତି କାର୍ଯ୍ୟାନ୍ୱୟନ, ପିଏମ୍ ପୋଷଣ ପରି ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଛି । ପ୍ରଥମ କରି ବିଦ୍ୟାଳୟରେ ଖୋଲିଥିବା ଶିଶୁ ବାଟିକାର ସୁପରିଚାଳନା, ଜାତୀୟ ପାଠ୍ୟକ୍ରମ ପରି ରାଜ୍ୟ ପାଠ୍ୟକ୍ରମକୁ ବିକଶିତ କରିବା ସହ ସ୍ଥାନୀୟ ପ୍ରାସଙ୍ଗକୁ ପ୍ରାଧାନ୍ୟ ଦେବା ପାଇଁ ଗଠିତ ଷ୍ଟିୟରିଂ କମିଟିର କାର୍ଯ୍ୟକୁ ସମୀକ୍ଷା କରାଯାଇଛି । ଡ୍ରପ୍ ଆଉଟ୍ ରୋକିବା ପାଇଁ ଘରକୁ ଘର ବୁଲି କରାଯାଉଥିବା ସର୍ଭେକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି । ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଦେଶ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ମଧ୍ୟ କହିଛନ୍ତି । ସମୀକ୍ଷା ବୈଠକରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ସଚିବ ସଞ୍ଜୟ କୁମାର, ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ କେନ୍ଦ୍ର ସରକାରଙ୍କ ବହୁ ଉଚ୍ଚ ପଦସ୍ଥ ଅଧିକାରୀ, ପିଏମ-ପୋଷଣ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ତିନି ଦିନ ଧରି ନୂଆଦିଲ୍ଲୀସ୍ଥିତ ଆଇସିଏଆର୍‌ରେ ସମସ୍ତ ରାଜ୍ୟର ଶିକ୍ଷା ସଚିବଙ୍କୁ ନେଇ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।



ଏହି ସମ୍ମିଳନୀରେ ଶିକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଥିବାବେଳେ ବିଭିନ୍ନ ରାଜ୍ୟ ସେମାନଙ୍କ ସଫଳ ଯୋଜନାକୁ ଉପସ୍ଥାପନ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେନ୍ଦ୍ରୀୟ ଅନୁଦାନ...

ରାଜ୍ୟକୁ ପର୍ଯ୍ୟାୟକ୍ରମେ କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରିଥାଆନ୍ତି । ପ୍ରତ୍ୟେକ ପର୍ଯ୍ୟାୟରେ ଅନୁଦାନ ବ୍ୟୟ ପରେ କେନ୍ଦ୍ରକୁ ଖର୍ଚ୍ଚ ବିବରଣୀ ପଠାଯିବା ପରେ ପରବର୍ତ୍ତୀ କିସ୍ତି ମିଳିଥାଏ । ମାତ୍ର ରାଜ୍ୟ ସରକାର କେନ୍ଦ୍ରୀୟ ଅନୁଦାନ ବ୍ୟୟ କରିବାରେ ଅସମର୍ଥ ହୋଇଥିବାରୁ ପରବର୍ତ୍ତୀ କିସ୍ତି ଅର୍ଥ ଓଡ଼ିଶାକୁ ମିଳିଲା ନାହିଁ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ବିଭିନ୍ନ ବିଭାଗର ବଜେଟ ବରାଦ ବ୍ୟୟନ ହେବା ବିଭିନ୍ନ ବିଭାଗ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଯାହା କେନ୍ଦ୍ରୀୟ ଅନୁଦାନ ହ୍ରାସର ଅନ୍ୟତମ କାରଣ ବୋଲି ଅର୍ଥନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ବିଜେଡି ସରକାର କେବଳ ପଞ୍ଚାୟତିରାଜ ବିଭାଗରେ ଖର୍ଚ୍ଚ କରିଥିଲେ ୧୬୬୮୫ କୋଟି ଟଙ୍କା । ମାତ୍ର ବିଜେପି ସରକାରକୁ ଆସିବା ପରେ ଏହି ବିଭାଗ ମାତ୍ର ୮୨୨୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସମର୍ଥ ହୋଇଛି । କେବଳ ପଞ୍ଚାୟତିରାଜ ବିଭାଗ ନୁହେଁ, ମିଶନଶକ୍ତି, ଗ୍ରାମ୍ୟ ଉନ୍ନୟନ ଓ ସାମାଜିକ ଉନ୍ନୟନ ଜଡ଼ିତ ଅନ୍ୟ ବିଭାଗଗୁଡ଼ିକର ମଧ୍ୟ ସମାନ ଅବସ୍ଥା ।

କେବଳ କେନ୍ଦ୍ରୀୟ ଅନୁଦାନ ନୁହେଁ, ଗତ ଆର୍ଥିକ ବର୍ଷରେ ରାଜସ୍ୱ ସଂଗ୍ରହ ମଧ୍ୟ ପୂର୍ବ ବର୍ଷ ତୁଳନାରେ ହ୍ରାସ ପାଇଛି । ୨୦୨୩-୨୪ରେ ତତ୍‌କାଳୀନ ବିଜେଡି ସରକାର ସମୟରେ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା । ମାତ୍ର ୨୦୨୪-୨୫ରେ ଏହି ବୃଦ୍ଧି ହାର ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି । ସେହିପରି ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି । ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବୃଦ୍ଧି ପାଇଥିବା ସମୟରେ ବିଜେପି ସରକାର ଆସିବା ପରେ ୨୦୨୪-୨୫ରେ ଅଣ ଟିକସ ରାଜସ୍ୱ ୩.୬୬ ପ୍ରତିଶତ ହ୍ରାସ ପାଇଛି । ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି । ଲୁହାପଥରରୁ ମଧ୍ୟ ରାଜ୍ୟ ସରକାର ମାତ୍ର ବର୍ଷଟିଏ ମଧ୍ୟରେ ୭୩୮୩ କୋଟି ଟଙ୍କାର ରାଜସ୍ୱ କମ୍ ପାଇଛନ୍ତି । ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି । ଅତଏବ ସରକାର ଉତ୍ସବ ପାଳିବା ବଦଳରେ ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ କିପରି ସୁସ୍ଥ ରହିବ ସେନେଇ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଭାରତ ଧର୍ମଶାଳା...

ଶ୍ରୀଲଙ୍କା ଫେରିଯିବାକୁ କୁହାଯାଉଛି । ଆବେଦନକାରୀଙ୍କ ଓକିଲ ସମ୍ବିଧାନର ଧାରା ୨୧ (ଜୀବନ ଏବଂ ସ୍ୱାଧୀନତାର ସୁରକ୍ଷା) ଏବଂ ଧାରା ୧୯ ବାକ୍ ଏବଂ ବାକ୍ ସ୍ୱାଧୀନତା ଏବଂ ମୌଳିକ ଅଧିକାର ପ୍ରଦାନ କରୁଛି ବୋଲି କହିଥିଲେ । କିନ୍ତୁ ଜଷ୍ଟିସ୍ ଦତ୍ତା କହିଥିଲେ ଯେ ଆବେଦନକାରୀଙ୍କ ଅଟକ ରଖିବା ଦ୍ୱାରା ଧାରା ୨୧ର ଉଲଙ୍ଘନ ହେଉ ନାହିଁ । କାରଣ ତାଙ୍କୁ ଆଇନ ଅନୁଯାୟୀ ହେପାଜତକୁ ନିଆଯାଇଥିଲା । ଧାରା ୧୯ କେବଳ ଭାରତୀୟ ନାଗରିକଙ୍କ ପାଇଁ ଉପଲବ୍ଧ । ଏଠାରେ ବାସ କରିବାର ତମର କି ଅଧିକାର ରହିଛି ବୋଲି କୋର୍ଟ ପଚାରିଥିଲେ । ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଶ୍ରୀଲଙ୍କାରେ ଶରଣାର୍ଥୀ ଏବଂ ତାଙ୍କ ପତ୍ନୀଙ୍କ ଜୀବନ ବିପଦରେ ଅଛି । ଏହାପରେ କୋର୍ଟ ତାଙ୍କୁ ଅନ୍ୟ ଦେଶକୁ ଯିବାକୁ କହିଥିଲେ ।

## ଟ୍ୟୁମର୍ ରୋଗୀଙ୍କୁ...

ଗର୍ଭବତୀ ନାହାନ୍ତି, ବରଂ ତାଙ୍କ ପେଟରେ ଏକ ଟ୍ୟୁମର୍ ରହିଛି ଏବଂ ତାହା ଦିନକୁ ଦିନ ବଢ଼ିବାରେ ଲାଗିଛି । ତେଣୁ, ତାଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କାରେ ରୁନିଙ୍କୁ ସେହିଦିନ ଅଧିକ ଚିକିତ୍ସା ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ତାଙ୍କ ପେଟରୁ ଏ ପର୍ଯ୍ୟନ୍ତ ଟ୍ୟୁମର ବାହାର କରାଯାଇନଥିବା ଜଣାଯାଇଛି । ବର୍ତ୍ତମାନ ସେଠାରେ ସେ ଚିକିତ୍ସିତ ହେଉଛନ୍ତି । ଅପରପକ୍ଷେ, ଏଭଳି ଅବସ୍ଥାରେ ରୁନି ଓ ତାଙ୍କ ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ଚିନ୍ତାରେ ରହିଛନ୍ତି ।

## ଭଡ଼ାଘରେ ୬ ଦିନ...

ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା । ପୀଡ଼ିତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ବାଲିଗୁଡା ଥାନା ଅଧିକାରୀ ସମ୍ବିତ୍ କୁମାର ସ୍ୱାଇଁ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରିବା ପରେ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ସାମ୍ବାଦିକ ସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି ।

## ପ୍ରିୟଙ୍କାଙ୍କୁ ଜେରା...

ମଧ୍ୟ ନେଇପାରେ ବୋଲି କୁହାଯାଉଛି । ବିଶେଷକରି, ଜ୍ୟୋତି-ପ୍ରିୟଙ୍କାଙ୍କ ସମେତ ଓଡ଼ିଶା ଲିଙ୍କରେ ଭିତିରିଆ ଘଣ୍ଟାଚକଟା ଆରମ୍ଭ ହୋଇଥିଲା ବେଳେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ(ଏମ୍‌ଏଚ୍‌ଏ) ନିର୍ଦ୍ଦେଶକୁ ଅପେକ୍ଷା ରହିଛି ।

ଜ୍ୟୋତି ପୁରୀରେ ପହଞ୍ଚିବା ପରେ କୁଆଡ଼େ ଯାଇଥିଲେ? କେଉଁଠି ରହିଥିଲେ? କାହାକାହା ସହ ମିଶିଥିଲେ ? ଶ୍ରୀମନ୍ଦିରକୁ କେତେଥର ଯାଇଥିଲେ ? ପୁରୀରୁ ଥାଇ କାହା କାହା ସହ ଯୋଗାଯୋଗରେ ଥିଲେ? ପୁରୀ ପରେ ଅନ୍ୟ କେଉଁ ଜିଲ୍ଲାକୁ ଯାଇଥିଲେ କି? ଆଦି ସଂପର୍କରେ ଭିତିରିଆ ଖୋଳତାଡ଼ ଆରମ୍ଭ କରିଛି ଏନ୍‌ଆଇଏ । ସେହିପରି ପ୍ରିୟଙ୍କାକ ଆକାଉଣ୍ଟକୁ ପାକିସ୍ତାନ କିମ୍ବା ଅନ୍ୟ କେଉଁ ସହରରୁ ଟଙ୍କା ଆସିଛି କି ନାହିଁ ତାହାର ମଧ୍ୟ ଯାଞ୍ଚ କରାଯାଉଛି ।

## ୯ ଜଣଙ୍କୁ ‘ଅନ୍‌ଫଲୋ’...

କରୁଥିବା ସଂଖ୍ୟା ୨୧୬ରେ ପହଞ୍ଚିଛି । ଏହି ଦୁଇ ତିନି ଦିନ ମଧ୍ୟରେ ପ୍ରିୟଙ୍କା କାହାକୁ ଅନ୍‌ଫଲୋ କରିଛନ୍ତି, ତାକୁ ନେଇ ଉଠିଛି ପ୍ରଶ୍ନ ।

ପୂର୍ବରୁ ପ୍ରିୟଙ୍କା ନିଜ ପାକିସ୍ତାନ ଗସ୍ତର ରିଲ୍‌ସ ଓ ଭିଡିଓକୁ ଉଭୟ ୟୁଟ୍ୟୁବ୍ ଆକାଉଣ୍ଟ ଏବଂ ଇନ୍‌ଷ୍ଟାରୁ ଡିଲିଟ୍ କରିଥିଲେ । ଏବେ ନିଜ ଇନ୍‌ଷ୍ଟା ଆକାଉଣ୍ଟକୁ ମଧ୍ୟ ଲକ୍ କରିଛନ୍ତି । ତେବେ ପ୍ରିୟଙ୍କା ଦେଶ ପ୍ରଥମ ବୋଲି ସ୍ପଷ୍ଟ କରିଥିବା ବେଳେ ତାଙ୍କ ବାପା ସବୁପ୍ରକାର ତଦନ୍ତରେ ଝିଅ ସହଯୋଗ କରିବ ବୋଲି କହିଥିଲେ । ହେଲେ ତାଙ୍କ ସୋସିଆଲ ମିଡିଆ ସାଇଟ୍‌କୁ ନେଇ ଅନେକ ସନ୍ଦେହ ପ୍ରକଟ କରିଛନ୍ତି ।

ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଏସ୍‌ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନ ମଧ୍ୟ ଘଟଣାର ତଦନ୍ତ ଚାଲିଛି । ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି । ଆମେ ଉଭୟ ରାଜ୍ୟ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସହ ଯୋଗାଯୋଗରେ ଅଛୁ । ଯାଞ୍ଚ ସରିଲା ପରେ ସମସ୍ତ ତଥ୍ୟ ଦିଆଯିବ । ହରିଆଣା ପୁଲିସ୍ କି ଏନ୍‌ଆଇଏର କୌଣସି ଅଧିକାରୀ ପୁରୀ ଆସିନାହାନ୍ତି ବୋଲି ଏସ୍‌ପି କହିଛନ୍ତି । ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ତଦନ୍ତ ପାଇଁ ପୁରୀ ଆସିବା ଦରକାର ନାହିଁ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଯେ କୌଣସି ଜାଗାରୁ ତଦନ୍ତ କରିପାରିବେ ।

**ବରଯାତ୍ରୀ ଶୋଭାଯାତ୍ରାରେ ତୁମୂଳକାଣ୍ଡ**

## ବାରଣ୍ଡାରେ ୧୦ ଘଣ୍ଟା ପଡ଼ିରହିଲେ ବରଯାତ୍ରୀ

ବିଞ୍ଝାରପୁର/ପ୍ରୀତିପୁର,୧୯।୫(ସମିସ): ବରଯାତ୍ରୀ ଶୋଭାଯାତ୍ରାରେ ନାଚକୁ କେନ୍ଦ୍ର କରି ଘଟିଛି ତୁମୁଳକାଣ୍ଡ । କନ୍ୟାଘର ଲୋକଙ୍କ ଆକ୍ରମଣରେ ଭାଙ୍ଗିଛି ବରଯାତ୍ରୀ ନେଇ ଆସିଥିବା ବସ୍ । ଫଳରେ ବିବାହ କାର୍ଯ୍ୟରେ ଯୋଗଦେବାକୁ ଆସି ହଟହଟା ହୋଇଛନ୍ତି ୬୦ରୁ ଉର୍ଦ୍ଧ୍ୱ ବରଯାତ୍ରୀ । ଏପରିକି, ବିବାହ ପରେ ମଧ୍ୟ ବରଯାତ୍ରୀ ଓ ବର କନ୍ୟାଙ୍କୁ ୧୦ ଘଣ୍ଟା ଧରି ଅଟକ ରହିବାକୁ ପଡ଼ିଛି ।




■ ବସ୍ ଭାଙ୍ଗିଦେଲେ କନ୍ୟାଘର ଗାଁ ଲୋକ
■ ଅଖିଆଅପିଆ ଘରକୁ ଫେରିଲେ ବରଯାତ୍ରୀ

ଏଭଳି ଘଟଣା ଘଟିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଜରି ପଞ୍ଚାୟତରେ । ଗତକାଲି ରାତିଠାରୁ ପଡ଼ୋଶୀ ଘର ବାରଣ୍ଡାରେ ପଡ଼ି ରହିଥିଲେ ବର ଓ ବରଯାତ୍ରୀ । ତେବେ ପୁଲିସ୍ ହସ୍ତକ୍ଷେପ ପରେ ବରକନ୍ୟା ଫେରିଛନ୍ତି ।

ଅଭିଯୋଗ ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଞ୍ଚଳର ରାକେଶ ପରିଡ଼ାଙ୍କ ପୁଅ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରି ଅଞ୍ଚଳର ସୁରେନ୍ଦ୍ର ସାମଲଙ୍କ ଝିଅଙ୍କୁ ବିବାହ କରିବା ପାଇଁ ନିଜ ସମ୍ପର୍କୀୟଙ୍କ ସହ ଆସିଥିଲେ । ଅସ୍ତରଙ୍ଗରୁ ବର ଓ ବରଯାତ୍ରୀ ଜରିରେ ପହଞ୍ଚି ଶୋଭାଯାତ୍ରା ଆରମ୍ଭ କରିଥିଲେ । ଶୋଭାଯାତ୍ରାର କିଛି ସମୟ ପରେ କନ୍ୟାପକ୍ଷଙ୍କ ସମ୍ପର୍କୀୟ ଓ ଗ୍ରାମରେ କେତେକ ଯୁବକ ଉକ୍ତ ଶୋଭାଯାତ୍ରାରେ ବରଯାତ୍ରୀଙ୍କ ସହିତ ନୃତ୍ୟ କରିଥିଲେ । ଏହାକୁ ନେଇ ବରଯାତ୍ରୀ ଓ କନ୍ୟାପକ୍ଷଙ୍କ ମଧ୍ୟରେ ବଚସା ହୋଇଥିଲା । କଥା ବଢ଼ିବାରୁ କନ୍ୟାପକ୍ଷ ଲୋକ ବରଯାତ୍ରୀମାନଙ୍କୁ ମାଡ଼ ମାରିବା ସହ ସେମାନେ ଆସିଥିବା ବସ୍ (ଓଡି ୦୨ଏଏନ୮୪୬୯)କୁ କନ୍ୟାର ଦାଦାପୁଅ ଓ ତାର ସହଯୋଗୀମାନେ ଭାଙ୍ଗି ଦେଇଥିଲେ । ଏହାକୁ ନେଇ ଘଟଣା ସ୍ଥଳରେ ତୁମୁଳକାଣ୍ଡ ଘଟିଥିଲା । ବାଦବିବାଦ ପରେ ଯଦିଓ ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା, କିନ୍ତୁ ବରଯାତ୍ରୀମାନେ ଖାଇନଥିଲେ । ସକାଳୁ ବସ୍ ଚାଳକ ଓ ବରଯାତ୍ରୀ କ୍ଷତିପୂରଣ ଦାବି କରିଥିଲେ । ୬୦ରୁ ଉର୍ଦ୍ଧ୍ୱ ବରଯାତ୍ରୀଙ୍କ ସମେତ ବରକନ୍ୟା ଅଟକ ରହିଥିଲେ । ଘଟଣା ସମ୍ପର୍କରେ ବରପକ୍ଷ ଓ କନ୍ୟାପକ୍ଷ ବିଞ୍ଝାରପୁର ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ପୁଲିସ୍ ଅଭିଯୋଗ ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଅପରାହ୍ନରେ ବରଯାତ୍ରୀ ଓ ବରକନ୍ୟା ପୁଲିସ ହସ୍ତକ୍ଷେପ ପରେ ଅସ୍ତରଙ୍ଗ ଫେରିଥିଲେ । ତେବେ ଏହି ଘଟଣାକୁ ନେଇ ଆଜି ଦିନତମାମ ବିଞ୍ଝାରପୁର ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଥିବା ବେଳେ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି ।


**LOST**

Manashis Nayak , Holding Bachelor of Engineering Degree in Computer Science Engineering ,has lost his degree certificate which is issued by Biju Patnaik University of Technology in year 2004. Anybody found, please contact: Manashis Nayak, 65 LB Housing Board Colony, Jayadev Nagar, Bhubaneswar, mob-9916425381

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact
**GADHWAL GROUP**
**M.: 9437015112**

**MARKFED - ODISHA**
OLD STATION ROAD, BHUBANESWAR - 751006

MARKFED-ODISHA
OFFICE OF THE AREA OFFICE, SAMBALPUR
Contact No. 9938384466

MARKFED invites Sealed Tender Call Notice from adhoc Rake Clearing & Transport Contractor in Odisha, Sambalpur City Rake Point for Clearing of 50 Kg/45Kg weight fertilizer in HDPE bags received from Rail Rakes at Sambalpur Railhead. Reputed & Financially Sound Contractor with minimum 5 (five) year experience in Fertilizer Rake Clearing are required to apply. The details Terms & Condition along with Tender Paper may be obtained from Area Office, MARKFED, Sambalpur from 19.05.2025 to 26.05.2025 in between 11 A M to 4 PM and submit the same on or before dt 30.05.2025 by 4 PM. beside government holiday. The sealed tender will be open on 31.05.2025 at 11.30AM .

Sd/- Area Manager
MARKFED, Sambalpur

**AFFIDAVIT**

By Virtue of an Affidavit no 985 dt 2.5.25 before the Notary Public, Bhadrak I, SHREE MANISA NAYAK At/Po- Samantraypur, P. S- Pirahat ,Dist-Bhadrak,PIN- 756131 declare that I have changed my name from **SUSHREE SHREE MANISA NAYAK** to **SHREE MANISA NAYAK**. Henceforth I shall be known as **SHREE MANISA NAYAK** for all purposes.

**AFFIDAVIT**

By virtue of an affidavit sworn before In the Court Of Executive Magistrate,Daspalla dated 17/05/2025 I Debasis Pradhan,Adress Village-riramchandrapur, PO-Srirampur, P.S-Daspalla, Dist-Nayagarh, Pin-752084 declare that I have changed my name from **Rakesh Pradhan** to **Debasis Pradhan**. Henceforth, I Shall be known as **Debasis Pradhan** for all purpose.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 14/05/2025 I Sri. Guru Kanteri S/o- Adu Kanteri, Village - Gulpandi, Post - Malibelgaon, PS - Nandapur, Dist - Koraput declare that I have changed my name from Guru Hantal S/o- **Sahu Hantal** to **Guru Kanteri** . Henceforth, I shall be known as **Guru Kanteri** for all purpose.
**Sd/- Guru Kanteri**

**AFFIDAVIT**

By virtue of an affidavit sworn before the Executive Magistrate, Puri, SL. No: 2074 dated 04/04/2025, I **Juliyas Rani Sahu**, W/o Hemanta Kumar Sahu resident of Village At - Dhoba Sahi, Station Road, Ps- Sea Beach, Dist- Puri, Odisha, Pin-752002 declare that I have changed my name from **Juliyas Rani Tandi** to **Juliyas Rani Sahu**. Henceforth, she shall be known as **JULIYAS RANI SAHU** for all purposes.
**Sd- JULIYAS RANI SAHU**

**AFFIDAVIT**

By virtue of an affidavit sworn before Executive Magistrate, Gondia, Dhenkanal on date 19.04.2025, I **Purna Chandra Pradhan,** S/o- Nidhi Pradhan, Village- Makunda pur, PO- Karmul, PS- Gondia, Dist-Dhenkanal, declares that I have changed my son's name from **Sruti Ranjan Pradhan To Smruti Ranjan Pradhan.** Hence he will known as **Smruti Ranjan Pradhan** for all purposes.
**Sd/- Purna Chandra Pradhan**

**AFFIDAVIT**

I, Pragyan Nayak, D/o-gopal Chandra Nayak, resident of Plot No-1823, Ananta Nagar, Mahatab Road, Lingaraj, Old Town, Dist- Khurda, Pin-751002, Odisha declare by this affidavit No. 446, dated- 17/05/2025 that now onwards I shall be known as **PRAGNYA NAYAK** for all future purposes.

**AFFIDAVIT**

**I, Manoj Parida,** H/o.: Rupeli Rupanita Dash, presently residing at Flat No.: 104, Sairaj Ashiyana, Kesura, PO./P.S.: Laxmisagar, Bhubaneswar, Dist.: Khorda, Odisha, PIN-751006, declare by this affidavit No.: 73AA 584737 dated 22.11.2024 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**

By virtue of an Affidavit sworn before The Executive Magistrate, Bissam Cuttack, Vide Sl. No.1395/2025, dated-09/05/2025, I BUDU KUSHALIA, son of ARJUN KUSHALIA, Address Village-Kankubadi, Post-Kankubadi, P.S-Bissam Cuttack, District- Rayagada, Odisha, PIN- 765019 declare that I have changed my name from **JAGANNATH KUSHALIA** to **BUDU KUSHALIA**. Henceforth I shall be known as **BUDU KUSHALIA** for all purposes.

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar dated: 05.03.2025, I, Keshaba Mallick, address:- at- Kalingi, Po-Tajungia, PS-Brahmanigaon, Dist-Kandhamal, Odisha, Pin-762021, declare that I have changed my son's name from **Krish Mallick** to **Arijit Mallick**. Henceforth, he shall be known as **Arijit Mallick** for all purposes.
**Keshaba Mallick**

**AFFIDAVIT**

I, Rajeswari Patro, aged about 41 years, W/o-Pradeep Kumar Patro, resident of Gouda Sahi, Phulabani, Po- Phulbani, Ps- Phulbani Town, Dist-Kandhamal, Odisha, Pin-762001, do hereby declare by this affidavit No. 1046, dtd. 19/05/2025, that now onwards I shall be known as **RAJESWARI PATRA** for all future purposes.

**AFFIDAVIT**

I, Chakaradhar Behera, S/o- Gopinath Behera, resident of At- Bharatpur, Po- Ayatapur, Ps- Nachuni, Dist- Khurda, Pin Code- 752035, Odisha declared by this affidavit No. 888, dtd-19/04/2025 that now onwards I shall be known as **CHAKRADHAR BEHERA** for all future purposes.

**AFFIDAVIT**

I, Krushna Chandra Parida, S/o- Narahari Parida, resident of At/Po-Sabira, Ps- Soro, Dist- Balasore, Pin-756045, Odisha declare by this affidavit No. 447, dated- 17/05/2025 that now onwards I shall be known as **KRUSHNA PARIDA** for all future purposes.

**AFFIDAVIT**

**I, Rupeli Rupanita Parida,** W/o.: Manoj Kumar Parida, presently residing at Flat No.: 104, Sairaj Ashiyana, Kesura, PO./P.S.: Laxmisagar, Bhubaneswar, Dist.: Khorda, Odisha, PIN-751006, declare by this affidavit No.: 73AA 584756 dated 22.11.2024 that now onwards I shall be known as **RUPELI RUPANITA DASH** for all future purposes.

**AFFIDAVIT**

**I, Manoja Kumar Parida,** S/o.: Shyam Sunder Parida, Resident of, At: Kuansh, PO./P.S./Dist.: Bhadrak, PIN-756100, Odisha declare by this affidavit No.: 73AA 584738 dated 22.11.2024 that now onwards I shall be known as **MANOJ KUMAR PARIDA** for all future purposes.

**AFFIDAVIT**

By virtue of an affidavit before Executive Magistrate, Kabisuryanagar, Ganjam, I Sapana Gouda, S/o- Paramananda Gouda resident of Vill.-Sadabarta Nuagan, Po/Ps.-Kabisuryanagar, Dist.- Ganjam, Odisha state that my correct name is **Sapana Gouda** but in my Aadhaar card no. 2417 7243 6399 my name has been mentioned as **Swapna Gouda**. Hence **Sapana Gouda** and **Swapna Gouda** is same and one person of the above locality.

**AFFIDAVIT**

I, Ajaya Kumar Parida, S/o- Krushna Parida, resident of At/Po-Sabira, Ps- Soro, Dist-Balasore, Pin-756045, Odisha declare by this affidavit No. 448, dated-17/05/2025 that now onwards I shall be known as **AJAY KUMAR PARIDA** for all future purposes.

**AFFIDAVIT**

I, Mandakini Jena, W/o-Prakash Jena, resident of BH202 Sri Ram Nagar, Chakeisihani, Manchswar, Bhubaneswar, Pin-751010, Odisha declared by this affidavit No. 1037, dtd-18/05/2025 that now onwards I shall be known as **KUNI JENA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Dhenkanal on date 24.02.2025, I **Mita Padhan**, W/o- Prakash Kumar padhan, Village-Chhadasingh, PO-Badanagena, PS-Sadar, Dist- Dhenkanal, declares that I have changed my name from **Rasmita Dehury to Mita Padhan.** Hence he will known as **Mita Padhan** for all purposes.
**Sd/- Mita Padhan**

■ ତଳସରା ପଞ୍ଚାୟତର ୪ ପଡାବାସୀଙ୍କ ଦୁଃଖ

# ଅଭିଯୋଗ ପରେ ବି ନିର୍ମାଣ ହେଉନି ଡାଙ୍ଗବାନ୍ଧି ନାଳ ପୋଲ

ବାଲିଶଙ୍କରା,୧୯।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ତଳସରା ପଞ୍ଚାୟତର ୪ ପଡାବାସୀଙ୍କ ଏବେ ଦୁଃଖର କାରଣ ପାଲଟିଛି ଡାଙ୍ଗବାନ୍ଧି ନାଳ। ଏହି ନାଳ ଉପରେ ପୋଲ ନିର୍ମାଣ ପାଇଁ ଜିଲ୍ଲାପାଳ ଓ ବିଧାୟକଙ୍କ ନିକଟରେ ଅଭିଯୋଗ କରି ୪ ବର୍ଷ ପୁରିଲାଣି। ତଥାପି ପୋଲ ନିର୍ମାଣ ଦିଗରେ ପ୍ରଶାସନ କି ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ଏବେ ୪ ପଡାବାସୀ ତାତିଛନ୍ତି। ଆସନ୍ତା ୮ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବାକୁ ସଜବାଜ ହେଉଥିବା ପଡାବାସୀ କହିଛନ୍ତି।

ସୂଚନାନୁଯାୟୀ, ବାଲିଶଙ୍କରା ବ୍ଲକ ତଳସରା ପଞ୍ଚାୟତର କୁହୁଡାଫାଳ ଗ୍ରାମ ସମେତ ଟୁରେଲଢୁଡା, ରାଏପଡା, ପୁରୁନାପାଏନ ପ୍ରମୁଖ ୪ ପଡାଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ଡାଙ୍ଗବାନ୍ଧି ନାଳ ଉପରେ ପୋଲ ନିର୍ମାଣ ପାଇଁ ୪ ବର୍ଷ ଧରି ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଏନେଇ ୪ ପଡାବାସୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ତଳସରା ବିଧାୟକ ଭବାନୀଶଙ୍କର ଭୋଇଙ୍କୁ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଅସନ୍ତୋଷ ଦାନା ବାନ୍ଧୁଛି। ଟିକିଲିପଡ଼ା, କାଦୋପାଏନ ଗ୍ରାମରୁ କୁହୁଡାଫାଳ, ଟୁରେଲଢ଼ୀପା, ରାଏପଡା ଓ ପୁରୁନାପାଏନକୁ ଯିବା ରାସ୍ତାରେ ଡାଙ୍ଗ ବନ୍ଧି ନାଳ ପଡେ। ବର୍ଷା ଦିନେ ନାଳରେ ପାଣି ଭର୍ତ୍ତି ହୋଇଯିବାରୁ ତଳସରା, ରାଉଳଡେଗା, ଟିକିଲିପଡା, କାଦୋପାଏନକୁ ଯାତାୟତ ରାସ୍ତା ବନ୍ଦ ହୋଇଯାଏ। ବର୍ଷାଦିନେ ଚିକିତ୍ସା, ପାଠପଢ଼ା, ପନିପରିବା ବଜାରକୁ ବିକ୍ରି କରିପାରନ୍ତି ନାହିଁ ବୋଲି ପୂର୍ବତନ ନାଏବ ସରପଞ୍ଚ ସୁମିତ୍ରା ପ୍ରଧାନ, ସିର ନିବାସ ରାଏ, ନୂଆସ ତିର୍କୀ, ମୋହନ ରାଏ, ମଦନ ବରୁଆ, ସୁମତି ମାଝୀ, ରାଜୁ ବରୁଆ, ଟିବୁରୁ ଏକ୍କା, ସମାର ଲୁହୁରା, ଗଣପତି ମାଝୀ, ଲୁଥୁ ଲୁହୁରା, ଯୋଗେଶ୍ୱର ଏକ୍କା, ସଞ୍ଜୀବ ଟପ୍ପୋ, ପ୍ରାଞ୍ଜ୍ରାସିୟୁସ୍ ମିଞ୍ଜ, ଫ୍ରାନସିସ ଟପ୍ପୋ, ବୁଧନୀ ଏକ୍କା, ବିରଜୁ ଲୁହୁରା, ରୁଧନୀ ଏକ୍କା ପ୍ରମୁଖ ପଡାବାସୀ ପ୍ରକାଶ କରିଛନ୍ତି। କାଦୋପାଏନରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି ଅଛି। କିନ୍ତୁ ବର୍ଷା ଦିନେ ଛୋଟ ଛୋଟ ଶିଶୁମାନେ ଏହି ଡାଙ୍ଗ ବନ୍ଧି ନାଳରେ ପାଣି ଭର୍ତ୍ତି ଯୋଗୁ ଯିବା ପାଇଁ ବହୁତ କଷ୍ଟ ହେଉଥିବା ଉପରୋକ୍ତ ପଡାବାସୀ କହିଛନ୍ତି। ଆଗାମୀ ୮ ଦିନ ଭିତରେ ଏହି ନାଳରେ ପୋଲ ନିର୍ମାଣର ବ୍ୟବସ୍ଥା କରାନଗଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯିବାକୁ ୪ ପଡାବାସୀ ସଜବାଜ ହେଉଥିବା ପ୍ରକାଶ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲ୍ଲାପାଳ ପଦକ୍ଷେପ ନେବା ପାଇଁ କୁହୁଡାଫାଳ, ଟୁରେଲଢ଼ୀପା, ରାଏପଡା ଓ ପୁରୁନାପାଏନ ପଡାବାସୀ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ପାଇଁ ପଡାବାସୀଙ୍କ ସଜବାଜ

# ଥାନା ପରିସରରେ ମହିଳାଙ୍କ ମଧ୍ୟରେ ମାରପିଟ

## ନିୟନ୍ତ୍ରଣ କରିବାକୁ ପୁଲିସ ନାକେଦମ

ସୁନ୍ଦରଗଡ,୧୯।୫(ସମିସ)

ଭଷ୍ମା ଥାନା ଅନ୍ତର୍ଗତ ନିଆଳପାଲି ଗ୍ରାମରେ ଘଟିଥିବା ଏକ ଯୌତୁକ ନିର୍ଯାତନା ମାମଲାରେ ଥାନାକୁ ଆସିଥିବା ଉଭୟ ପକ୍ଷର କେତେକ ମହିଳାଙ୍କ ମଧ୍ୟରେ ସୋମବାର ମାରପିଟ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଥାନା ପରିସର ଏକ ପ୍ରକାର ରଣକ୍ଷେତ୍ର ପାଲଟିଥିବା ବେଳେ ଉଭୟ ପକ୍ଷ ମହିଳାଙ୍କୁ ବୁଝାଇବାକୁ ପୁଲିସକୁ ନାକେଦମ ହେବାକୁ ପଡିଥିଲା।

ସୂଚନାନୁଯାୟୀ, ନିଆଳିପାଲି ଗ୍ରାମର ଦୌଲତ ବାଗଙ୍କ ଝିଅ ଲାଲିମା ବାଗ (୨୩) ବ୍ରଜରାଜନଗରର କୌଶଳ ଦୀପଙ୍କୁ ବିବାହ କରିଥିଲେ। ବିବାହର ମାତ୍ର ତିନି ମାସ ପରେ ତାଙ୍କ ସ୍ୱାମୀ ତାଙ୍କୁ ଛାଡପତ୍ର ଦେଇଥିଲେ। ଏହାପରେ ସେ ତାଙ୍କ ସମ୍ପର୍କୀୟ ଲକ୍ଷ୍ମଣ କୁଆଙ୍କ ରହି ଆସୁଛନ୍ତି। ତାଙ୍କ ଏକ ସନ୍ତାନ ମଧ୍ୟ ରହିଛି। ତେବେ ଲକ୍ଷ୍ମଣଙ୍କ ସହ ତାଙ୍କ ମା' ରୋଜିନୀ କୁଆ ଓ ଭଉଣୀ ସଶିତା କୁଆ ଲାଲିମାଙ୍କୁ ବାପ ଘରୁ ୫ ଲକ୍ଷ ଟଙ୍କା ଆଣିବାକୁ ଦାବି କରିବା ଏବଂ ଏଥିରେ ଅସମର୍ଥ ହେବାରୁ ଜୀବନରେ ମାରିଦେବାକୁ ମଧ୍ୟ ଉଦ୍ୟମ କରିଥିବା ନେଇ ଲାଲିମା କିଛି ଦିନ ତଳେ ଥାନାରେ ଏତଲା ଦେଇଥିଲେ। ଏ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ସୋମବାର ଉଭୟ ପକ୍ଷର ଅନେକ ପୁରୁଷ ମହିଳା ଥାନାରେ ପହଞ୍ଚିଥିଲେ। ଉଭୟ ପକ୍ଷ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ଝିଅ ପକ୍ଷର ଜଣେ ମହିଳା ପୁଅ ପକ୍ଷର ଜଣଙ୍କୁ ପ୍ରଥମେ ମାଡ ମାରିଥିଲେ। ପ୍ରତିପକ୍ଷ ଏହାର ବିରୋଧ କରିବାରୁ ଥାନା ପରିସର ରଣକ୍ଷେତ୍ର ପାଲଟି ଥିଲା। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ମହିଳା ପୁଲିସମାନେ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ତେବେ ଉକ୍ତ ଗଣ୍ଡଗୋଳ ନେଇ କୌଣସି ପକ୍ଷରୁ ଥାନାରେ ଏତଲା ଦିଆଯାଇ ନାହିଁ।

● ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୮୫ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ସୁନ୍ଦରଗଡ,୧୯।୫(ସମିସ): ସୁନ୍ଦରଗଡ ଜିଲ୍ଲାସଦର ମହକୁମାରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ମୋଟ ୮୫ ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୫୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୩୨ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ୨୭ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୨ ଗୋଟି ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୩ ଗୋଟି ଆବେଦନ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶାନ୍ତା ନୂତନ ସାମଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# 'ମନରେଗା'ରେ ଅନିୟମିତତା; ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ସୁନ୍ଦରଗଡ,୧୯।୫(ସମିସ): ସବଡେଗା ବ୍ଲକ ହମିରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛତାସର୍ଗି ଗ୍ରାମରେ ମନରେଗା ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ୬ ନମ୍ବର ଓାର୍ଡ ସଭ୍ୟା ରୀତା ମାଝୀଙ୍କ ସମେତ ଗ୍ରାମବାସୀ ସୋମବାର ଏନେଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଛତାସର୍ଗି ଗ୍ରାମରେ ମନରେଗା ଯୋଜନାରେ ଅନେକ ପ୍ରକଳ୍ପ ଚାଲିଛି। ସରକାରୀ ନିୟମର ଉଲଂଘନ କରି ସରପଞ୍ଚ ଜଣେ ବ୍ୟକ୍ତିଙ୍କୁ ସମସ୍ତ ମନରେଗା ପ୍ରକଳ୍ପର କାର୍ଯ୍ୟର ଦାୟିତ୍ୱ ଦେଇଛନ୍ତି। ଗ୍ରାମବାସୀଙ୍କ ମତାମତକୁ ଉପେକ୍ଷା କରି ସରପଞ୍ଚ ପଞ୍ଚାୟତ ନିର୍ବାହୀ ଅଧିକାରୀ, କାର୍ଯ୍ୟ ଦାୟିତ୍ୱ ନେଇଥିବା ବ୍ୟକ୍ତି ଏବଂ ଗାଁ ସାଥି ମିଶି ମନଇଛା ପ୍ରକଳ୍ପ ଅନୁମୋଦନ କରାଉଛନ୍ତି। ବିଭିନ୍ନ ମନରେଗା ପ୍ରକଳ୍ପରେ କମ୍ ଶ୍ରମିକ ନିୟୋଜିତ କରି ବହୁ ସଂଖ୍ୟାରେ ମିଥ୍ୟା ମାଷ୍ଟର ରୋଲ ମାଧ୍ୟମରେ ଅର୍ଥ ହଡ଼ପ କରୁଛନ୍ତି। ଯେଉଁ ମନରେଗା ଶ୍ରମିକମାନେ କାମ କରି ପାରୁନାହାଁନ୍ତି ତାଙ୍କର ଜବ୍ କାର୍ଡ ଓ ମାଷ୍ଟର ରୋଲ୍ ବ୍ୟବହାର କରି ଅର୍ଥ ହଡପ୍ କରାଯାଉଛି। ଫଳରେ ଉନ୍ନୟନ କାର୍ଯ୍ୟର ମାନ ଠିକ ରହୁ ନାହିଁ। ଛତାସର୍ଗି ଠକପଡାରେ ଚାଲିଥିବା ଅମୃତ ସରୋବର କାମରେ କାମ କରି ନଥିବା ଶ୍ରମିକଙ୍କ ଜମା ଖାତା ଜରିଆରେ ଟଙ୍କା ଉଠା ଯାଇଛି। ଛତାସର୍ଗି ଆମ୍ବ ଫଳ ବଗିଚାରେ ଗଛ ମରି ଯିବା ସତ୍ତ୍ୱେ ଅନାବନା ଗଛର ଫଟୋ ଉଠାଇ ଟଙ୍କା ଉଠାଣ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ସଂପୃକ୍ତ ଗାଁ ସାଥୀଙ୍କୁ ବହିଷ୍କୃତ କରିବା ସହ ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱରୁ ହଟାଇଲେ ଗ୍ରାମରେ ମନରେଗା ଯୋଜନାର ସଫଳ ରୂପାୟନ ହୋଇପାରନ୍ତା ବୋଲି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

## ନାଇଟ ଜିପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଶଗଡ଼ା, ୧୯।୫(ସମିସ): କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ଗଡ଼ଫସଫେଡ଼ି ଗ୍ରାମରେ ନାଇଟ ଜିପିଏଲ କ୍ରିକେଟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ୱାର୍ଡସଭ୍ୟ ଗୋପବନ୍ଧୁ ପ୍ରଧାନ ଓ ସତ୍ୟବାଦୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ୫୦ ଜଣ ଖେଳାଳିଙ୍କୁ ନେଇ ଗଠନ କରାଯାଇଥିବା ୫ଟି ଟିମ ମଧ୍ୟରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଦଲ ଷ୍ଟାର, ସୃହି ଲାୟନ, ନନ୍ଦନ ସ୍ପୋର୍ଟ, ଭଜପା ସୁପର ଷ୍ଟାର, ଆଲୋକ ଷ୍ଟାର ଆଦି ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ୫ଦିନ ଧରି ଚାଲିବାକୁ ଥିବା ବେଳେ ଆସନ୍ତା ୨୨ ତାରିଖ ଉଦ୍‌ଯାପିତ ହେବ।

## କାର୍ ଧକ୍କାରେ ୩ ଗୁରୁତର

ମନମୁଣ୍ଡା, ୧୯।୫(ସମିସ): ୫୭ ନମ୍ବର ଜାତୀୟ ରାଜପଥର ନୂଆପାଲି ଛକରେ ସୋମବାର ମଧ୍ୟାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ କାର୍ ଏବଂ ଗୋଟିଏ ସ୍କୁଟି ମଧ୍ୟରେ ଧକ୍କା ହୋଇଛି। ଏହାଦ୍ୱାରା ୩ଜଣ ଗୁରୁତର ହୋଇଛନ୍ତି। ଏମାନେ ହେଲେ ବୌଦ୍ଧ ଥାନା ବଡ଼ମାଳ ଗ୍ରାମର ଅଶ୍ୱଥାମା ବଗର୍ତ୍ତି (୩୩), ମନମୁଣ୍ଡା ଥାନା ଗୁନ୍ଦୁଲିଆ ପଞ୍ଚାୟତ କୁରୁମୁଣ୍ଡା ଗ୍ରାମର ଅଞ୍ଜଳି ଘିବିଲା (୪୮) ଏବଂ ରାମେଶ୍ୱର ଘୀବିଲା (୧୯)। ଏମାନେ ସ୍କୁଟିରେ ସୋନପୁର ଦିଗରୁ ବାଉଁଶୁଣି ଆଡ଼କୁ ଯାଉଥିଲେ। ଅପରପାର୍ଶ୍ୱରୁ କାରଟି ଦ୍ରୁତ ଓ ବେପରୁଆ ଭାବେ ଆସି ସ୍କୁଟିକୁ ଧକ୍କା କରିଥିଲ। ଆମ୍ବୁଲାନ୍ସ ଯୋଗେ ୩ ସ୍କୁଟି ଆରୋହୀଙ୍କୁ ପ୍ରଥମେ ମନମୁଣ୍ଡା ଓ ପରେ ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅଞ୍ଜଳି ଏବଂ ରାମେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# ଉଡେନ ଟାଙ୍ଗର ସାହିରେ ମାସେ ହେଲା ଟ୍ରାନ୍ସଫର୍ମର ଅଚଳ

ଶଗଡ଼ା, ୧୯।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ଉଡେନ ଗ୍ରାମର ଟାଙ୍ଗର ସାହିରେ ବସବାସ କରୁଥିବା ୫ପରିବାର ଦୀର୍ଘ ଏକ ମାସ ହେଲା ଅନ୍ଧାରରେ ଅଛନ୍ତି। ଏହି ସାହିରେ ଥିବା ଥିବା ଟ୍ରାନ୍ସଫର୍ମର ୧ମାସ ହେଲାଣି ଅଚଳ ଅବସ୍ଥାରେ ପଡ଼ିରହିଛି। ଏଣୁ ସମସ୍ୟା ଉପୁଜିଛି। ପ୍ରବଳ ଗରମ ସହ ବିନା ବିଦ୍ୟୁତରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ରାତିରେ ଶୋଇ ହେଉନି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ବିଶ୍ୱନାଥ ସେଲମା, ଭରତ ସାହୁ, ସୁଶୀଲ ସାହୁ, ଗଦି ସେଲମା, ଗୁରୁଦେବ ସେଲମା ପ୍ରମୁଖ ଅଭିଯୋଗ କରିଛନ୍ତି।



## ଜାତୀୟ ରାଜପଥ କଡରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ବୌଦ୍ଧ, ୧୯।୫(ସମିସ):ତେଲିବନ୍ଧ ରାଜସ୍ୱ ସର୍କଲ ଅଧୀନ ସଂଗ୍ରାମପୁର ରାଜସ୍ୱ ମୌଜାର ସାହାଜପାଲ ବଜାର ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ପାଇଁ ଚିହ୍ନଟ କରାଯାଇଛି। ତେଲିବନ୍ଧ ରାଜସ୍ୱ ନିରୀକ୍ଷକ ଓ ଅନ୍ୟ କର୍ମଚାରୀ ମାପ କରି ୫୭ ମମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ହୋଇଥିବା ଜବରଦଖଲ ଚିହ୍ନଟ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଜବର ଦଖଲ ଉଚ୍ଛେଦ କରାଯିବ।

## ବିଦ୍ୟୁତ୍ ବିଭାଗ ଅବହେଳାରୁ ଛେଳିର ଜୀବନ ଗଲା

ଶଗଡ଼ା, ୧୯।୫(ସମିସ): କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ବେହେରାପଡ଼ା ଗ୍ରାମ ନିକଟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଏକ ଛେଳିର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗ୍ରାମ ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ୨ମାସ ହେବ ମାଟିରୁ ଏକ ମିଟର ମଧ୍ୟରେ ଝୁଲି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ରେକଡୋଳ ଗ୍ରାମର ବିଶ୍ୱନାଥ କର୍ମୀଙ୍କ ଏକ ଛେଳିର ମୃତ୍ୟୁ ଘଟିଛି। ତାରକୁ ଉଚ୍ଚରେ ଟାଣିବା ପାଇଁ ବିଭାଗକୁ ଜଣାଇ ଥିଲେ ମଧ୍ୟ ଗ୍ରାମବାସୀଙ୍କ କଥାକୁ କେହି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟୁତ ବିଭାଗର ଅବହେଳା ପାଇଁ ଏକ ଛେଳିର ମୃତ୍ୟୁ ଘଟିଥିବା ଗ୍ରାମବାସୀ କହିଛନ୍ତି।

# ଜାତୀୟ ରାଜପଥରେ ବିପଦକୁ ଆମନ୍ତ୍ରଣ କରୁଛି ଲୁହା ଏଙ୍ଗଲ



ବୌଦ୍ଧ, ୧୯।୫(ସମିସ): ବୌଦ୍ଧ-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବଲାସିଙ୍ଗା ଓ ମର୍ଯ୍ୟାଦାପୁର ମଝିରେ ଥିବା ସାଲୁଙ୍କି ପୋଲର ମର୍ଯ୍ୟାଦପୁର ପାର୍ଶ୍ୱରେ ଏକ ଲୁହା ଆଙ୍ଗେଲ ବିପଦପୂର୍ଣ୍ଣ ଭାବେ ଉପରକୁ ଟେକି ହୋଇ ରହିଛି। ଜାତୀୟ ରାଜପଥ ବିଭାଗ ଏଥିପ୍ରତି ଆଖି ବୁଜି ଦେଇଛି। ୨ ମାସ ତଳେ ଏହି ସ୍ଥାନରେ ଏକ ବିପଦ ପୂର୍ଣ୍ଣ ଗର୍ତ୍ତ ହୋଇଥିଲା। ଖବର ପ୍ରକାଶ ପରେ ଏହାର ମରାମତି କରାଯାଇଥିଲା। ବାରମ୍ବାର ଏହି ସ୍ଥାନରେ ଗର୍ତ୍ତ ସୃଷ୍ଟି ହେଉଛି; ହେଲେ ନିମ୍ନମାନର କାର୍ଯ୍ୟ ହେଛି। ଅନ୍ୟପକ୍ଷରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ କଣ୍ଟାମାଳ ବ୍ଲକରେ ଅଭିଯୋଗ ଶୁଣାଣି ଶିବିରକୁ ଜିଲ୍ଲାପାଳ, ଏସପିଙ୍କ ସବେତ ବିଭନ୍ନ ଅଧିକାରୀ ଯାଇଥିଲେ। କାହାରି ଜଣକର ମଧ୍ୟ ଏଥିପ୍ରତି ଦୃଷ୍ଟି ନ ପଡ଼ିବା ଆଶ୍ଚର୍ଯ୍ୟ କରିଛି।

## ପଞ୍ଚାୟତ କାର୍ଯ୍ୟାଳୟ ନିକଟ ନଳକୂପ ଅଚଳ

ଶଗଡ଼ା, ୧୯।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ନଳକୂପ ସପ୍ତାହେ ହେଲା ଅଚଳ ହୋଇ ପଡ଼ିଛି। ଏଣୁ ପଞ୍ଚାୟତ କାର୍ଯ୍ୟାଳୟ ସହ ମନ୍ଦିରକୁ ଆସୁଥିବା ଲୋକେ ନଳକୂଅରୁ ପାଣି ବାହାରୁ ନ ଥିବା ଯୋଗୁଁ ପାଣି ପାଇଁ ବହୁତ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ବାସ୍ତବରେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ଦିନକୁ ଦିନ ଖରା ବୃଦ୍ଧି ପାଉ ଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ଏହି ନଳକୂପର ମରାମତି ପାଇଁ ଅନେକ ଥର ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ଏହାର ସମାଧାନ ହେଉ ନ ଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

## ଗୋପାଳପୁର ବିସ୍ଥାପିତଙ୍କ ବୈଠକ

# ଘରଡିହ ଆବଣ୍ଟନ କମିଟି ସଭ୍ୟ ସଂଖ୍ୟା ବୃଦ୍ଧି ଦାବି

ସୁନ୍ଦରଗଡ,୧୯।୫(ସମିସ): ଏମସିଏଲ ମହାଲକ୍ଷ୍ମୀ କ୍ଷେତ୍ର ଗୋପାଳପୁର ବିସ୍ଥାପିତଙ୍କ ଥଇଥାନ ଓ ପୁନର୍ବାସ ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରୁ ସ୍ଥାନୀୟ ସରପଞ୍ଚଙ୍କ ନିକଟକୁ ପତ୍ର ଆସିବା ପରେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂହଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ସାରିଙ୍ଗିଝରିଆ ଥଇଥାନ ଓ ପୁନର୍ବାସ କଲୋନିରେ ଶୃଙ୍ଖଳିତ ଘରଡିହ ଆବଣ୍ଟନ ପାଇଁ ଏକ ୫ ଜଣିଆ କମିଟି ଗଠନ କରିବାକୁ ଜିଲ୍ଲାପାଳ ଲେଖିଥିବା ପତ୍ର ଉପରେ ଆଲୋଚନା କରାଯାଇ କମିଟି ସଦସ୍ୟ ସଂଖ୍ୟା ୫ ରୁ ୨୦କୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ସେହିପରି କଲୋନୀକୁ ଏକ ମାସ ମଧ୍ୟରେ ଭଲ ରାସ୍ତା, ବଜାର, ସ୍କୁଲ୍, ସ୍ୱାସ୍ଥ୍ୟକେନ୍ଦ୍ର, ମନ୍ଦିର, କ୍ଲବ୍ ଘର, ପାର୍କ ନିର୍ମାଣ, ଆଲୋକୀକରଣ, ପାନୀୟ ଜଳ ବ୍ୟବସ୍ଥା କରି ବିସ୍ଥାପିତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ସ୍ଥାୟୀ ନିଯୁକ୍ତି ଓ ଥଇଥାନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବ ଅନୁମୋଦନ ପରେ ପୁଣି ବୈଠକ ଡାକି କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଭ୍ୟ ଉଦିତ ସେଠଙ୍କ ସମେତ ବହୁ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୋପାଳପୁର ଗ୍ରାମର ବିସ୍ଥାପିତ ପରିବାର ମଧ୍ୟରୁ ୩୭୭ଟି ପରିବାର ପୁନର୍ବାସ ରାଶି ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ୧୫୭ଟି ପରିବାରକୁ ପୁନର୍ବାସ କଲୋନୀରେ ଜମି ଆବଣ୍ଟନ କରାଯାଇ ଘର ନିର୍ମାଣ ପାଇଁ ୧୪.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବାକୁ ଯୋଜନା ରହିଛି।



## ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର

ସୁନ୍ଦରଗଡ,୧୯।୫(ସମିସ): ସୁନ୍ଦରଗଡ଼ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଅମଲିପାଲି ସ୍ଥିତ ଏଫ୍ଏସ୍‌ଟିପି ଠାରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଡ. ରୀନତି ମିଶ୍ର ଯୋଗଦେଇ ନିୟମାନୁସାରେ ସତର୍କତା ଓ ସଚେତନତା ସହିତ ବର୍ଜ୍ୟ ବସ୍ତୁ ଗୁଡ଼ିକର ବ୍ୟବସ୍ଥାପନ କରାଗଲେ ପରବର୍ତ୍ତି ପିଢ଼ି ସୁସ୍ଥ ଓ ନିରାମୟ ଜୀବନ ପାଇଁ ଆବଶ୍ୟକ ସାମାଜିକ ପରିବେଶ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସୁନ୍ଦରଗଡ଼ ପୌର କାର୍ଯ୍ୟାଳୟର ଶରତ କୁମାର ଦାସ, ଦେବରାଜ ପାଣି, ଅରୁପାନନ୍ଦ ବେହେରା, ଅଭିଶେଖ ସାହୁ, ଅମନ୍ କୁମାର ସେଠୀ ପ୍ରମୁଖ ଯୋଗଦେଇଥିଲେ। ପରିମଳ ବିଭାଗ କର୍ମଚାରୀଙ୍କ ସମେତ ସହକାରୀ ନ୍ୟାୟ ରକ୍ଷକ ଅନିଶା ପୃଷ୍ଟି ଯୋଗଦେଇ ବର୍ଜ୍ୟବସ୍ତୁ, ବ୍ୟାବସ୍ଥାପନ, ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ, ପରିବେଶର ସୁରକ୍ଷା, ଏହି ସମ୍ପର୍କିତ ଆଇନ୍, ସରକାରଙ୍କ ବିଭିନ୍ନ ନିର୍ଦ୍ଦେଶାବଳୀ, ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶନାମା ଓ ମାର୍ଗଦର୍ଶିକା, ଜାତୀୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶନାମା, ମାର୍ଗଦର୍ଶିକ, ଆଇନ୍ ଉଲଂଘନକାରୀଙ୍କ ପାଇଁ ଉଦ୍ଦିଷ୍ଟ ଦଣ୍ଡ ବ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ।



## କିନେରକେଲାରେ ନାମଯଜ୍ଞ

କେସିଙ୍ଗା, ୧୯ ।୫(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ନୁନମାଠ ପଞ୍ଚାୟତ କିନେରକେଲା ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଆସନ୍ତା ୨୧ ତାରିଖ ବୁଧବାର ଏହା ସମାପନ ହେବ। ଭୁବନେଶ୍ୱର ଭୋଇ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଗ୍ରାମ୍ୟ କମିଟି ସଭାପତି ଜଗଦୀଶ ଚନ୍ଦ୍ର ଭୋଇ, କୋଷାଧକ୍ଷ ଯୋଗେନ୍ଦ୍ର ମିଶ୍ର, ସଞ୍ଜୟ ଭୋଇ, ବିଦ୍ୟାଧର ଭୋଇ, ପ୍ରମୋଦ ଭୋଇ, ଶୁଭେନ୍ଦୁ ଶେଖର ଭୋଇ, ଆଶ୍ୱିନୀ ଭୋଇ ଓ ରାଜେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି ।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଚେତନତା ଶିବିର



କେସିଙ୍ଗା, ୧୯ ।୫(ସମିସ): କେସିଙ୍ଗା ତାଲୁକ ଆଇନ ସେବା ସମିତି ତରଫରୁ ସ୍ଥାନୀୟ ଅଦାଲତ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଶୀର୍ଷକ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ଦୀପ୍ତା ସେଠୀ ଯୋଗ ଦେଇଥିଲେ । ଉପରୋକ୍ତ ବିଷୟ ଉପରେ ବିଚାରପତି ଗୁରୁତ୍ୱାରୋପ କରିବା ସହ ଆବର୍ଜନା ମୁକ୍ତ ପରିବେଶ ଗଠନ ତଥା ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଏଥିରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ଯୁଗଳ କିଶୋର ଦୀପ, ସହକାରୀ ସରକାରୀ ଓକିଲ ପ୍ରକାଶ ଦାସ, ବରିଷ୍ଠ ଆଇନଜୀବୀ ଦିନେଶ ଭୋଇ, ହରିପ୍ରସାଦ ତାଣ୍ଡି, ରଞ୍ଜିତ ଷଡଙ୍ଗୀ, ଗୋଲକ ବିହାରୀ ପ୍ରଧାନ, ସୁକାନ୍ତ ପଧାନ, ଆଇନଜୀବୀ. ପାରାଲିଗାଲ ସ୍ୱେଚ୍ଛାସେବୀ ସାଧାରଣ ଜନତା ଏବଂ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ ।

## ସାମ୍ବାଦିକ ଭବନ ନିର୍ମାଣ ପାଇଁ ସାଂସଦଙ୍କୁ ଦାବିପତ୍ର



ଭବାନୀପାଟଣା, ୧୯ ।୫ (ସମିସ): ଲାଞ୍ଜିଗଡ଼ ବ୍ଲକରେ ସାମ୍ବାଦିକ ଭବନ ସ୍ଥାପନ ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଛି । ବ୍ଲକର ଦୁର୍ଗମାଞ୍ଚଳ ତଥା ଜିଲ୍ଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ଆସୁଥିବା ସାମ୍ବାଦିକମାନେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗସ୍ତରେ ଆସିଥିବା କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀଙ୍କୁ ସାକ୍ଷାତ କରିଛନ୍ତି । ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ ବାଗଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ କୈଳାସ ସାହୁ, ସନ୍ତୋଷ ତୁଳ, ଯୁବ ସାମ୍ବାଦିକ ଦେବାଶିଷ ରଞ୍ଜନ ବିଶି ପ୍ରମୁଖ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସାମ୍ବାଦିକ ଭବନ ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ଅନୁଦାନ ଯୋଗାଇଦେବାକୁ ଅନୁରୋଧ କରିଛନ୍ତି । ସାଂସଦ ଦାବିପତ୍ର ଗ୍ରହଣ କରିବା ସହିତ ଅନୁଦାନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଏ-ୱାନ ର୍ୟାଙ୍କ ହାସଲ ପାଇଁ କର୍ମଶାଳା



**ଭବାନୀପାଟଣା, ୧୯ ।୫ (ସମିସ):** ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି । ମାଟ୍ରିକ୍ ପରୀକ୍ଷାରେ ଅଧିକରୁ ଅଧିକ ଛାତ୍ରୀ ଯେପରି ଏ - ୧ ସ୍ଥାନରେ ରହିବେ ସେଥିପ୍ରତି ଧ୍ୟାନ ଦିଆଯାଇ ଏକ କର୍ମଶାଳାର ଆୟୋଜନ ଆରମ୍ଭ ହୋଇଛି । ଏହି ଅବସରରେ ଭବାନୀପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଡ. ଦୀନକୃଷ୍ଣ ଯୋଷୀ ଯୋଗଦେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବବିତା ପାଣିଗ୍ରାହୀଙ୍କଠାରୁ ଦାୟିତ୍ୱ ନେଇଥିଲେ । ବିଇଓ ଆଚାରୀ ଶବର ସମେତ ପରିଚାଳନା କମିଟିରୁ ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମିଶ୍ର, ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁଶ୍ରୀ ସବିତା ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ । ଏଥିରେ ଗୋରେଖ ନାଥ ସାହୁ, ବରିଷ୍ଠ ଶିକ୍ଷକ ଅମରେଶ ନେଗୀ, ରବୀନ୍ଦ୍ରନାଥ ପଟ୍ଟନାୟକ, କର୍ଲାମୁଣ୍ଡା ବିଇଓ ବାଞ୍ଛାନିଧି ପଣ୍ଡା, ଜୟନ୍ତ ମୁଣ୍ଡ, ଅବସରପ୍ରାପ୍ତ ଆର୍‌ପି ମହେନ୍ଦ୍ର ପଣ୍ଡା, ଧୀରେନ୍ଦ୍ର ପଣ୍ଡା, ମନୋଜ ବେହେରା, ବିଭୁ ପ୍ରସାଦ ପଣ୍ଡା, ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ଶ୍ରୀକାନ୍ତ ଦାଶ, ଅଭିଭାବକ କର୍ମଶାଳାରେ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ନିଳିମା ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖଣ୍ଡିଡଙ୍ଗରିଗୁଡ଼ାରେ ଆଡ଼ିବନ୍ଧ ନିର୍ମାଣ ପାଇଁ ଅନୁଧ୍ୟାନ

କଳମପୁର, ୧୯ ।୫(ସମିସ): ବନ୍ୟା ପ୍ରଭାବିତ ଖଣ୍ଡି ଡଙ୍ଗରୀଗୁଡା ହାତୀନଦୀ କୂଳରେ ଆଡିବନ୍ଧ ନିର୍ମାଣ କରାଯିବ । ବିଭାଗୀୟ ସହକାରୀ ଯନ୍ତ୍ରୀ ସମରେନ୍ଦ୍ର ସାମଲ ଓ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତାରା ପ୍ରସାଦ ନାୟକ ଏଥିଲାଗି ଗାଁରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ଭାଟିଗାଁର ବାଲିଚର ଜମି ପାଖରୁ ବନ୍ୟାଜଳ ପ୍ରବାହିତ ଜମିଠାରୁ ପକାନଦର ଦେଇ ଖଣ୍ଡି ଡଙ୍ଗରୀଗୁଡା ଗ୍ରାମ୍ୟ ଜଙ୍ଗଲ ପର୍ଯ୍ୟନ୍ତ ପାଖାପାଖି ୧ କିମିରୁ ଅଧିକ ହାତୀନଦୀ କୂଳରେ ପଥରବନ୍ଧ ନିର୍ମାଣ ପାଇଁ ସ୍ଥାନ ନିରୂପଣ ହୋଇଛି । ଏହାଦ୍ୱାରା ଭାଟିଗାଁ ଓ ଖଣ୍ଡି ଡଙ୍ଗରୀଗୁଡା ଗ୍ରାମର ୫୦ରୁ ଅଧିକ ନଦୀକୂଳର ଗାଁ ଓ ଚାଷଜମି ରକ୍ଷା କରିପାରିବ । ସୂଚନାଯୋଗ୍ୟ, ଗତ ୧୩ ତାରିଖ କଳମପୁର ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ କଳାହାଣ୍ଡି ଜିଲ୍ଲା ଭାରତ ମୁକ୍ତି ମୋର୍ଚ୍ଚା ସଭାପତି ମାଧବ ସୁନାନୀ ଏ ବାବଦରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

### ଖୋର୍ଲାରେ ପ୍ରଶାସନର ପୂରା ଟିମ୍

# କନ୍ୟାସନ୍ତାନର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

**ନୂଆପଡ଼ା, ୧୯ ।୫(ସମିସ):**

ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ଲର୍କା ପଞ୍ଚାୟତର ଖୋର୍ଲା ଗାଁରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଗାଁରେ ପହଞ୍ଚିଥିଲେ ।

ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ଉଭୟ ଝିଅ ଏବଂ ଗଛ ସମାଜର ଭବିଷ୍ୟତ । ସେମାନଙ୍କୁ ସବୁ ପ୍ରକାର ସୁରକ୍ଷା ଦେବା ସମସ୍ତଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ । ସେହିପରି ଗାଁର କୌଣସି ବି ପୁରୁଷ କିମ୍ବା ମହିଳା ଭୁଲରେ ବି ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ନ ଯିବାକୁ ସେ ପରାମର୍ଶ ଦେଇଥିଲେ । ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରିବାକୁ ଜିଲ୍ଲାପାଳ କହିଥିଲେ । ଲର୍କା ପଞ୍ଚାୟତ ମନରେଗା ଯୋଜନାରେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ କରିଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଦେଇଥିଲେ । ସମସ୍ତେ ମିଶି ଲର୍କା ପଞ୍ଚାୟତକୁ ପ୍ରବାସୀ ଶ୍ରମିକମୁକ୍ତ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ ।

ଜିଲ୍ଲାପାଳଙ୍କ ସହ ଡିଏଫଓ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ ସୁଶାନ୍ତ ରଣା, ତହସିଲଦାର ଅନୁସୂୟା ବାଗ୍ ଦେବି, ଲର୍କା ସରପଞ୍ଚ ଜୟଶ୍ରୀ ପଟେଲ ଏବଂ ରୋକାଲ ସରପଞ୍ଚ ଠାକୁର ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗାଁର ନବଜାତକ ଶିଶୁ କନ୍ୟା ପ୍ରେମଶିଳା ଓ



ତାର ପିତାମାତା କେଶରୀ ମାଝୀ ଓ ହେମକାନ୍ତି ମାଝୀଙ୍କୁ ସମାରୋହରେ ଜିଲ୍ଲାପାଳ ଉପହାର ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଅନ୍ୟ ଦୁଇ ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଅତିଥିମାନେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ । ଜିଲ୍ଲାପାଳ ଏମାନଙ୍କ ପରିବାର ଲୋକଙ୍କୁ ଗର୍ଭବତୀମାନଙ୍କ ସମୁଚିତ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ଶ୍ରମିକ ସଚେତନତା ଶିବିରରେ ଅତିଥିମାନେ ଗାଁ ବାସୀଙ୍କୁ ମନରେଗା ଯୋଜନାରେ କାମ କରିବା ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ । ସଭାରେ ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ପୁଷ୍ପରଞ୍ଜନ ସାହୁ, ଜିଲ୍ଲା ଶିଳ୍ପ କେନ୍ଦ୍ର ପରିଚାଳକ ସମିର ମୁଦୁଲି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡଃ ଆଲୋକ ନାୟକ, ଏଲ୍‌ଡିଏମ୍ ସୀତାରାମ ମେହେର ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗର କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ ।

ମନରେଗା ଯୋଜନାରେ ୨୦୦ ଦିନରୁ ଅଧିକ ଦିନ

**● ଲର୍କା ପଞ୍ଚାୟତକୁ ପ୍ରବାସୀ ଶ୍ରମିକମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ**

ଶ୍ରମ ଦାନ କରିଥିବାରୁ ପ୍ରିତମ ଛତ୍ରିଆ, ସନ୍ତୋଷ ଛତ୍ରିଆ, କ୍ଷୀରଧର ଛତ୍ରିଆ, ତୁଳାରାମ ମାଝୀଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପରିଚାଳନା କରିଥିଲେ । ଶେଷରେ ସ୍ଥାନୀୟ ସମିତି ସଭ୍ୟ ଅମିତ ସିଂଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ବୋଡ଼େନ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ବୋଡ଼େନ ସିଡିପିଓ ଅର୍ଚ୍ଚନା ରାଉତ, ସରପଞ୍ଚ, ବ୍ଲକ ଏବଂ ପଞ୍ଚାୟତ କର୍ମଚାରୀ ପ୍ରମୁଖ ଆୟୋଜନ କରିଥିଲେ । ଶେଷରେ ଡିଏଫଓଙ୍କ ଉଦ୍ୟମରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ପକ୍ଷୀମାନଙ୍କ ପାଇଁ ଜଳ ଏବଂ ବସା ବ୍ୟବସ୍ଥା କରାଯାଇଥିଲା । ଏଥିରେ ବନ ବିଭାଗର ସମସ୍ତ ଅଧିକାରୀ, କର୍ମଚାରୀ ଯୋଗ ଦେଇଥିଲେ ।



ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଲର୍କା ପଞ୍ଚାୟତର ଖୋର୍ଲା ଗାଁରେ ପକ୍ଷୀମାନଙ୍କ ପାଇଁ ଜଳ ଏବଂ ବସା ବ୍ୟବସ୍ଥା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ଅନ୍ୟମାନେ

## ଚହଲାରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କୋକସରା, ୧୯ ।୫(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ରେଙ୍ଗାପାଲି ଗ୍ରାମର ଏକ ଚହଲାରୁ ସୋମବାର ସନ୍ଧ୍ୟାରେ ଅଗ୍ନିଶମ ବିଭାଗ ଦ୍ୱାରା ଜଣେ ବୃଦ୍ଧାଙ୍କ ମୃତ ଦେହ ଉଦ୍ଧାର ହେଉଛି । ମୃତ ବୃଦ୍ଧା ଜଣକ ରେଙ୍ଗାପାଲି କଟାପଡ଼ାର ମକର ଚଣ୍ଡିଙ୍କ ସ୍ତ୍ରୀ ସନ୍ତା ଚଣ୍ଡୀ(୬୩) । ସେ ଛେଳି ଚରାଇ ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ବାଟରେ ଥିବା ଏକ ଚହଲାକୁ ଯାଇଥିଲେ । ତେବେ ଅସାବଧାନତା ହେତୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ । ଏହାପରେ ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ । ପରିବାର ଲୋକ କୋକସରା ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ କର୍ମଚାରୀ ସୁନିଲ ରଞ୍ଜନ ବାରଲା, ରାଧେଶ୍ୟାମ ପ୍ରଧାନୀ, ଦିଗାମ୍ବର ଶବର, ସତ୍ୟମ୍ ଶିବମ ମାଝୀ ପ୍ରମୁଖ ପହଞ୍ଚି ଦିର୍ଘ ସମୟର ପରିଶ୍ରମ ପରେ ମୃତଦେହ ଉଦ୍ଧାର କରି କୋକସରା ଥାନା ପୁଲିସକୁ ଶବ ହସ୍ତାନ୍ତର କରିଥିଲେ ।

**● ଗୋଲ୍ଡେନ ସ୍ପୋର୍ଟସ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ**

## ବଳଭଦ୍ରପୁରକୁ ହରାଇ ନିୟମଗିରି ବେଦାନ୍ତ ନଗର ବିଜୟୀ

**ଲାଞ୍ଜିଗଡ଼, ୧୯ ।୫(ସମିସ):** ଲାଞ୍ଜିଗଡ଼ସ୍ଥିତ ନିୟମଗିରି ବେଦାନ୍ତ ନଗର ଖେଳ ପଡ଼ିଆରେ ନିୟମଗିରି ବେଦାନ୍ତ ନଗର ଗୋଲ୍ଡେନ ସ୍ପୋର୍ଟସ କ୍ଲବ ଓ ଲାଞ୍ଜିଗଡ଼ ବେଦାନ୍ତର ମିଳିତ ଉଦ୍ୟମରେ ସୋମବାର ଦଶମ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍ ବଳଭଦ୍ରପୁର ଓ ନିୟମଗିରି ବେଦାନ୍ତ ନଗର ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚ ୧୨ ଓଭରର ଖେଳାଯାଇଥିଲା । ବଳଭଦ୍ରପୁର ପ୍ରଥମେ ବ୍ୟାଟିଂ କରି ୧୨ ଓଭର ୬ ଉଇକେଟ ବିନିମୟରେ ୮୪ ରନ୍ ସଂଗ୍ରହ କରିଥିଲା । ନିୟମଗିରି ବେଦାନ୍ତ ନଗର ଦଳ ୧୨ ଓଭର ୬ ଉଇକେଟରେ ୮୬ ରନ୍ କରି ବିଜୟୀ ହୋଇଥିଲା । ଗୋବିନ୍ଦ ମାଝୀ ଓ ଦିଲ୍ଲୀପ ମାଝୀ ଖେଳ ପରିଚାଳନା କରିଥିବାବେଳେ ଉମେଶ ଭୋଇ ଧାରା ବିବରଣୀ ଦେଇଥିଲେ । ସ୍କୋର ବୋର୍ଡରେ ଦେବେନ୍ଦ୍ର ମାଝୀ ସହଯୋଗ କରିଥିଲେ । ଏହି ଉଦ୍‌ଘାଟନୀ ମ୍ୟାଚରେ ଅତିଥି ଭାବେ ଲାଞ୍ଜିଗଡ଼ ବେଦାନ୍ତ ପକ୍ଷରୁ ଭଗବାନ ହୋତା, ଓଁକାର ଆଚାର୍ଯ୍ୟ, ପୁଙ୍ଗରି ମାଝୀ, କୁଆଁରା ମାଝୀ, ପାତ୍ର ମାଝୀ, ସୁବ୍ରତ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ୧୬ଟି କ୍ରିକେଟ୍ ଦଳ ଅଂଶ ଗ୍ରହଣ କରି ଥିବା ବେଳେ ଜୁନ ୧ ତାରିଖରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଗୋଲ୍ଡେନ ସ୍ପୋର୍ଟସ ସଭାପତି ପବିତ୍ର ମାଝୀ ପ୍ରକାଶ କରିଛନ୍ତି । କ୍ଲବ୍ ସଭାପତି ପବିତ୍ର ମାଝୀ, ଉପ ସଭାପତି ସନ୍ତୋଷ ମାଝୀ, ସମ୍ପାଦକ ଶତ୍ରୁଘନ ଚଲାନ, ସହ ସମ୍ପାଦକ କପୁର ନାଗ, କୋଷାଦକ୍ଷ ଜିତେନ୍ଦ୍ର ମାଝୀ, ଉମେଶ ମାଝୀ, ସୁବ୍ରତ ମାଝୀ, ଉମେଶ ଚଲାନ, ରବି ମାଝୀ, ଅଜିତ ମାଝୀ, ମୁନା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## କାର୍ ଧକ୍କାରେ ଦୁଇ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ

ଜୁନାଗଡ଼, ୧୯ ।୬(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଚିଚେଇଗୁଡା ଗ୍ରାମର ବୁଲାଣି ନିକଟରେ ସୋମବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି । କାର ଓ ବୁଲେଟ୍ ମୁହାଁମୁହିଁ ଧକ୍କାରେ ୨ ଜଣଙ୍କ ଜୀବନ ଯାଇଛି । ଦୁଇ ମୃତକ ହେଲେ ଭବାନୀପାଟଣାର ସାହିଲ ପଟ୍ଟନାୟକ ଓ ରୋହନ ଭୋଇ । ଉଭୟ ବୁଲେଟ୍‌ରେ ଧର୍ମଗଡ଼ ପଟୁ ଆସୁଥିବା ବେଳେ ଜୁନାଗଡ଼ ପଟୁ ଯାଉଥିବା କାର ଚିଚେଇଗୁଡା ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟଙ୍କୁ ଗୁରୁତର ଦୁଇ ଜଣଙ୍କୁ ପ୍ରଥମେ ଜୁନାଗଡ଼ ଡାକ୍ତରଖାନା ଓ ପରେ ଭବାନୀପାଟଣା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଉଭୟଙ୍କ ମୃତ୍ୟୁ ଘଟିଥିଲା । ଜୁନାଗଡ଼ ପୁଲିସ କାର ଓ ବୁଲେଟ୍ ଜବତ କରି ମାମଲା ରୁଜୁ କରିଛି ।

## ନୂଆ ଏଡିଇଓଙ୍କୁ ପ୍ରାଥମିକ ଶିକ୍ଷକଙ୍କ ସ୍ୱାଗତ



ନୂଆପଡ଼ା, ୧୯ ।୫(ସମିସ): ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଭାବେ ନିଯୁକ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ରେଶମ ଲାଲ ନାଏକ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ତାଙ୍କୁ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସ୍ୱାଗତ କରାଯାଇଛି । ଜୀତେନ୍ଦ୍ର ଖମାରୀ, ଏଡିଇଓ ସୁଧାଂଶୁ ଶେଖର ମିଶ୍ର, ହେମନ୍ତ ଭୋଇ ପ୍ରମୁଖ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମକରଧ୍ୱଜ ବାରିକ, କିଶୋର ପ୍ରଧାନ, ବୈଷ୍ଣବ ଭୋଇ, ସଦର ସିଆରସିସି ଯୋଗିନ୍ଦ୍ର ବେହେରା, ଜିଲ୍ଲା ଶିକ୍ଷକ ଯୁବ ବାହିନୀ ପ୍ରଭାରୀ ଠୁବୁ ମାଝୀ, ରାଜେଶ ବିନାୟକ, ଭୁଜା ନାଏକ, ପିଟିଆଇ ଜିଲ୍ଲା ସଭାପତି ଥବିର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

### କୋଟନ ଚୁଆଁ ବାଳିକା ହାଇସ୍କୁଲକୁ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ଘୋଷଣା ଦାବି

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଲୋକଙ୍କ ଧାରଣା

**ନୂଆପଡ଼ା, ୧୯ ।୫(ସମିସ):**

ନୂଆପଡ଼ା ବ୍ଲକ କୋଟନଚୁଆଁ ପଞ୍ଚାୟତ ଅଞ୍ଚଳରେ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ତରଫରୁ ଏକମାତ୍ର ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି; ହେଲେ ଉଚ୍ଚ ଶିକ୍ଷା ପାଇଁ ଏହି ଅଞ୍ଚଳରେ କୌଣସି ଯୁକ୍ତ କଲେଜ ନାହିଁ । ପ୍ରତିବର୍ଷ ଶତାଧିକ ଆଦିବାସୀ ଛାତ୍ରୀ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ତେଣୁ ଏହାକୁ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ଘୋଷଣା ପାଇଁ ଦାବି ହେଉଛି । ଏହି ଦାବି ନେଇ ସୋମବାର ପୂର୍ବାହ୍ନରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଲୋକେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ । ୧୯୫୮ରେ କୋଟେନଚୁଆଁ ଗାଁରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ତରଫରୁ ଆଦିବାସୀ ପିଲାଙ୍କ ଶିକ୍ଷା ପାଇଁ ସେବାଶ୍ରମ ଖୋଲିଥିଲା । ଏହା ୨୦୦୭ରେ ହାଇସ୍କୁଲକୁ ଉନ୍ନତି ହୋଇଛି । ଏହି ହାଇସ୍କୁଲରେ ପ୍ରଥମରୁ ଦଶମ



ଶ୍ରେଣୀ ପର୍ଯ୍ୟପ୍ତ ପ୍ରାୟ ୭ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ଅନ୍ୟପକ୍ଷେ କୋଟେନଚୁଆଁ ଗାଁରେ ବସ୍ତି ଓ ଭୁଞ୍ଜିଆପଡ଼ା ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି; କିନ୍ତୁ ଗାଁ ମୁଖ୍ୟବସ୍ତିର ପିଲାଙ୍କୁ ଭୁଞ୍ଜିଆପଡ଼ା ଓ ଭୁଞ୍ଜିଆପଡ଼ାର ପିଲାଙ୍କୁ ବସ୍ତି କେନ୍ଦ୍ରରେ ଯୋଡ଼ା ଯାଇଛି । ଏବେ କୋମଳମତି ପିଲା ପ୍ରାୟ ୨ କିମି ଅତିକ୍ରମ କରି କେନ୍ଦ୍ରକୁ ଯାଉଛନ୍ତି । ଏଣୁ ଛୋଟ ଛୋଟ ପିଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ଦାବିର ସମାଧାନ ପାଇଁ ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପସିଂ ମାଝିଙ୍କ ନେତୃତ୍ୱରେ ପଞ୍ଚାୟତର ଶତାଧିକ ଲୋକେ ପଞ୍ଚାୟତ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ । ମଧ୍ୟାହ୍ନରେ ନୂଆପଡ଼ା ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର ଦିଲୀପ ପାତ୍ର, ଆଇଆଇସି ଗଙ୍ଗାଧର ମେହେର ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ତଥାପି ସେମାନେ ଧାରଣା ଜାରି ରଖିଥିଲେ । କୋଟନଚୁଆଁ ପଞ୍ଚାୟତ ନାଏବ ସରପଞ୍ଚ ବାଳକୁମାର ରାଉତ, ମୋଟା ସିଂ ମାଝି, ପ୍ରେମସିଂ ରାଉତ, ରମେଶ ମାଝି, ଦୁର୍ବାସା ରାଉତ, ରୁଧନ ସାଏ ମାଝି, ନନ୍ଦୁସିଂ ମାଝୀ, ରୂପସିଙ୍ଗ ମାଝି, ଓଙ୍କାର ମାଝୀ, ଖେଦୁରାମ ରାଉତ, ରୁକମନ ଅଘରିଆ, କପୁରଚନ ମାଝି, ଗୁମାନ ଅଘରିଆ, ଇନ୍ଦଲ ରାଉତ ପ୍ରମୁଖ ଧାରଣାରେ ବସିଥିଲେ ।

# ସମ୍ପୂର୍ଣ୍ଣା



ସକାଳ THE SAKALA www.sakalaepaper.com

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୭- ସାଉଦି ଆରବ ବ୍ରିଟେନ୍ଠାରୁ ସ୍ୱାଧୀନ ହେଲା।
- ୧୯୩୨- ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍ଙ୍କ ଦେହାନ୍ତ।
- ୧୯୯୦- ହବଲ୍ ଟେଲିସ୍କୋପ୍ ମହାକାଶରୁ ପ୍ରଥମ ଫଟୋ ପଠାଇଲା।
- ୧୯୯୫- ରୁଷ୍ରେ ମାନବ ରହିତ ମହାକାଶ ଯାନର ସଫଳ ପ୍ରକ୍ଷେପଣ କରାଗଲା।
- ୨୦୦୩- ପାକିସ୍ତାନ, ଆତଙ୍କବାଦୀ ସଂଗଠନ ହିଜବୁଲ୍ ମୁଜାହିଦ୍ଦିନ୍ ଉପରେ ପ୍ରତିବନ୍ଧକ ଲଗାଗଲା।

## ରାଜ୍ଙ୍କ ସହ ସାମନ୍ଥାଙ୍କ ଫଟୋ ଭାଇରାଲ



ସାଉଥ୍ର ଆଗଧାଡ଼ିର ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ। ଏବେ ସେ ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଅନେକବାର ସେ ରାଜ୍ଙ୍କ ସହ ଦେଖାଯାଇଥିଲେ ମଧ୍ୟ କେବେ ଫଟୋ ସେୟାର୍ କରି ନ ଥିଲେ। ଏବେ କିନ୍ତୁ ସେ ରାଜ୍ଙ୍କ ସହ ଫଟୋ ସେୟାର୍ କରିଛନ୍ତି। କିଛି ଦିନ ପୂର୍ବରୁ ସାମନ୍ଥା ସାମାଜିକ ଗଣମାଧ୍ୟମରେ 'ନୂଆ ଆରମ୍ଭ' ଲେଖି ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରୁ ସେ ପୁଣି ଥରେ ଏକ ନୂଆ ସମ୍ପର୍କରେ ଥିବା ତାଙ୍କ ପ୍ରଶଂସକମାନେ ଅନୁମାନ କରୁଥିଲେ। ଏବେ ରାଜ୍ଙ୍କ ସହ ସେ ଫଟୋ ସେୟାର୍ କରି ଉଭୟ ପ୍ରେମ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଜଣାଇ ଦେଇଛନ୍ତି। ଏବେ ସାମନ୍ଥା ତାଙ୍କ ପ୍ରଡକ୍ସନ୍ ହାଉସ୍ରେ ନିର୍ମିତ 'ଶୁଭମ୍'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି। ତେବେ ସାମନ୍ଥା ଦୁଇଟି ଫଟୋ ସେୟାର୍ କରିଥିଲେ। ପ୍ରଥମ ଫଟୋରେ ସେ ରାଜ୍ଙ୍କ ସହ ଏକ ସିନେମା ହଲ୍ରେ ପୋଜ୍ ଦେଉଥିବାର ଦେଖାଯାଇଛି। ଦ୍ୱିତୀୟ ଫଟୋରେ ସେ ରାଜ୍ଙ୍କ ସହ କିଛି ଆଲୋଚନା କରୁଥିବାର ଦେଖାଯାଇଛି। ସାମନ୍ଥା ପୂର୍ବରୁ ନାଗା ଚୈତନ୍ୟଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଯିବା ପରେ ନାଗା, ଶୋଭିତା ଧୂଳିପାଲାଙ୍କୁ ବିବାହ କରିଛନ୍ତି। ଏବେ ସାମନ୍ଥା ମଧ୍ୟ ତାଙ୍କ ଜୀବନରେ ଆଗକୁ ବଢ଼ିଥିବା ତାଙ୍କ ପ୍ରଶଂସକମାନେ କହୁଛନ୍ତି। ତେବେ ରାଜ୍ ପୂର୍ବରୁ ବିବାହ କରିଛନ୍ତି। ତାଙ୍କର ଝିଅଟିଏ ମଧ୍ୟ ଅଛି।

## ପ୍ରସାଧାନ ସାମଗ୍ରୀରୁ ହୋଇପାରେ କର୍କଟ



ମହିଳାମାନେ ସୁନ୍ଦର ଦିଶିବା ପାଇଁ ବିଭିନ୍ନ ପ୍ରକାରର ପ୍ରସାଧାନ ସାମଗ୍ରୀ ବ୍ୟବହାର କରନ୍ତି। ହେଲେ ଏଭଳି ଜିନିଷରୁ କର୍କଟ ହେବା ଆଶଙ୍କା ଥାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ପ୍ରକାଶ ପାଇଛି। ପ୍ରତିଦିନ ବ୍ୟବହାର କରାଯାଉଥିବା ସାମ୍ପୋ, ବଡି ଲୋଶନ, ସାବୁନ ଆଦିରେ ଫର୍ମାଲଡିହାଇଡ ନାମକ ଏକ ବିଷାକ୍ତ ରାସାୟନିକ ତତ୍ତ୍ୱ ଥାଏ ଯାହାକି କର୍କଟର କାରଣ ହୋଇଥାଏ। ଅଧ୍ୟୟନରେ ଲସ୍ଆଞ୍ଜେଲସ୍ର ୭୦ ବର୍ଷୀୟା ବୃଦ୍ଧାମାନଙ୍କୁ ସାମିଲ କରାଯାଇଥିଲା। ଏକ ମୋବାଇଲ୍ ଆପ୍ ଜରିଆରେ ସେମାନେ ଉପଯୋଗ କରୁଥିବା ପ୍ରସାଧାନ ସାମଗ୍ରୀଗୁଡ଼ିକ ଓ ସେଥିରେ ଥିବା ଉପାଦାନଗୁଡ଼ିକର ଫଟୋ ସେୟାର କରିଥିଲେ। ଏଥିରୁ ୫୩% ମହିଳା ବ୍ୟବହାର କରୁଥିବା ପ୍ରସାଧାନ ସାମଗ୍ରୀରେ ଫର୍ମାଲଡିହାଇଡ ପରି ବିଷାକ୍ତ ରାସାୟନିକ ପଦାର୍ଥ ରହିଥିବା ଜଣାପଡ଼ିଥିଲା। ତେବେ ମହିଳାମାନେ ଏହି ଉତ୍ପାଦକୁ ନିୟମିତ ତଥା ସପ୍ତାହରେ ବହୁବାର ବ୍ୟବହାର କରୁଥିବାରୁ ଏହା ଚିନ୍ତା ବଢ଼ାଇଥିଲା। ସାଧାରଣତଃ ପ୍ରସାଧାନ ସାମଗ୍ରୀଗୁଡ଼ିକୁ ଅଧିକ ସମୟ ସାଇତି ରଖିବାକୁ ଫର୍ମାଲଡିହାଇଡର ବ୍ୟବହାର କରାଯାଏ। ଏହା ସାମ୍ପୁ, ବଡି ଲୋଶନ, ଫେସ୍ କ୍ରିମ୍, ସାବୁନ୍, ଆଇଲ୍ୟାସ୍ ଅଠା ଆଦିରେ ମିଳିଥିଲା। ଏହାପୂର୍ବରୁ ଆମେରିକାର ପରିବେଶ ସୁରକ୍ଷା ସଂଗଠନ ଏହି ରାସାୟନିକ ପଦାର୍ଥ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଘୋଷଣା କରିସାରିଛି। ଦୀର୍ଘ ସମୟ ଏହି ରାସାୟନିକ ଦ୍ରବ୍ୟର ସଂସ୍ପର୍ଶରେ ରହିବା ଦ୍ୱାରା ତ୍ୱଚା ଏବଂ ଦୃଷ୍ଟିଶକ୍ତି ପ୍ରଭାବିତ ହୋଇପାରେ। କେବଳ ସେତିକି ନୁହେଁ, ଅନେକ ମାମଲାରେ ଏହା କର୍କଟର କାରଣ ମଧ୍ୟ ହୋଇପାରେ। ତେଣୁ ମହିଳାମାନେ ଯେକୌଣସି ପ୍ରସାଧାନ ସାମଗ୍ରୀ କିଣିବା ପୂର୍ବରୁ ଏଥିରେ ବ୍ୟବହାର କରାଯାଉଥିବା ଜିନିଷଗୁଡ଼ିକ ସମ୍ପର୍କରେ ଜାଣିବା ଉଚିତ। ଯଦି ଏଥିରେ DMDM Hydantoin, Quaternium-15 ପରି ତତ୍ତ୍ୱ ରହିଥାଏ, ତେବେ ଏହାକୁ ନ କିଣିବା ଭଲ। କାରଣ ଏହା ସ୍ୱାସ୍ଥ୍ୟ ଏବଂ ଚର୍ମ ପାଇଁ ହାନିକାରକ ହୋଇପାରେ। ସବୁବେଳେ ଆୟୁର୍ବେଦିକ କିମ୍ବା ହର୍ବାଲ ବିକଳ୍ପକୁ ପ୍ରାଥମିକତା ଦେବା ଜରୁରି ବୋଲି ଏହି ଅଧ୍ୟୟନରେ କୁହାଯାଇଛି।


## କେଶରେ ଝୁଲିଲେ ୨୫ ମିନିଟ୍

ଆଜିକାଲି ବିଶ୍ୱ ରେକର୍ଡରେ ସାମିଲ ହେବା ପାଇଁ ଲୋକେ ଅଜବ ତଥା ଭିନ୍ନ ଭିନ୍ନ କାରନାମା କରି ଦେଖାଉଛନ୍ତି। ଏହି କ୍ରମରେ ଆମେରିକାର ସର୍କସ କଳାକାର ଲେଲା ନୁନେ ନିଜ କେଶରେ ୨୫ ମିନିଟ୍ ୧୧ ସେକେଣ୍ଡରୁ ଅଧିକ ସମୟ ଝୁଲି ରହି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୩୯ ବର୍ଷୀୟା ଲେଲା ପୂର୍ବରୁ ଥିବା ୨୩ ମିନିଟ୍ ୧୯ ସେକେଣ୍ଡର ରେକର୍ଡକୁ ଭାଙ୍ଗିବାରେ ସଫଳ ହୋଇଛନ୍ତି। ୨୦୧୧ ମସିହାରେ ଅଷ୍ଟ୍ରେଲିଆର ସୁଥାକରନ ସିଭାଗନାନାଥୁରାଇ ଏହି ରେକର୍ଡ କରିଥିଲେ। ତେବେ ଲେଲା ଜଣେ ପେଶାଦାର ହେୟାର ହ୍ୟାଙ୍ଗର। ଏହି ଚ୍ୟାଲେଞ୍ଜ ଲାଗି ଦୁଇ ବର୍ଷ ହେଲାଣି ସେ ଅଭ୍ୟାସ ଚଳାଇଥିଲେ। ଗତବର୍ଷ ଜୁନ୍ ମାସରେ ସେ ଏହି ରେକର୍ଡ ଏକ ପ୍ରାକୃତିକ ପରିବେଶ ମଧ୍ୟରେ କରିଥିଲେ। ଅବଶ୍ୟ ସେ ଯେଭଳି ତାଙ୍କ ଲକ୍ଷ୍ୟରୁ ବିଚ୍ୟୁତ ନ ହୁଅନ୍ତି ସେଥିପାଇଁ ତାଙ୍କ ସାଙ୍ଗମାନେ ଗୀଟାର ବଜାଇବା ସହ କରତାଳି ଦେଇ ତାଙ୍କୁ ଉତ୍ସାହିତ କରୁଥିଲେ। ତେବେ ହେୟାର୍ ହ୍ୟାଙ୍ଗିଂ ହେଉଛି ଏକ ବିପଦପୂର୍ଣ୍ଣ ସର୍କସ କଳା। ଏ ଲାଗି ଶାରୀରିକ ଶକ୍ତି ସହ ଏକ ବିଶେଷ ଟେକ୍ନିକ୍ର ଆବଶ୍ୟକତା ଥାଏ। ଅଧିକାଂଶ ହେୟାର ହ୍ୟାଙ୍ଗର କେଶ ବାନ୍ଧିବାର ନିଆରା ତରିକା ଜାଣିଥାନ୍ତି। ଏହି ଟେକ୍ନିକ୍ରେ କେଶରେ ଶରୀରକୁ ଝୁଲାଇବା ସହ ଆଘାତ ଯେପରି ଲାଗିବ ନାହିଁ ତାଉପରେ ଗୁରୁତ୍ୱ ଦିଆଯାଏ। ସେହିପରି ଲେଲା ଶରୀର ସହିତ ମାନବ ମସ୍ତିଷ୍କ ଶକ୍ତିର ପ୍ରଦର୍ଶନ କରିବାକୁ ଚାହୁଁଥିଲେ। ଅନ୍ୟପକ୍ଷରେ ତାଙ୍କର ସାମର୍ଥ୍ୟ ଓ ଦକ୍ଷତାକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।






## ଆଖୁ ଘାସବଛା ଯନ୍ତ୍ର



ପନିପରିବା ହେଉ କି ଡାଲିଜାତୀୟ ଫସଲ ବୃଦ୍ଧି ପାଇଁ ଅନାବନା ଘାସ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଫସଲରୁ ଘାସ ନିୟନ୍ତ୍ରଣ ପାଇଁ ବିଭିନ୍ନ କୃଷି ଉପକରଣ ରହିଛି। ସେମିତି ଆଖୁଚାଷ ପାଇଁ ଚାଷୀଙ୍କୁ ସୁବିଧା ଯୋଗାଉଛି ସୁଗାରକେନ୍ ୱିଡର ବା ଆଖୁ ଘାସବଛା ଯନ୍ତ୍ର। ଏହି ଉପକରଣ ଆଖୁ ଫସଲରୁ ଘାସ ନିୟନ୍ତ୍ରଣ ପାଇଁ ବେଶ୍ ଉପଯୋଗୀ। ସୁଗାରକେନ୍ ୱିଡରକୁ ଟ୍ରାକ୍ଟର ସହିତ ସଂଯୋଗ କରି ବ୍ୟବହାର କରାଯାଇଥାଏ। ଏହା ଏକ ଉଚ୍ଚକ୍ଷମତା ସମ୍ପନ୍ନ କୃଷି ଉପକରଣ। କୃଷିକାର୍ଯ୍ୟ ପାଇଁ ଏହାର ପ୍ରଦର୍ଶନ ମଧ୍ୟ ବେଶ୍ ଅବିଶ୍ୱସନୀୟ। ଏହାର ନିର୍ମାଣ ଏପରି କରାଯାଇଛି ଯେ, ଏହା ଆଖୁ ଫସଲକୁ କୌଣସି କ୍ଷତି ନ ପହଞ୍ଚାଇ ଘାସ ସଫା କରିଦିଏ। ଏହାଦ୍ୱାରା ଶୀଘ୍ର ସଫାକାର୍ଯ୍ୟ ହୋଇପାରୁଥିବାରୁ ମୃତ୍ତିକାର ଉର୍ବରଶକ୍ତି ବୃଦ୍ଧି ପାଏ। ଏହି ଉପକରଣ କେବଳ ଆଖୁ ଫସଲରୁ ଅନାବନା ଘାସ ନିୟନ୍ତ୍ରଣ କରେ ତାହା ନୁହେଁ, ବରଂ ଏଥିରେ ଆଖୁ ଲଗାଇବା କାମ କରାଯାଇପାରେ। ସାଧାରଣତଃ ବୁଣାକାମ ପାଇଁ ମଜୁରୀ ଅଭାବ ହେଉଥିବାବେଳେ ଏହି ଉପକରଣ ଏବେ ସେ ଚିନ୍ତା ଦୂର କରିଛି। ବିଶେଷ କଥା ଯେ, ଏହି ଉପକରଣ ବ୍ୟବହାର ପାଇଁ ଚାଷୀଭାଇଙ୍କ ପାଖେ ୪୫ ଅଶ୍ୱଶକ୍ତି ବିଶିଷ୍ଟ ଟ୍ରାକ୍ଟର ଥିବା ଆବଶ୍ୟକ।

## କୀଟନାଶକ ବିକଳ୍ପ ହଳଦୀ

**ହଳଦୀ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଇନ୍ଫ୍ଲାମେଟରୀ, ଆଣ୍ଟିଫଙ୍ଗାଲ ଗୁଣ ଥାଏ। ହଳଦୀ ଔଷଧୀୟ ଗୁଣରେ ଭରପୁର। ଖାଦ୍ୟର ସ୍ୱାଦ ବୃଦ୍ଧି ପାଇଁ ହଳଦୀ ବ୍ୟବହାର ବିଷୟରେ ତ ସମସ୍ତେ ଜାଣନ୍ତି; ହେଲେ ଗଛ ବୃଦ୍ଧି ପାଇଁ ହଳଦୀ ପ୍ରାକୃତିକ ମହୌଷଧି ରୂପେ କାମ କରିଥାଏ। ହଳଦୀ ଗୁଣ୍ଡ, ଅର୍କ, ତୈଳ ଫସଲ ପାଇଁ ପ୍ରାକୃତିକ କୀଟନାଶକ, ମାଟି କଣ୍ଡିସନର୍, ପତ୍ର ସିଞ୍ଚନ ଭାବେ ପ୍ରୟୋଗ କରାଯାଇପାରିବ।**

**ପୋକ ନିୟନ୍ତ୍ରଣକାରୀ:** ଫସଲରେ ହଳଦୀ ସିଞ୍ଚନ କଲେ ପୋକ ସଂଖ୍ୟା ହ୍ରାସ ପାଇଥାଏ। ଏକ ଲିଟର ପାଣିରେ ଏକ ବଡ଼ ଚାମଚ ହଳଦୀ ପାଉଡର ମିଶାଇ ଗଛରେ ସିଞ୍ଚନ କରିପାରିବେ। ସେହିପରି ହଳଦୀରୁ ଅର୍କ ବନାଇ ଫସଲରେ ସିଞ୍ଚନ ଜରୁରି। ଅନ୍ୟ ପ୍ରାକୃତିକ କୀଟନାଶକ ଯଥା- ନିମ ତେଲ ସହିତ ହଳଦୀକୁ ମିଶାଇ ବ୍ୟବହାର ଦ୍ୱାରା ଲାଭପ୍ରଦ ହୋଇଥାଏ।

**ଉପକାରୀ ଜୀବାଣୁ ବୃଦ୍ଧି:** ହଳଦୀରେ ଥିବା କରକ୍ୟୁମିନ ମାଟିରେ ଉପକାରୀ ଜୀବାଣୁ ବଂଶ ବିସ୍ତାର କରି ମାଟିକୁ ସୁସ୍ଥ ରହିଥାଏ। ଏହା ପରିବେଶ ଅନୁକୂଳ। ଗଛ ଲଗାଇବା ପୂର୍ବରୁ ଏହାର ମୂଳକୁ ଏକ ଲିଟର ପାଣିରେ ଏକ ଚାମଚ ହଦଳୀ ଗୁଣ୍ଡ ମିଶାଇ ଏଥିରେ ଭିଜାଇ ରଖି ଜମିରେ ଲଗାଇଲେ ଗଛ ସୁସ୍ଥ ହୁଏ। ବିହନ ବୁଣିବା ପୂର୍ବରୁ ଏକ କପ୍ ପାଣିରେ ହଳଦୀ ମିଶାଇ ସେଥିରେ ଉପଚାର ପାଇଁ କିଛି ଘଣ୍ଟା ଭିଜାଇ ରଖିବା ଦ୍ୱାରା ଗଜା ଭଲ ହୋଇଥାଏ।

**କୃଷି ବିଶେଷଜ୍ଞଙ୍କ ପରାମର୍ଶ ଜରୁରି:** ହଳଦୀ ଗୁଣ୍ଡ ଉପଯୋଗ କରିବା ପୂର୍ବରୁ ଫସଲ ଏବଂ ପୋକ ବିଷୟରେ ସଠିକ୍ ତଥ୍ୟ ସଂଗ୍ରହ କରିବା ଜରୁରି। ଫସଲରେ କେତେ ମାତ୍ରାର ହଳଦୀ ଗୁଣ୍ଡ ବ୍ୟବହାର କରିବା ଆବଶ୍ୟକ ସେନେଇ କୃଷି ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇ ପାରିବେ। ହଳଦୀ ଗୁଣ୍ଡ ଉପଯୋଗ କରିବା ପରେ ଫସଲକୁ ନିୟମିତ ରୂପେ ଯାଞ୍ଚ କରିବାର ଆବଶ୍ୟକତା ମଧ୍ୟ ରହିଛି।



## ଏ ମାସର ଚାଷ

**ଆମ ରାଜ୍ୟର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ସ୍ଥାନୀୟ ପାଣିପାଗ ଅନୁଯାୟୀ ଚାଷ ଭଲ ହୁଏ। ତେଣୁ ମାଟିର ଆର୍ଦ୍ରତାକୁ ବିନିଯୋଗ କରି କେଉଁ ପନିପରିବା ଚାଷ କରି ପାରିବେ ଆସନ୍ତୁ ଜାଣିବା।**



- ଶୁଖିଲା ଖତ, ୧୦ରୁ ୧୫ ପ୍ରତିଶତ ବାଲି କିମ୍ବା କୋକୋପିଟ୍ ବ୍ୟବହାର କରି ମାଟି ପ୍ରସ୍ତୁତ କରାଯାଏ। ଗୁଣ୍ଡମାଟିରେ ଚାରା ଲଗାଇଲେ ଅଧିକ ଲାଭ ମିଳେ। ତେଣୁ ଜଳସେଚନର ସୁବନ୍ଦୋବସ୍ତ କରି ଏ ମାସରେ ଲାଉ, ଜହ୍ନି, ମକା, ବାଦାମ, ଆଦି ଚାଷ କରିପାରିବେ। ନର୍ସରୀରେ ବିହନ ବୁଣି ଚାରା ତିଆରି କରି ବା ସବୁଠୁ ଭଲ ଉପାୟ। ତାପମାତ୍ରା ଅଧିକ ରହୁଥିବାରୁ ଫସଲରେ ପୋକ ନିୟନ୍ତ୍ରଣ ପାଇଁ ଉପାୟ ଆପଣାଇବା ଜରୁରି।
- ୧୮ ଇଞ୍ଚ ଗ୍ରୋବ୍ୟାଗ୍ କିମ୍ବା କୁଣ୍ଡରେ କଲରା ଚାଷ କରିପାରିବେ। ବ୍ରୋକୋଲି ଫସଲରେ ଜଳଯୋଗାଇବା ସହିତ ପ୍ରତି ଦୁଇ ସପ୍ତାହରେ ଥରେ ଗଛ ମୂଳରେ ଜୈବିକ ସାର ପ୍ରୟୋଗ କରିବା ଦ୍ୱାରା ଜୁନ୍ ମାସରେ ବ୍ରୋକୋଲି ଅମଳ ହୋଇଥାଏ।
- ଚଉଡ଼ା କୁଣ୍ଡରେ ଶୁଖିଲା ଖତ ଦେଇ ଟମାଟୋ, କାକୁଡ଼ି, ଲାଉ, ପୁଦିନା, ଛଞ୍ଚିନ୍ଦ୍ରା, କାଙ୍କଡ, କୁନ୍ଦୁରି, ଶାଗଜାତୀୟ ଯଥା- ପାଳଙ୍ଗ, ଖଡ଼ା, କଳମ, ମୂଳା, ବିଟ୍, ସାରୁ, ଓଲୁଅ, ଚାଷ କରିପାରିବେ।
- ସେହିପରି ବିଲାତି ବାଇଗଣଗଛରେ ଧଳାମାଛି ପରିଚାଳନା ପାଇଁ ଏକର ପିଛା ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ। ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ୧୫୦୦ ପିପିଏମ୍ ଆଜାଡିରାକ୍ଟିନ୍କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏକର ପ୍ରତି ୮ରୁ ୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ଲଗାନ୍ତୁ। ଏକର ପ୍ରତି ୪୦ ଗ୍ରାମ୍ ଥିୟାମିଥୋକ୍ସାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଅମଳ ହୋଇଥିବା ଧାନ, ଚିନାବାଦାମ, ମୁଗ ଏବଂ ବିରିକୁ ସାଇତି ରଖିବା ପାଇଁ ପ୍ରଥମେ ଭଲ ଭାବରେ ଶୁଖାଇ ଦିଅନ୍ତୁ ଓ ସାଇତା ଜାଗାକୁ ସଫା କରିଦିଅନ୍ତୁ।
- ସର୍ବଦା ପ୍ରାମାଣିକ ବିହନର ବ୍ୟବହାର କରନ୍ତୁ। ପ୍ରତି ୩ ବର୍ଷ ପରେ ଏହାକୁ ପରିବର୍ତ୍ତନ କରନ୍ତୁ। ଉନ୍ନତମାନ ବିହନ/ଅଧିକ ଅମଳକ୍ଷମ ବିହନ ବ୍ୟବହାର କଲେ ଅମଳ ୧୫ ପ୍ରତିଶତ ବୃଦ୍ଧି ହୋଇପାରିବ।
- ଫଳ ବଗିଚାରେ ନିୟମିତ ଜଳସେଚନ କରନ୍ତୁ। ଗଛମୂଳରେ ନଡ଼ା, ଶୁଖିଲା ପତ୍ର, କରତଗୁଣ୍ଡ ଆଦି ଦ୍ୱାରା ଜୈବିକ ଆଚ୍ଛାଦନ ସହ ବୁନ୍ଦା ଜଳସେଚନର ବ୍ୟବସ୍ଥା କରନ୍ତୁ।
- ଗୃହପାଳିତ ପଶୁ ପକ୍ଷୀମାନଙ୍କୁ ଘର ଭିତରେ ରଖନ୍ତୁ। ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ। ଘାସ ଚରିବା ପାଇଁ ପଶୁମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟରେ ଛାଡନ୍ତୁ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୨୫
- ପାଉଣ୍ଡ ୧୧୪.୪୭
- ୟୁରୋ ୯୬.୪୫
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୮୭,୫୫୦ (ଭୁବନେଶ୍ୱର)
- ରୁପା : ୧,୦୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୦୫୯.୦୦
- ନିଫ୍ଟି ୨୪,୯୪୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ସ୍ଥାୟୀ ଜମା ସୁଧହାର କମାଇଲା ଏସ୍‌ବିଆଇ

**୨୦ ବେସିସ୍ ପଏଣ୍ଟ ହ୍ରାସ**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି): ଦେଶର ସବୁଠାରୁ ବଡ଼ ରଷ୍ଟ୍ରାୟତ୍ତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ତା'ର ଗ୍ରାହକମାନଙ୍କୁ ଆଉ ଏକ ଝଟ୍‌କା ଦେଇଛି। ଷ୍ଟେଟ ବ୍ୟାଙ୍କ ଲଗାତାର ଦ୍ୱିତୀୟ ଥର ପାଇଁ ତା'ର ସ୍ଥାୟୀ ଜମା ବା ଫିକ୍ସଡ ଡିପୋଜିଟ୍(ଏଫ୍‌ଡି)ରେ ୨୦ ବେସିସ୍ ପଏଣ୍ଟ ହ୍ରାସ ଘଟାଇଛି। ଏ ସମ୍ପର୍କରେ ବ୍ୟାଙ୍କ ତା'ର ୱେବ୍‌ସାଇଟ୍‌ରେ ସୂଚନା ଦେଇଛି। ବ୍ୟାଙ୍କ ୩ କୋଟି ଟଙ୍କାରୁ କମ୍ ଏଫ୍‌ଡି ଉପରେ ସୁଧ ହାର ହ୍ରାସ କରିଛି। ଏହି ହ୍ରାସ ସାଧାରଣ ଗ୍ରାହକଙ୍କ ସହିତ ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ବିଭିନ୍ନ ଅବଧିର ଏଫ୍‌ଡି ଉପରେ ନୂତନ ସୁଧ ହାର ଚଳିତମାସ ୧୬ ତାରିଖଠାରୁ ଲାଗୁ ହୋଇଛି। ଏଫ୍‌ଡି ହାରରେ କ୍ରମାଗତ ଦ୍ୱିତୀୟ ହ୍ରାସ ପରେ, ବ୍ୟାଙ୍କର ସାଧାରଣ ଗ୍ରାହକମାନେ ଏବେ ବାର୍ଷିକ ୩.୩୦ ରୁ ୬.୭୦ ପ୍ରତିଶତ ହାରରେ ସୁଧ ପାଉଛନ୍ତି। ବରିଷ୍ଠ ନାଗରିକ ଏଫ୍‌ଡି ଉପରେ ବ୍ୟାଙ୍କରୁ ବାର୍ଷିକ ୩.୮୦ ରୁ ୭.୨୦ ପ୍ରତିଶତ ସୁଧ ନେଉଛନ୍ତି।

ଏହାପରେ ଗ୍ରାହକମାନେ ୭ ରୁ ୪୫ ଦିନର ଏଫ୍‌ଡି ଉପରେ ୩.୩୦%, ୧ ବର୍ଷରୁ କମ୍ ଏଫ୍‌ଡି ଉପରେ ସର୍ବାଧିକ ୬.୩୦% ଏବଂ ୧ ରୁ ୨ ବର୍ଷ ଏଫଡି ଉପରେ ୬.୫୦% ସୁଧ ପାଇବେ, ଯେତେବେଳେ କି ପୂର୍ବରୁ ଏହା ୬.୭୦% ପର୍ଯ୍ୟନ୍ତ ଥିଲା। ସେହିପରି, ସାଧାରଣ ଲୋକଙ୍କୁ ଏବେ ୫ ରୁ ୧୦ ବର୍ଷର ଏଫ୍‌ଡି ଉପରେ କେବଳ ୬.୩୦% ସୁଧ ମିଳିବ। ଏସ୍‌ବିଆଇ ଦ୍ୱାରା ସୁଧହାରରେ ଏହି ହ୍ରାସ ଭାରତୀୟ ରିଜର୍ଭ ବ୍ୟାଙ୍କର ଏପ୍ରିଲ ମୁଦ୍ରା ନୀତି ନିଷ୍ପତ୍ତି ପରେ ନିଆଯାଇଛି, ଯେଉଁଥିରେ ରେପୋ ହାର ୦.୨୫% ହ୍ରାସ ପାଇ ୬% ହୋଇଥିଲା। ଦେଶରେ ଋଣକୁ ଶସ୍ତା କରିବା ଏବଂ ଆର୍ଥିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା ଲକ୍ଷ୍ୟରେ ଆର୍‌ବିଆଇ ଏହି ପଦକ୍ଷେପ ନିଆଯାଇଥିଲା, କିନ୍ତୁ ଏହା ଜମା ଉପରେ ସୁଧ ହାରକୁ ମଧ୍ୟ ପ୍ରଭାବିତ କରିଛି।

**ରୋବର୍ଟ କିୟୋସାକିଙ୍କ ଚେତାବନୀ**

# ଚଳିତବର୍ଷ ଭୟଙ୍କର ମାନ୍ଦାବସ୍ଥା

- ଉଡ଼ିଯିବ ୧୩୭ ଲକ୍ଷ କୋଟି
- ଆମେରିକାର ଛାତ୍ର ଋଣ ବଜାରରୁ ଆରମ୍ଭ ହେବ ସମସ୍ୟା

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)

ଦୀର୍ଘ ବର୍ଷେ ହେବ ଘୋର ସଙ୍କଟ ପରିସ୍ଥିତି ଦେଇ ଗତି କରୁଥିବା ଦେଶର ସେୟାର ବଜାର ପାଇଁ ଖରାପ ଖବର। କାରଣ ଇକ୍ୱିଟି ବଜାରର ଏହି ଦୁଃସମୟ ଶେଷ ହୋଇନାହିଁ। ବର୍ଷକ ପରେ ବଜାର କାରବାରରୁ କିଛି ରୋଜଗାର କରି ଶାନ୍ତିରେ ନିଶ୍ୱାସ ମାରୁଥିବା ନିବେଶକଙ୍କ ପାଇଁ ଆଗକୁ ଆହୁରି ଖରାପ ସମୟ ଅଛି। ଏ ନେଇ ସତର୍କ କରାଇଛନ୍ତି 'ରିଚ୍ ଡାଡ୍ ପୁଅର ଡାଡ୍'ର ପ୍ରସିଦ୍ଧ ଲେଖକ ରବର୍ଟ କିୟୋସାକି। କାରଣ ଚଳିତବର୍ଷ ସାରା ବିଶ୍ୱରେ ପୁଣି ଥରେ ଦେଖାଦେବ ଭୟଙ୍କର ମାନ୍ଦାବସ୍ଥା। ଏଥିଯୋଗୁ ଇକ୍ୱିଟି ବଜାରରୁ ଉଡ଼ିଯିବ ୧୩୭ ଲକ୍ଷ କୋଟି ଟଙ୍କା। ଏହି ସମସ୍ୟା ଆମେରିକାର ଛାତ୍ର ଋଣ ବଜାରରୁ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି।

ଏହି ବଡ଼ ଆର୍ଥିକ ମାନ୍ଦାବସ୍ଥାରେ ଗୋଟିଏ ଝଟ୍‌କାରେ ୧.୬ ଟ୍ରିଲିୟନ ଡଲାର (ପ୍ରାୟ ୧୩୭ ଲକ୍ଷ କୋଟି ଟଙ୍କା) କ୍ଷତି ହୋଇପାରେ। ତଥାପି, କିୟୋସାକି ଏହି ସଙ୍କଟକୁ କିପରି ଏଡାଯାଇପାରିବ ତାହା ମଧ୍ୟ କହିଛନ୍ତି। କିୟୋସାକି ତାଙ୍କ ପୁସ୍ତକ 'ରିଚ୍ ଡ୍ୟାଡ୍ ପୁଅର ଡ୍ୟାଡ୍'ରେ ଆର୍ଥିକ ଅସୁବିଧା ବିଷୟରେ ଲେଖିଛନ୍ତି। ଏଥିରେ ସେ ପୂର୍ବରୁ କିପରି ଆର୍ଥିକ ସଙ୍କଟ ଦେଖାଦେଇଥିଲା ତାହା ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି, ୧୯୯୮ ମସିହାରେ, ୱାଲ ଷ୍ଟ୍ରିଟ୍ ଲଙ୍ଗ ଟର୍ମ କ୍ୟାପିଟାଲ ମ୍ୟାନେଜମେଣ୍ଟ (ଏଲ୍‌ଟିସିଏମ୍) ନାମକ ଏକ ହେଜ୍ ଫଣ୍ଡକୁ ସଞ୍ଚୟ କରିବା ପାଇଁ ଏକାଠି ହୋଇଥିଲେ। ୨୦୦୮ ମସିହାରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୱାଲ ଷ୍ଟ୍ରିଟ୍‌କୁ ରକ୍ଷା କରିଥିଲେ। କିୟୋସାକିଙ୍କ ମତରେ ପ୍ରତ୍ୟେକ ଥର ଏହି ଆର୍ଥିକ ସଙ୍କଟ ଅଧିକ ବିପଜ୍ଜନକ ହେଉଛି। କାରଣ ଏହାର ପ୍ରକୃତ କାରଣ କେବେ ସମାଧାନ ହୋଇ ନ ଥିଲା। ଏହି ସମସ୍ୟା ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ଆମେରିକାର ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ସୁନା ମାନକରୁ ଡଲାରକୁ ବାହାର କରିଦେଇଥିଲେ। କିୟୋସାକି କୁହନ୍ତି ଯେ ଏହା ଅର୍ଥର ପ୍ରକୃତ ମୂଲ୍ୟକୁ ଦୂର କରିଦିଏ। ଏହିଠାରୁ ସମସ୍ୟା ଆରମ୍ଭ ହୋଇଥିଲା, ଯାହା ଏବେ ଆହୁରି ବୃଦ୍ଧି ପାଇଛି। କିୟୋସାକିଙ୍କ ବନ୍ଧୁ ଏବଂ ଆର୍ଥିକ ବିଶେଷଜ୍ଞ ଜିମ୍ ରିକାର୍ଡସ୍ ମଧ୍ୟ




ଏଥିରେ ସହମତ। ସେ ବିଶ୍ୱାସ କରନ୍ତି ଯେ ଆମେରିକାରେ ଦିଆଯାଇଥିବା ଷ୍ଟୁଡେଣ୍ଟ ଛାତ୍ର ଋଣର ୧.୬ ଟ୍ରିଲିୟନ ଡଲାର ବୁଡ଼ିଯାଇପାରେ। ଅର୍ଥାତ୍ ଏହାକୁ ଅସୁଲ କରିବା ଅସମ୍ଭବ, ଯାହା ପରବର୍ତ୍ତୀ ଆର୍ଥିକ ସଙ୍କଟକୁ ନେଇପାରେ।

କିୟୋସାକି ଏହି ସଙ୍କଟକୁ କିପରି ଏଡାଯାଇପାରିବ ତାହା ମଧ୍ୟ ବ୍ୟାଖ୍ୟା କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଆପଣଙ୍କୁ ସରକାର କିମ୍ବା ସେୟାର ବଜାରରୁ କୌଣସି ସାହାଯ୍ୟ ମିଳିବନାହିଁ। ତୁମକୁ ନିଜକୁ ସାହାଯ୍ୟ କରିବାକୁ ପଡିବ। କିୟୋସାକି ଲୋକମାନଙ୍କୁ ସୁନା, ରୁପା ଏବଂ ବିଟକଏନ୍ ଭଳି ପ୍ରକୃତ ଜିନିଷ କିଣିବାକୁ ପରାମର୍ଶ ଦେଇଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଯଦି ଆପଣ ଆର୍ଥିକ ଭାବରେ ସଶକ୍ତ ହେବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ନିଜେ କିଛି କରିବାକୁ ପଡିବ। ଅନ୍ୟ କାହା ଉପରେ ବିଶ୍ୱାସ କରନ୍ତୁନାହିଁ।

# କମିଲା ଆମେରିକାର ରେଟିଂ; ପୁଣି ସୁନା ଦର ଉପରମୁହାଁ

**ଦିନକରେ ୨ ହଜାର ମହଙ୍ଗା**

**ଜାନୁଆରୀଠାରୁ ମୂଲ୍ୟ ୧୭ ହଜାର ବଢ଼ିଛି**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)




ମାତ୍ର କିଛି ଦିନର ବ୍ୟବଧାନ ପରେ ପୁଣି ଉପରମୁହାଁ ହୋଇଛି ସୁନା ଦର। ଗତ ଦୁଇଟି ବ୍ୟବସାୟିକ ଦିବସରେ ଘରୋଇ ବଜାରରେ ସୁନା ମୂଲ୍ୟରେ ବୃହତ୍ ବୃଦ୍ଧି ଘଟିଛି। ଏମିତିକି ମାତ୍ର ଗୋଟିଏ ଦିନରେ ବଜାରରେ ସୁନା ମୂଲ୍ୟରେ ୨୦୦୦ ଟଙ୍କା ବୃଦ୍ଧି ଘଟିଛି। ଶୁକ୍ରବାର ଦିନ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୧୪୦୦ ଟଙ୍କା ବୃଦ୍ଧି ପାଇଛି। ଏହା ବ୍ୟତୀତ, ରୁପା କିଲୋଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ପାଇ ୯୮,୫୦୦ ଟଙ୍କାରେ ପହଞ୍ଚିଛି। ତେବେ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ର ଆମେରିକାର ରେଟିଂରେ ହ୍ରାସ ଯୋଗୁ ବିଶ୍ୱ ବଜାରରେ ସୁନା ମୂଲ୍ୟରେ ହ୍ରାସ ଘଟିଛି। ଲଗାତାର ଦ୍ୱିତୀୟ ଦିନ ପାଇଁ ସୁନାର ମୂଲ୍ୟରେ ଏଭଳି ବୃଦ୍ଧି ଘଟିଛି। ଏଥିରେ ବିଶେଷ କଥା ହେଉଛି ଦୁଇ ଦିନରେ ସୁନାର ମୂଲ୍ୟରେ ୧୯୮୦ ଟଙ୍କା ବୃଦ୍ଧି ଘଟିଛି। ଏଥିଯୋଗୁ ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ୯୭ ହଜାର ଟଙ୍କା ଅତିକ୍ରମ କରିଛି। ବିଶେଷଜ୍ଞଙ୍କ ମତରେ, ସମ୍ପ୍ରତି ଆମେରିକୀୟ ରେଟିଂ ଏଜେନ୍ସି ଆମେରିକାର ରେଟିଂ ହ୍ରାସ କରିଛି। ଯାହ ପାଇଁ ସୁନା ମୂଲ୍ୟ ବୃଦ୍ଧି ପାଉଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ସୁନା ମୂଲ୍ୟରେ ଆହୁରି ବୃଦ୍ଧି ଦେଖାଯାଇପାରେ। ତଥାପି, ଦେଶରେ ମୁଦ୍ରାସ୍ଫୀତି ହ୍ରାସର ସଙ୍କେତ ମିଳିଛି। ଅଲ୍ ଇଣ୍ଡିଆ ସରାଫା ଆସୋସିଏସନ୍ ଅନୁଯାୟୀ, ଦେଶର ରାଜଧାନୀ ଦିଲ୍ଲୀରେ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୫୮୦ ଟଙ୍କା ବୃଦ୍ଧି ପାଇ ୯୭,୦୩୦ ଟଙ୍କା ହୋଇଛି। ଶୁକ୍ରବାର ୯୯.୯ ପ୍ରତିଶତ ଶୁଦ୍ଧତା ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ୯୬,୪୫୦ ଟଙ୍କାରେ ବନ୍ଦ ହୋଇଥିଲା। ଏ ସମ୍ପର୍କରେ ଆବାନ୍ସ ଫାଇନାନ୍ସିଆଲ୍ ସର୍ଭିସେସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ତନ ମେହେଟ୍ଟା କହିଛନ୍ତି, ଆମେରିକାର ଟ୍ରେଜେରୀ ହାର ୪.୫ ପ୍ରତିଶତ ପାଖାପାଖି ପହଞ୍ଚିଛି, ଯାହା ଶୁକ୍ରବାର ଦିନ ବୃଦ୍ଧିକୁ ଆହୁରି ବୃଦ୍ଧି କରୁଛି। କାରଣ ରେଟିଂ ଏଜେନ୍ସି ମୁଡିଜ୍ ଆମେରିକାର କ୍ରେଡିଟ୍ ରେଟିଂକୁ ଏଏଏ ଏବଂ ଏଏ୧ ହ୍ରାସ କରିଛି। ଏହାବ୍ୟତୀତ, ବଜାରରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ୫୦୦ ଟଙ୍କା ବୃଦ୍ଧି ପାଇ ୯୮୫୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟରେ, ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ସର୍ବାଧିକ କାରବାର ହୋଇଥିବା ସୁନା ଫ୍ୟୁଚର୍ସ କଣ୍ଟ୍ରାକ୍ଟ ୧୧୮୨ ଟଙ୍କା କିମ୍ବା ୧.୨୮ ପ୍ରତିଶତ ବୃଦ୍ଧି ପାଇ ୧୦ ଗ୍ରାମ ପିଛା ୯୩,୬୨୩ ଟଙ୍କାରେ ପହଞ୍ଚିଛି। କମୋଡିଟି ଏକ୍ସଚେଞ୍ଜରେ ଜୁଲାଇ ଡେଲିଭରି ପାଇଁ ରୁପା ଫ୍ୟୁଚର୍ସ କିଲୋଗ୍ରାମ ପିଛା ୬୬୨ ଟଙ୍କା ବୃଦ୍ଧି ପାଇ ୯୫,୯୮୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୯୫,୧୦୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୭,୫୫୦ ଟଙ୍କାରେ ପହଞ୍ଚିଛି।

# ଗୁଜରାଟରେ ଫାଲ୍‌କନ୍‌ର 'ଫ୍ରୋଜନ୍ ପଟାଟୋ' ୟୁନିଟ୍

**ସ୍ୱରାଷ୍ଟ୍ର ମନ୍ତ୍ରୀ କଲେ ଉଦ୍‌ଘାଟନ**

ଭୁବନେଶ୍ୱର,୧୯।୫(ଏଜେନ୍ସି)



ଭାରତୀୟ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଫାଲ୍‌କନ୍ ଏଗ୍ରି ଫ୍ରିଜ୍ ଫୁଡସ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଅତ୍ୟାଧୁନିକ ସ୍ୱୟଂ ଚାଳିତ ଫ୍ରୋଜନ୍ ପଟାଟୋ ଉତ୍ପାଦର ପ୍ରସ୍ତୁତକାରୀ ୟୁନିଟ୍ ଗୁଜରାଟର ମେହେସାନାଠାରେ ଆରମ୍ଭ ହୋଇଛି। ଏହାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦଘାଟନ କରିଛନ୍ତି। ଉଦଘାଟନ ଉତ୍ସବରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଗୁଜରାଟ ସରକାରଙ୍କ ଶିଳ୍ପ ମନ୍ତ୍ରୀ ବଳବନ୍ତ ସିଂ ରାଜପୁତ, ରାଜ୍ୟସଭା ସାଂସଦ ମୟଙ୍କ ଭାଇ ନାୟକ, ମେହେସାନା ସାଂସଦ ହରି ଭାଇ ପଟେଲ ଓ ଫାଲ୍‌କନ୍ ଗ୍ରୁପ ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ସୁବିଧା ସମ୍ପନ୍ନ ପ୍ଲାଣ୍ଟ ଉଦଘାଟନ ଅବସରରେ ଫାଲ୍‌କନ୍ ଗ୍ରୁପ ଓ ଗୁଜୁରାଟ ସରକାରଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ପ୍ରାୟ ଏକହଜାର ପଚାଶ କୋଟି ଟଙ୍କା ବିନିଯୋଗ ହୋଇଛି। ଯାହାକି ଗୁଜୁରାଟକୁ ଫ୍ରୋଜନ୍ ପଟାଟୋ ପ୍ରସ୍ତୁତକାରୀ କେନ୍ଦ୍ର ଭାବେ ବିଶ୍ୱରେ ପରିଚିତ କରାଇବ। ୪ ଦଶନ୍ଧି ରୁ ଅଧିକ ସମୟ ଧରି ଫାଲ୍‌କନ୍ ଗ୍ରୁପ ଗୁଣାତ୍ମକ, ବିଶ୍ୱସନୀୟତା ଓ ନୂତନ ଜ୍ଞାନ କୌଶଳ ପ୍ରୟୋଗ ରେ ଅଗ୍ରଣୀ ଭୂମିକା ନେଇଛି।

ପଶୁ ପୋଷଣ ଠାରୁ ଆରମ୍ଭ କରି ମେରାଇନ ଏକ୍ସପୋର୍ଟସ, ରିଅଲ ଇଷ୍ଟେଟ, ଖଣି, ଟ୍ରେନିଂ ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଫାଲ୍‌କନ୍ ଗ୍ରୁପ ତାର ଗୁଣବତ୍ତା ବଜାୟ ରଖୁଛି। ଫାଲ୍‌କନ୍ ଏଗ୍ରି ଫ୍ରିଜ୍ ଏହି ଗୁଣବତ୍ତା ବଜାୟ ରଖୁବ। ଯାହା ଦ୍ୱାରା ବିଶ୍ୱ ଦରବାରରେ ଭାରତ ଫ୍ରୋଜନ୍ ଫୁଡ୍ସ ରପ୍ତାନୀ କ୍ଷେତ୍ରରେ ଅଗ୍ରଣୀ ରହିବ। ଭାରତର କୃଷି ଶକ୍ତିକୁ ପ୍ରକ୍ରିୟା କରଣ ଆଳୁ ରପ୍ତାନୀ ନୂଆ ଦିଗ ଦେବ। ସେହିପରି ଫ୍ରୋଜନ୍ ଗ୍ରୁପର ଉପ ସଭାପତି ପାର୍ଥଜିତ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ପିଢି ଅନୁଯାୟୀ ସଂସ୍କାର ଆଣିବା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ଅଗ୍ରଣୀ ଭୂମିକା ନେବା ଫାଲ୍‌କନ୍ ଗ୍ରୁପର ଲକ୍ଷ୍ୟ। ଫାଲ୍‌କନ୍ ଏଗ୍ରି ଫ୍ରିଜ୍‌ର ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ମନିଷ ତିବ୍ରେୱାଲ୍ ଏହି ଅବସରରେ କହିଛନ୍ତି, ପ୍ଲାଣ୍ଟ ଭିତ୍ତିଭୂମି ନିର୍ମାଣ ରେ ଅଧିକ ନିବେଶ କରାଯାଇଛି। ଯେଉଁଥିପାଇଁ ବିଶ୍ୱ ସ୍ତରୀୟ ଗୁଣବତ୍ତା ବଜାୟ ରହିପାରିବ। କେବଳ ଉତ୍ପାଦନ ନୁହେଁ ଦେଶ ଗଠନ ମୁଖ୍ୟ ଲକ୍ଷ୍ୟ।

# ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୩ରୁ

ଭୁବନେଶ୍ୱର,୧୯।୫(ସମିସ)




ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ୧୧ ତମ ସଂସ୍କରଣ ଚଳିତମାସ ୨୩ରୁ ସ୍ଥାନୀୟ ଜନତା ମଇଦାନଠାରେ ଆରମ୍ଭ ହେବାକୁ ଯାଉଛି। ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ସହଯୋଗରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମେଳା ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୪୫୦ ଷ୍ଟଲ୍ ସ୍ଥାନ ପାଇବା ସହ କେବଳ ରିଅଲ ଇଷ୍ଟେଟ୍ କ୍ଷେତ୍ର ନିମନ୍ତେ ସ୍ୱତନ୍ତ୍ର ଭାବେ ୧୦୦ଟି ଷ୍ଟଲ୍ ରହିବ। ଏଥର ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆଫଗାନିସ୍ତାନ, ଇରାନ୍, ଥାଇଲ୍ୟାଣ୍ଡ, ଦୁବାଇ ଏବଂ ଜର୍ମାନୀ ଭଳି ରାଷ୍ଟ୍ରରୁ ବିଭିନ୍ନ ସଂସ୍ଥା ଅଂଶଗ୍ରହଣ କରିବେ। ଚଳିତଥର ବିଶେଷ କରି ଆଫଗାନିସ୍ତାନରୁ ୧୦୦ ପ୍ରକାରର ଡ୍ରାଏ ଫ୍ରୁଟ୍, ଜର୍ମାନୀ ଲ୍ୟାମ୍ପ୍, ଇରାନ୍‌ର ଖଜୁରା ଡେଟ୍ସ ଏବଂ ଥାଇଲ୍ୟାଣ୍ଡର ଜୁଏଲେରୀ ଓ ଫୁଟ୍‌ୱେର ସ୍ଥାନ ପାଇବ ବୋଲି ଗୁପ୍ତା ଏଭେଣ୍ଟ ମ୍ୟାନେଜମେଣ୍ଟର ଏମ୍‌ଡି ସୁଜିତ୍ ଗୁପ୍ତା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଥିରେ ନିର୍ଦ୍ଦେଶିକା ପାୟଲ ଗୁପ୍ତା, ସଚିନ୍ ସିଂହ,ଦୀପକ ମହାନ୍ତି ଏବଂ ରଶ୍ମି ରଞ୍ଜନ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ ।

# ତୁର୍କୀକୁ ମିଳିବନି ଅଲିଗଡ଼ ତାଲା

ଅଲିଗଡ଼, ୧୯।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ତୁର୍କିର ପାକ୍ ସମର୍ଥନ ଭାରତୀୟ ବ୍ୟବସାୟୀଙ୍କୁ ଅସନ୍ତୁଷ୍ଟ କରିଛି। ଏହାର ସିଧା ପ୍ରଭାବ ଏବେ ତୁର୍କିଏର ସୁରକ୍ଷା ଓ ତାଲା ଉଦ୍ୟୋଗ ଉପରେ ଦେଖିବାକୁ ମିଳିବ। ଭାରତର 'ତାଲା ଓ ତାଲିମ' ଲାଗି ପ୍ରସିଦ୍ଧ ଅଲିଗଡ଼ ସହରର ବ୍ୟବସାୟୀମାନେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁସାରେ ତୁର୍କିଏକୁ ତାଲା ଓ ହାର୍ଡୱେର ସପ୍ଲାଇ ସମ୍ପୂର୍ଣ୍ଣ ବନ୍ଦ କରାଯିବ। ଅଲିଗଡ଼ ତାଲା ଓ ହାର୍ଡୱେର ୟୁନିୟନର କହିବା କଥା ହେଉଛି ତୁର୍କିଏ ପାକିସ୍ତାନକୁ ସମର୍ଥନ କରି ଭାରତର ସମ୍ମାନକୁ ଆଘାତ ଦେଇଛି। ଏଣୁ ୟୁନିୟନ ପଦାଧିକାରୀ କହିଛନ୍ତି ଯେ ଏବେ ତୁର୍କିଏକୁ ଗୋଟିଏ ବି ତାଲା, ଡୋର ଲକ୍ କି ସିକ୍ୟୁରିଟି ସିଷ୍ଟମ ପଠା ଯିବ ନାହିଁ। ବ୍ୟବସାୟୀମାନେ କହିଛନ୍ତି ଯେ ସେମାନଙ୍କ ବ୍ୟବସାୟ ଦେଶଠୁ ବଡ଼ ନୁହେଁ। ଯଦି ଦେଶର ଅପମାନ କରାଯିବ ଆମେ ସେ ଦେଶକୁ କୌଣସି ମୂଲ୍ୟରେ ମଧ୍ୟ ଆମ ମାଲ ପଠାଇବୁ ନାହିଁ। ଏଥି ପାଇଁ ହୁଏତ କ୍ଷତିବି ସହିବାକୁ ପଡିପାରେ ହେଲେ ଏଥି ପାଇଁ ଆମେ ପ୍ରସ୍ତୁତ ବୋଲି ପଦଧିକାରୀ କହିଛନ୍ତି। ସୂଚନା ଅନୁସାରେ ଅଲିଗଡରୁ ପ୍ରତିବର୍ଷ ତୁର୍କିଏକୁ କୋଟି କୋଟି ଟଙ୍କାର ତାଲା ଓ ହାର୍ଡୱେର ସାମଗ୍ରୀ ରପ୍ତାନୀ କରାଯାଉଥିଲା।

**ଟେଲିକମ୍ କମ୍ପାନୀଙ୍କୁ ଝଟ୍‌କା**

# ଏଜିଆର୍ ଛାଡ଼ ଦେବାକୁ ମନାକଲେ ସୁପ୍ରିମକୋର୍ଟ

**ଭିଆଇ, ଏୟାରଟେଲ୍, ଟାଟା ଟେଲି ସର୍ଭିସେସ୍ ହତାଶ**

ନୂଆଦିଲ୍ଲୀ,୧୯।୫(ଏଜେନ୍ସି)



ଖାରଜ ହୋଇଛି ସୁପ୍ରିମକୋର୍ଟରେ ଆବେଦନ। ଟେଲିକମ୍ କମ୍ପାନୀଗୁଡ଼ିକୁ ଲାଗିଛି ବଡ଼ ଝଟ୍‌କା ଲାଗିଛି। ଭୋଡାଫୋନ୍ ଆଇଡିଆ, ଏୟାରଟେଲ୍ ଓ ଟାଟା ଟେଲି ସର୍ଭିସେସ୍‌କୁ ସର୍ବୋଚ୍ଚ ଅଦାଲତଙ୍କ ନିକଟରୁ ମିଳିନି କୌଣସି ଆଶ୍ୱସ୍ତି। ଏହି ତିନି ଟେଲିକମ୍ ଅପରେଟରଙ୍କୁ ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ (ଏଜିଆର) ବକେୟା ଛାଡ଼ କରିବା ନିମନ୍ତେ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଏ ସମ୍ପର୍କରେ ଜଷ୍ଟିସ୍ ଜେ ବି ପାରଦିବାଲା ଓ ଜଷ୍ଟିସ୍ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଭୁଲ ଭାବରେ ଆବେଦନକୁ ପ୍ରସ୍ତୁତ କରାଯାଇଛି। ଭୋଡାଫୋନ୍ ପାଇଁ ପକ୍ଷ ରଖୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀଙ୍କୁ ଖଣ୍ଡପୀଠ କହିଛନ୍ତି ଯେ, ଏହି ଆବେଦନ ଦେଖି ଖଣ୍ଡପୀଠ ଆଶ୍ଚର୍ଯ୍ୟ। ଏକ ବହୁରାଷ୍ଟ୍ରୀୟ କମ୍ପାନୀଠାରୁ ଏଭଳି ଆଶା କରାଯାଇ ନ ପାରେ। ଆମେ ଏହାକୁ ଖାରଜ କରିଛୁ।

ତେବେ ଟେଲିକମ୍ କମ୍ପାନୀଗୁଡିକୁ ସହାୟତା ପ୍ରଦାନ ପ୍ରସଙ୍ଗରେ ଅଦାଲତ ସରକାରଙ୍କ ରାସ୍ତାରେ ଆସିବେନି ବୋଲି ସୁପ୍ରିମକୋର୍ଟ ରୋକ୍‌ଠୋକ୍ କହିଛନ୍ତି। ଆବେଦନରେ ଭୋଡାଫୋନ୍ ଆଇଡିଆ ନିଜ ଏଜିଆର ବକେୟାରେ ସୁଧ, ଜରିମାନା ଓ ଜରିମାନା ଉପରେ ସୁଧ ବାବଦରେ ୩୦ ହଜାର କୋଟି ଟଙ୍କା ଛାଡ଼ ପାଇଁ ଅନୁରୋଧ କରିଥିଲା । ରୋହତଗୀ ପୂର୍ବରୁ କହିଥିଲେ ଯେ ଟେଲିକମ୍ କ୍ଷେତ୍ରରେ ପ୍ରତିଯୋଗିତା ବଜାୟ ରଖିବା ପାଇଁ ଆବେଦନକାରୀ କମ୍ପାନୀ ଅସ୍ତିତ୍ୱରେ ରହିବା ଜରୁରୀ।

ଭୋଡାଫୋନ୍ ଆଇଡିଆ ଯୁକ୍ତି ରଖିଥିଲା ଯେ ଏଜିଆର ନିଷ୍ପତ୍ତି ଦ୍ୱାରା ଲଗାଯାଇଥିବା କଟକଣା ଯୋଗୁଁ ଭବିଷ୍ୟତରେ ସରକାରୀ ସହାୟତା ମିଳିପାରିବ ନାହିଁ। ଭିଆଇ ନିଜ ସ୍ପେକ୍ଟ୍ରମ୍ ବକେୟାକୁ ଇକ୍ୱିଟିରେ ପରିବର୍ତ୍ତନ କରି ସରକାରଙ୍କୁ ଅଂଶଧନ ଦେଇଛି। ଏବେ କମ୍ପାନୀରେ ସରକାରଙ୍କ ପାଖରେ ମୋଟ ୪୯ ପ୍ରତିଶତ ଇକ୍ୱିଟି ସେୟାର ରହିଛି। କମ୍ପାନୀ ଉପରେ ଏବେ ବି ସରକାରଙ୍କ ଏଜିଆର ଓ ସ୍ପେକ୍ଟ୍ରମ ମାମଲାରେ ୧.୯୫ ଲକ୍ଷ କୋଟି ଟଙ୍କା ବକେୟା ରହିଛି। କମ୍ପାନୀ ଏହା ମଧ୍ୟ କହିଛି ଯେ ସରକାରଙ୍କ ସମର୍ଥନ ବିନା ସେ ଆର୍ଥିକବର୍ଷ ୨୦୨୫-୨୬ ପରେ କାର୍ଯ୍ୟ କରିପାରିବନାହିଁ। ଦେବାଳିଆ ଘୋଷଣା ପାଇଁ କମ୍ପାନୀ କୁ ନ୍ୟାସନାଲ୍ କମ୍ପାନୀ ଲ୍ ଟ୍ରିବୁନାଲର ଦ୍ୱାରସ୍ଥ ହେବାକୁ ପଡ଼ିପାରେ।

ଅନ୍ୟପଟେ ଏୟାରଟେଲ୍ ଓ ଭାରତୀ ହେକ୍ସାକମ୍ ଯୁକ୍ତି ରଖିଥିଲା ଯେ ବିନା ଛାଡ଼ରେ ବକେୟା ଜାରି ରହିବା ଦ୍ୱାରା କେବଳ କମ୍ପାନୀର ପରିଚାଳନାରେ ନୁହେଁ ବରଂ ପୂରା ଟେଲିକମ୍ କ୍ଷେତ୍ର ଉପରେ ପ୍ରଭାବ ପଡ଼ିବ। ଆବେଦନରେ କୁହାଯାଇଛି ଯେ ସୁଧ ଓ ଜରିମାନା କାରଣରୁ ମୂଳ ପେଠ ରାଶି ୯୨୩୫ କୋଟି ଟଙ୍କାରୁ ବଢି ୪୩,୯୮୦ କୋଟି ଟଙ୍କା ହୋଇଛି ।

# ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ କରିବା ପାଇଁ ବେଦାନ୍ତ ଅଧ୍ୟକ୍ଷଙ୍କ ଆହ୍ୱାନ


ଭୁବନେଶ୍ୱର,୧୯।୫(ସମିସ): ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଚଳିତ ବିଶ୍ୱ ବାଣିଜ୍ୟ ଯୁଦ୍ଧରେ ଆଲୁମିନିୟମ ଏବଂ ଇସ୍ପାତର ରଣନୈତିକ ଭୂମିକା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି, ଭାରତକୁ ବିଶ୍ୱର ଆଲୁମିନିୟମ ହବ୍ ଭାବରେ ପ୍ରତିଷ୍ଠା କରିବାର ସୁଯୋଗକୁ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ଲିଙ୍କଡିନ୍ ପୋଷ୍ଟରେ ଶ୍ରୀ ଅଗ୍ରୱାଲ ବିଶେଷକରି ଆମେରିକା ଏବଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କ ମଧ୍ୟରେ କିପରି ବାଣିଜ୍ୟ ଅଚଳାବସ୍ଥାରେ ଆଲୁମିନିୟମ ଏବଂ ଇସ୍ପାତ ପ୍ରମୁଖ ସାମଗ୍ରୀ ଭାବରେ ଉଭା ହୋଇଛ ତାହା ସେ ପୋଷ୍ଟ କରିଛନ୍ତି। ଆମେରିକା କାନାଡା ଏବଂ ମେକ୍ସିକୋ ଭଳି ଘନିଷ୍ଠ ସହଯୋଗୀ ସମେତ ସମସ୍ତ ଦେଶରୁ ଇସ୍ପାତ ଏବଂ ଆଲୁମିନିୟମ ଆମଦାନୀ ଉପରେ ୨୫% ଅଧିକ ଶୁଳ୍କ ଲାଗୁ କରିବା ସହିତ, ବିଶ୍ୱ ଧାତୁ ବଜାର ବ୍ୟାପକ ବାଧାପ୍ରାପ୍ତ ହେଉଛି। ପ୍ରତିକ୍ରିୟାରେ, ଭାରତ ଏହାର ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଇସ୍ପାତ ଆମଦାନୀ ଉପରେ ୧୨% ସୁରକ୍ଷା ଶୁଳ୍କ ଲାଗୁ କରିଛି। ଶ୍ରୀ ଅଗ୍ରୱାଲ ଏହି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି, ମୁଁ ସରକାରଙ୍କର ସକ୍ରିୟ ଭାବରେ ଇସ୍ପାତ ଉପରେ ଏକ ସୁରକ୍ଷା ଶୁଳ୍କ ଲାଗୁ କରିବା ପାଇଁ ପ୍ରଶଂସା କରୁଛି। ମୁଁ ନିଶ୍ଚିତ ଯେ ସରକାର ଆଲୁମିନିୟମ ପାଇଁ ସମାନ ପଦକ୍ଷେପ ବିଚାର କରିବେ। ସେ ଜୋର ଦେଇ କହିଛନ୍ତି ଯେ ଆଲୁମିନିୟମ, ଏହାର ହାଲୁକା ଏବଂ ପୁନଃଚକ୍ରଣୀୟ ପ୍ରକୃତି ଯୋଗୁଁ, ରଣନୈତିକ ମୂଲ୍ୟରେ ଇସ୍ପାତକୁ ପଛରେ ପକାଇବାକୁ ପ୍ରସ୍ତୁତ। ବିମାନବନ୍ଦର ହେଉକି ରେଳବାଇ, ଘର, ଯାନବାହାନ କିମ୍ବା ମୋବାଇଲ୍ ଫୋନ୍ ହେଉ ଆଧୁନିକ ଅର୍ଥନୀତି ଏହି ଦୁଇଟି ଧାତୁ ଉପରେ ନିର୍ମିତ। କିନ୍ତୁ ଆଲୁମିନିୟମର ଚାହିଦା ଅଛି, ଏବଂ ଭାରତର ବିପୁଳ ବକ୍ସାଇଟ୍ ଭଣ୍ଡାର ସହିତ, ଆମେ ବିଶ୍ୱ ସ୍ତରରେ ନେତୃତ୍ୱ ନେବା ପାଇଁ ଭଲ ସ୍ଥିତିରେ ଅଛୁ, ବୋଲି ସେ କହିଛନ୍ତି।



### ଆଇପିଏଲ୍-୧୮ : ମାର୍ଶ ଓ ମାର୍କରାମଙ୍କ ଅର୍ଦ୍ଧଶତକ ବେକାର

# ହାଇଦରାବାଦ୍‌ଠାରୁ ହାରି ଲକ୍ଷ୍ନୌ ବିଦା

ଲକ୍ଷ୍ନୌ,୧୯।୫ (ଏଜେନ୍ସି)


ଆଇଡେନ୍ ମାର୍କରାମ


ମିଚେଲ ମାର୍ଶ

ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୬୧ତମ ଲିଗ୍ ମ୍ୟାଚ୍‌ରେ ଦଳଗତ ଖେଳ ପ୍ରଦର୍ଶନ କରି ସନ୍‌ରାଇଜର୍ସ ହାଇଦରାବାଦ୍ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ମିଚେଲ ମାର୍ଶ (୬୫) ଓ ଆଇଡେନ୍ ମାର୍କରାମ (୬୧)ଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୦୫ ରନ୍ କରିଥିଲା। ଜବାବରେ ହାଇଦରାବାଦ୍ ୧୮.୨ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୨୦୬ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଓପନର ଅଭିଷେକ ଶର୍ମା ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିବା ପରେ ୨୦ ବଲ୍‌ରୁ ୪ ଚୌକା ଓ ୬ ଛକା ସହାୟତାରେ ସର୍ବାଧିକ ୫୯ ରନ୍ କରିଥିଲେ। ରବି ବିଷ୍ଣୋଇଙ୍କ ଗୋଟିଏ ଓଭରରୁ ସେ ୪ଟି ଛକା ସହ ୨୬ ରନ୍ ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସାନ କିଶାନ ୩୫ ରନ୍ କରି ଆଉଟ ହେବା ପରେ ହାଇଦରାବାଦ୍ ୧୪୦ ରନ୍‌ରେ ତୃତୀୟ ୱିକେଟ ହରାଇଥିଲା। ଏହା ପରେ ହେନ୍‌ରିକ୍ କ୍ଲାସେନ ଓ କାମିନ୍ଦୁ ମେଣ୍ଡିସ୍ ଚତୁର୍ଥ ୱିକେଟ୍‌ରୁ ୩୬ ବଲ୍‌ରେ ୫୫ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୧୧ ରନ୍ ଥିଲାବେଳେ କ୍ଲାସେନ ୨୮ ବଲ୍‌ରୁ ୪୭ ରନ୍ କରି ଆଉଟ ହୋଇଥିଲେ। ତାଙ୍କ ଆଉଟ ହେବାର ୨ ରନ୍ ପରେ ୨୧ ବଲ୍‌ରୁ ୩୨ ରନ୍ କରିଥିବା ମେଣ୍ଡିସ୍ ରିଟାୟର୍ଡ ହୋଇଥିଲେ। ଏମାନଙ୍କ ପରେ ହାଇଦରାବାଦ୍ ଆଉ କୌଣସି ୱିକେଟ ନ ହରାଇ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ବିବାଦରେ ରହିବାକୁ ପସନ୍ଦ କରୁଥିବା ଦିବେଶ ସିଂ ରାଠି ସର୍ବାଧିକ ୨ଟି ୱିକେଟ ପାଇଥିଲେ।

ହାଇଦରାବାଦ୍‌ର ବିଜୟ ଫଳରେ ଏଲ୍‌ଏସ୍‌ଜି ୫ମ ଦଳ ଭାବେ ଆଇପିଏଲ୍ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଛି। ଆଜିର ବିଜେତା ହାଇଦରାବାଦ୍, ଚେନ୍ନାଇ, ରାଜସ୍ଥାନ ଓ ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଥିଲେ। ୧୨ତମ ମ୍ୟାଚ୍ ପରେ ଏଲ୍‌ଏସ୍‌ଜି ୧୦ ଓ ହାଇଦରାବାଦ ୯ ପଏଣ୍ଟ ସଂଗ୍ରହ କରି ଯଥାକ୍ରମେ ୭ମ ଓ ୮ମ ସ୍ଥାନରେ ରହିଛନ୍ତି। ପୂର୍ବରୁ ଟସ୍ ହାରିବା ପରେ ଏଲ୍‌ଏସ୍‌ଜି ପ୍ରଥମେ ବ୍ୟାଟିଂ କରି ଭଲ ଆରମ୍ଭ କରିଥିଲା। ଦଳର ଦୁଇ ବିଦେଶୀ ଓପନର ମାର୍ଶ ଓ ମାର୍କରାମ ପ୍ରଥମ ୱିକେଟରେ ୧୦.୩ ଓଭରରୁ ୧୧୫ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ଏମାନେ ଏକାଧିକଥର ଜୀବନଦାନ ପାଇଥିଲେ। ପ୍ରଥମେ ଆଉଟ ହୋଇଥିବା ମାର୍ଶ ୩୯ ବଲ୍‌ରୁ ୬ ଚୌକା ଓ ୪ ଛକା ସହାୟତାରେ ସର୍ବାଧିକ ୬୫ ଓ ମାର୍କରାମ ୩୮ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୬୧ ରନ୍ କରିଥିଲେ। ସେହିପରି ଦଳର ଅନ୍ୟତମ ବିଦେଶୀ ଖେଳାଳି ନିକୋଲସ ପୂରନ ୨୬ ବଲ୍‌ରୁ ୪୫ ରନ୍ କରିବା ଏବଂ ଶେଷ ୨ ଓଭରରେ ୩୫ ରନ୍ ସଂଗୃହୀତ ହେବା ଫଳରେ ଏଲଏସ୍‌ଜି ଦୁଇଶହ ରନ୍ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଅନ୍ୟ ମୁକାବିଲା ଭଳି ଦଳର ୩ ବିଦେଶୀ ଖେଳାଳି ପୁଣିଥରେ ବ୍ୟାଟିଂ ସଫଳତା ପାଇଥିଲେ।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ


| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |

### ଆଇପିଏଲ୍‌ରେ ଆଜି

**ଚେନ୍ନାଇ** ବନାମ **ରାଜସ୍ଥାନ**

ଦିଲ୍ଲୀ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ନେତୃତ୍ୱରେ ଆୟରଙ୍କ ବିରଳ କୀର୍ତ୍ତିମାନ



ଜୟପୁର, ୧୯।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ପଞ୍ଜାବ କିଙ୍ଗ୍‌ସ ୧୦ ରନରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଛି। ଏଥିସହ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ ପ୍ଲେ-ଅଫ୍‌ରେ ପହଞ୍ଚିଛି। ଫଳରେ ଆୟର ପୁଣିଥରେ ତାଙ୍କ ନେତୃତ୍ୱର ପରାକାଷ୍ଠା ଦେଖାଇ ଆଉ ଏକ ଦଳକୁ ପ୍ଲେ-ଅଫ୍‌ରେ ପ୍ରବେଶ କରାଇବାରେ ସହାୟତା କରିଛନ୍ତି। ଏଥିସହ ଆଇପିଏଲ୍ ଇତିହାସରେ ପ୍ରଥମ ଅଧିନାୟକ ଭାବେ ସେ ୩ଟି ଭିନ୍ନ ଭିନ୍ନ ଦଳକୁ ପ୍ଲେ-ଅଫ୍‌ରେ ପହଞ୍ଚାଇବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏଥିପୂର୍ବରୁ ଗତବର୍ଷ ଆୟରଙ୍କ ନେତୃତ୍ୱରେ କୋଲକାତା ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଥିଲା। ସେହିଭଳି ତାଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟ ପ୍ଲେ-ଅଫ୍ ଖେଳିଥିଲା।

## ଆର୍‌ସିବି ଦଳରେ ୬ ଫୁଟ୍ ୮ ଇଞ୍ଚର ମୁଜାରାବାନୀ ସାମିଲ




ବେଙ୍ଗାଲୁରୁ, ୧୯।୫ (ଏଜେନ୍ସି): ଆଇପିଏଲ୍‌ର ବଳକା ମ୍ୟାଚ୍ ଲାଗି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଜିମ୍ବାୱେର ଡେଙ୍ଗା ଦ୍ରୁତ ବୋଲର ବ୍ଲେସିଙ୍ଗ ମୁଜାରାବାନୀଙ୍କ ସହ ଚୁକ୍ତି କରିଛି। ୬ ଫୁଟ୍ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ମୁଜାରାବାନୀ ଦକ୍ଷିଣ ଆଫ୍ରିକାର ଲୁନ୍‌ଗି ଏନ୍‌ଗିଡିଙ୍କ ସ୍ଥାନରେ ବେଙ୍ଗାଲୁରୁ ଦଳରେ ସାମିଲ ହୋଇଛନ୍ତି। ଲର୍ଡ୍ସରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍ ଲାଗି ଏନ୍‌ଗିଡି ପୂର୍ବ ପ୍ରସ୍ତୁତି କରିବା ଲାଗି ଆର୍‌ସିବିର ଶେଷ ଲିଗ୍ ମ୍ୟାଚ୍ ସମେତ ପ୍ଲେ-ଅଫ୍ ଖେଳିବେ ନାହିଁ ବୋଲି ଜଣାପଡ଼ିଛି। ତେବେ ମେ ୨୩ରେ ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ମ୍ୟାଚରେ ସେ ଉପଲବ୍ଧ ହେବେ। ବର୍ତ୍ତମାନ ସୁଦ୍ଧା ଆଇପିଏଲ୍ ଖେଳି ନ ଥିବା ମୁଜାରାବାନୀଙ୍କ ସହ ୭୫ ଲକ୍ଷ ଟଙ୍କାରେ ବେଙ୍ଗାଲୁରୁ ଚୁକ୍ତି କରିଛି। ଏନ୍‌ଗିଡି ଏଥିପୂର୍ବରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ କ୍ୟାମ୍ପରେ ଜଣେ ନେଟ୍ ବୋଲର ଭାବେ ସାମିଲ ଥିଲେ।

## ସୱାଇ ମାନସିଂରୁ ହଟିଲା ପାକିସ୍ତାନ କ୍ରିକେଟର୍‌ଙ୍କ ଫଟୋ

ଜୟପୁର, ୧୯।୫ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନାର ପ୍ରଭାବ କ୍ରୀଡ଼ା ଉପରେ ମଧ୍ୟ ପ୍ରତ୍ୟେକ୍ଷ ଭାବେ ପଡ଼ିଛି। ସ୍ଥାନୀୟ ସୱାଇ ମାନ ସିଂ ଷ୍ଟାଡିୟମରେ ଥିବା 'ୱାଲ୍ ଅଫ୍ ଗ୍ଲୋରୀ'ରୁ ପାକିସ୍ତାନ କ୍ରିକେଟର୍‌ଙ୍କ ଫଟୋକୁ ସୋମବାର ହଟାଇ ଦିଆଯାଇଛି। ଏହି ଷ୍ଟାଡିୟମ ୧୯୬୯ରେ ପ୍ରତିଷ୍ଠା ହୋଇଥିଲା ଏବଂ ଏହାର ଗୌରବମୟ ଇତିହାସକୁ ଦୃଷ୍ଟିରେ ରଖି 'ୱାଲ୍ ଅଫ୍ ଗ୍ଲୋରୀ'ରେ ଫଟୋ ରହିବା କୌଣସି କ୍ରିକେଟର୍‌ଙ୍କ ଲାଗି ବହୁତ ସମ୍ମାନର ବିଷୟ ହୋଇଥାଏ। ଏହି ଷ୍ଟାଡିୟମରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ପ୍ରତ୍ୟେକ କ୍ରିକେଟର୍‌ଙ୍କ ଫଟୋ ଏହି ୱାଲ୍ ଅଫ୍ ଗ୍ଲୋରୀରେ ସ୍ଥାନ ପାଇଥାଏ। ପାକିସ୍ତାନ ଏହି ଷ୍ଟାଡିୟମରେ ଗୋଟିଏ ଟେଷ୍ଟ ଓ ୪ଟି ଏକଦିବସୀୟ ମ୍ୟାଚ୍ ଖେଳିଛି। ଯେଉଁଥିରେ ମୋଟ୍ ଉପରେ ୨୫ଜଣ ପାକିସ୍ତାନ କ୍ରିକେଟର୍ ଏଠାରେ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଷଲ ଏବଂ ସମସ୍ତଙ୍କ ଫଟୋ ଏଠାରେ ସ୍ଥାନ ପାଇଥିଲା। ଏବେ କିନ୍ତୁ ଦୁଇଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ଥିବାବେଳେ ରାଜସ୍ଥାନ କ୍ରିକେଟ୍ ବୋର୍ଡ ଶେଷରେ ପାକିସ୍ତାନ ଖେଳାଳିଙ୍କ ଫଟୋ 'ୱାଲ୍ ଅଫ୍ ଗ୍ଲୋରୀ'ରୁ ହଟାଇଦେଇଛି। ଯେଉଁଥିରେ ପାକିସ୍ତାନର ହିନ୍ଦୁ କ୍ରିକେଟର୍ ଦାନିଶ କାନେରିଆ ମଧ୍ୟ ବାଦ୍ ପଡ଼ିନାହାନ୍ତି।

## ଫ୍ରେଞ୍ଚ ଓପନ ପୂର୍ବରୁ ସିନର୍, ଆଲ୍‌କାରାଜ ନଂ-୧ ଓ ୨

ପ୍ୟାରିସ୍,୧୯।୫ (ଏଜେନ୍ସି): ଚଳିତମାସ ୨୫ରୁ ଜୁନ୍ ମାସ ୮ ତାରିଖଯାଏ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ବିଶ୍ୱର ଦୁଇ ଉଦୀୟମାନ ଖେଳାଳି ଇଟାଲୀର ଜାନିକ୍ ସିନ୍ନର ଓ ସ୍ପେନ୍‌ର କାର୍ଲୋସ ଆଲକାରାଜ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଗତକାଲି ଶେଷ ହୋଇଥିବା ଇଟାଲିଆନ୍ ଓପନରେ ସିନ୍ନରଙ୍କୁ ହରାଇ ଆଲାକାରାଜ ୭ମ ମାଷ୍ଟର୍ସ-୧୦୦୦ ଟାଇଟଲ ବିଜୟୀ ହୋଇଥିଲେ। ୩ ମାସର ଡୋପିଙ୍ଗ୍ ବ୍ୟାନ୍ ପରେ ସିନ୍ନରଙ୍କ ଏହା ଥିଲା ପ୍ରଥମ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ କିଂବଦନ୍ତୀ ଖେଳାଳି ନୋଭାକ ଜୋକୋଭିଚ୍ ୬ଷ୍ଠ ସ୍ଥାନରେ ରହିଛନ୍ତି। ତାଙ୍କ ଉପରକୁ ଜର୍ମାନୀୟ ଆଲେକ୍‌ଜାଣ୍ଡର ଜ୍ୱେରେଭ ତୃତୀୟ, ଆମେରିକାର ଟେଲର ଫ୍ରିଜ୍ ଚତୁର୍ଥ ଓ ଗ୍ରେଟ ବ୍ରିଟେନର ଜ୍ୟାକ୍ ଡ୍ରାପର ପଞ୍ଚମ ସ୍ଥାନରେ ରହିଛନ୍ତି।



### ସାବାଲେଙ୍କା ନଂ-୧

ମହିଳା ବିଭାଗ ବା ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ଆରିନା ସାବାଲେଙ୍କା ପୂର୍ବପରି ନଂ-୧ ପୋଜିସନ ବଜାୟ ରଖିଛନ୍ତି। ଆମେରିକାର କୋକୋ ଗଫ୍ ନଂ-୨ରେ ରହିଛନ୍ତି। ମେ ୨୫ରୁ ଜୁନ୍ ୮ ତାରିଖଯାଏ ଖେଳାଯିବାକୁ ଥିବା ଫ୍ରେଞ୍ଚ ଓପନ ପୂର୍ବରୁ ଏହି ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ଏଠାରେ କ୍ରମାଗତ ଚତୁର୍ଥ ତଥା ମୋଟରେ ୫ମ ଟାଇଟଲ ଜିତିବାକୁ ଆଶାୟୀ ଥିବା ପୋଲାଣ୍ଡର ଇଗା ସ୍ୱିଆଟେକ୍ ୫ମ ସ୍ଥାନକୁ ଖସି ଆସିଛନ୍ତି। ଆମେରିକାର ଜେସିକା ପେଗୁଲା ତୃତୀୟ, ଇଟାଲୀର ଯଶମିନ୍ ପାଓଲିନି ଚତୁର୍ଥରେ ରହିଛନ୍ତି।

## ଏଚ୍‌ଆଇଏଲ୍ ଲାଗି ପଞ୍ଜୀକରଣ ଆରମ୍ଭ



ନୂଆଦିଲ୍ଲୀ, ୧୯।୫ (ଏଜେନ୍ସି): ଫ୍ରାଞ୍ଚାଇଜଭିତ୍ତିକ ହକି ପ୍ରତିଯୋଗିତା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଆଗାମୀ ୨୦୨୬ ଅର୍ଥାତ୍ ୭ମ ସଂସ୍କରଣ ଲାଗି ଖେଳାଳି ପଞ୍ଜୀକରଣ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛନ୍ତି। ଅଗଷ୍ଟ ୨୦ ତାରିଖ ୨୦୨୫ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ପ୍ରକ୍ରିୟା ଚାଲିବ ବୋଲି ଆୟୋଜକ ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ପୁରୁଷ ବିଭାଗରେ ଭାରତ ସମେତ ନେଦରଲାଣ୍ଡସ, ବେଲ୍‌ଜିୟମ, ୟୁକେ, ଜର୍ମାନୀ, ସ୍ପେନ, ଆର୍ଜେଣ୍ଟିନା, ଆୟର୍ଲାଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଦକ୍ଷିଣ କୋରିଆର ଖେଳାଳି ନାମ ପଞ୍ଜୀକରଣ କରିବାକୁ ଯୋଗ୍ୟ ହୋଇଛନ୍ତି। ମହିଳାରେ ଆୟୋଜକ ଭାରତ, ନେଦରଲାଣ୍ଡସ, ଆର୍ଜେଣ୍ଟିନା, ବେଲ୍‌ଜିୟମ, ଚାଇନା, ଅଷ୍ଟ୍ରେଲିଆ, ସ୍ପେନ, ୟୁକେ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ, ଚିଲି, ଜାପାନ, ଆମେରିକା ଓ ସ୍କଟଲାଣ୍ଡର ଖେଳାଳି ପଞ୍ଜୀକରଣ କରିପାରିବେ। ଗତ ସିଜନରେ ସାରା ବିଶ୍ୱର ଏକ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଆଗାମୀ ସିଜନରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବିଭାଗରେ ୮ଟି ଓ ମହିଳାରେ ୪ଟି ଦଳ ଅଂଶଗ୍ରହଣ କରିବେ। ମହିଳା ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ୱାରିୟର୍ସ ଟାଇଟଲ୍ ହାସଲ କରିବାରେ ସଫଳ ହୋଇଥିଲା। ସେହିଭଳି ପୁରୁଷରେ ରାର୍ହ ବେଙ୍ଗଲ ଟାଇଗର୍ସ ବାଜିମାତ୍ କରିନେଇଥିଲା।

## ଏସିଆ କପ୍‌ରୁ ଓହରିନାହିଁ ଭାରତ: ବିସିସିଆଇ

ନୂଆଦିଲ୍ଲୀ,୧୯।୫ (ଏଜେନ୍ସି): ଏସିଆ କପ୍ ହେଉ କିମ୍ବା ଏସୀୟ କ୍ରିକେଟ ପରିଷଦ ଦ୍ୱାରା ଆୟୋଜିତ କୌଣସି ଇଭେଣ୍ଟରୁ ଭାରତ ଓହରି ନାହିଁ କିମ୍ବା ଅଂଶଗ୍ରହଣ ନ କରିବାକୁ ନିଷ୍ପତ୍ତି ନେଇନାହିଁ। ଶ୍ରୀଲଙ୍କାରେ ଆସନ୍ତାମାସ ହେବାକୁ ଥିବା ମହିଳା ଏସିଆ କପ୍ ଇମର୍ଜିଂ କ୍ରିକେଟ ଟୁର୍ଣ୍ଣାମେଣ୍ଟରୁ ଭାରତ ଓହରିଯାଇଛି ଓ ସେପ୍ଟେମ୍ବର ୨୫ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଏସିଆ କପ୍‌ରେ ଖେଳିବ ନାହିଁ ନିଷ୍ପତ୍ତି ନେଇଛି ବୋଲି ଆଜି କିଛି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ ଆଦୌ ସତ୍ୟତା ନାହିଁ କିମ୍ବା ବିସିସିଆଇ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ଆଦୌ ଆଲୋଚନା କରିନାହିଁ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟୀକରଣ ଦେଇ କହିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ବିଭ୍ରାନ୍ତିକର ଓ ମିଥ୍ୟା ବୋଲି ସାଇକିଆ କହିଛନ୍ତି। ବିସିସିଆଇ ଏବେ ଆଇପିଏଲ୍ କିପରି ବିନା ବାଧାରେ ଶେଷହେବ ଏବଂ ଭାରତର ଉଭୟ ପୁରୁଷ ଓ ମହିଳା ଦଳର ଇଂଲଣ୍ଡ ଗସ୍ତ ନେଇ ଚିନ୍ତାରେ ରହିଛି। ଏଣୁ ଏସିଆ କପ୍ ସମ୍ପର୍କରେ ଆମେ ନିଷ୍ପତ୍ତି ନେବା ତ ଦୂରର କଥା, ଆଦୌ ଆଲୋଚନା କରିନାହୁଁ।

ଏହି ରିପୋର୍ଟରେ କୁହାଯାଇଛି ପାକିସ୍ତାନ ଏବେ ଏସୀୟ କ୍ରିକେଟ ପରିଷଦ (ଏସିସି)ର ନେତୃତ୍ୱ ନେଉଛି। ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ମୋହସିନ ନକ୍‌ଭୀ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ସଭାପତି ରହିବା ସହ ଏସିସିର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। ପାକିସ୍ତାନର ଜଣେ ରାଜନେତା ଓ ମନ୍ତ୍ରୀ ଏସିସିର ଅଧ୍ୟକ୍ଷ ଥିବାରୁ ଭାରତ ଏସିସି ଦ୍ୱାରା ଆୟୋଜିତ ହେବାକୁ ଥିବା କୌଣସି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗନେବ ନାହିଁ। ଏହା ଫଳରେ ସନ୍ତ୍ରାସବାଦକୁ ସମର୍ଥନ କରୁଥିବା ପାକିସ୍ତାନ କ୍ରିକେଟରେ ଏକଘରିକିଆ ହୋଇ ରହିବ। ଏଣୁ ପାକିସ୍ତାନ ଦ୍ୱାରା ଆୟୋଜନ କରାଯାଉଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଭାରତ ବୟକଟ୍ କରିଛି ବୋଲି ଏହି ରିପୋର୍ଟରେ କୁହାଯାଇଥିଲା। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ବିସିସିଆଇର ନିଷ୍ପତ୍ତି ଯାହା ହେଉନା କାହିଁକି, ପହଲଗାମ୍‌ରେ ପର୍ଯ୍ୟଟକଙ୍କ ହତ୍ୟାକରାଯିବା ପରେ ଭାରତ ଏବେ ପାକିସ୍ତାନ ସହ କୌଣସି ପ୍ରକାଶ କ୍ରିକେଟ ଖେଳିବ ନାହିଁ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଚଳିତ ଇମର୍ଜିଂ ମହିଳା ଏସିଆ କପ୍ ଓ ପୁରୁଷ ଏସିଆ କପ୍‌ର ଆୟୋଜନ ଅଧିକାର ଭାରତ ନିକଟରେ ରହିଛି। ୨୦୨୩ରେ ପୁରୁଷ ଏସିଆ କପ୍ ପାକିସ୍ତାନରେ ଆୟୋଜିତ ହେବାର ଥିଲା। କିନ୍ତୁ ଏହି ସମୟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହେବାରୁ ପାକିସ୍ତାନରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଶ୍ରୀଲଙ୍କାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏଥିରେ ଶ୍ରୀଲଙ୍କାକୁ ହରାଇ ଭାରତ ଟାଇଟଲ ଜିତିଥିଲା।

## ଝାଡ଼ଖଣ୍ଡ କ୍ରିକେଟ୍ ସଂଘ ନିର୍ବାଚନରେ ସୌରଭ, ନଦୀମଙ୍କ ବାଜିମାତ୍

ରାଞ୍ଚି, ୧୯।୫ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ଦୁଇ ପୂର୍ବତନ ଖେଳାଳି ସୌରଭ ତିୱାରୀ ଓ ଶାହବାଜ ନଦୀମ ଅବସର ପରେ କ୍ରୀଡ଼ା ରାଜନୀତିରେ ପାଦ ଥାପିଛନ୍ତି। ସଦ୍ୟ ଅନୁଷ୍ଠିତ ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ନିର୍ବାଚନରେ ସୌରଭ ସମ୍ପାଦକ ଓ ନଦୀମ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ମହେନ୍ଦ୍ର ସିଂ ଧୋନି ଭାରତୀୟ ଦଳର ନେତୃତ୍ୱ ନେଉଥିବାବେଳେ ତିୱାରୀ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ ମଧ୍ୟ ମୋଟ୍ ୪୯ ରନ କରି ନିରାଶ କରିଥିଲେ। ସେହିଭଳି ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଯେତେବେଳେ ୨୦୦୮ରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା ସେହି ଦଳରେ ସୌରଭ ପ୍ରମୁଖ ସଦସ୍ୟ ରହିଥିଲେ। ଅପରପକ୍ଷରେ ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ନଦୀମ ଭାରତ ପକ୍ଷରୁ ମାତ୍ର ୨ଟି ଟେଷ୍ଟ ଖେଳି ୮ଟି ୱିକେଟ୍ ନେଇଥିଲେ। ଉଭୟ ଗତ ବର୍ଷ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ।

### ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା

## ରିୟାନ୍ସ, ଅନ୍ୱେଷା ଚାମ୍ପିଅନ




ଭୁବନେଶ୍ୱର,୧୯।୫ (ସମିସ): ସୁନ୍ଦରଗଡ଼ର ରିୟାନ୍ସ ଅଗରୱାଲ ଓପନ ବିଭାଗରେ ଓ ଖୋର୍ଦ୍ଧାର ଅନନ୍ୟା ଅନ୍ୱେଷା ମିଶ୍ର ବାଳିକା ବିଭାଗରେ ୭ ବର୍ଷରୁ କମ୍ ରାଜ୍ୟ ଶିଶୁ ଚେସ୍ ଚାମ୍ପିଅନ୍ ହୋଇଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ସମ୍ମିଳନୀ କକ୍ଷରେ ରବିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତା ଅଲ୍ ଓଡ଼ିଶା ଚେସ ସଂଘ ଓ ମାଷ୍ଟର ଚେସ୍ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ଉଭୟ ବିଭାଗରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ। ଜୁନ୍ ୧ରୁ ୫ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ।

ବାଳିକା ବିଭାଗରେ ଅନନ୍ୟା ୮ ରାଉଣ୍ଡ ଖେଳରୁ ୮ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଥିଲେ। ଖୋର୍ଦ୍ଧାର ଅନ୍ୟତମ ଖେଳାଳି ପ୍ରତ୍ୟାକ୍ଷା ସମ୍ଭାବୀ ପଣ୍ଡା ୭ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଛନ୍ତି। କଟକର ଅର୍ଣ୍ଣବୀ ପଣ୍ଡା ୫.୫ ପଏଣ୍ଟ ସହ ତୃତୀୟ, ଖୋର୍ଦ୍ଧାର ୩ ଖେଳାଳି ଦେବାଂଶୀ ସାହୁ, ଆରାଧ୍ୟା ମହାରଣା ଓ ଆଦିଶା କାନୁନଗୋ ଯଥାକ୍ରମେ ୪ରୁ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ କଟକର ଗରିମା ସାହୁ ୭ମ, ଖୋର୍ଦ୍ଧାର ଦୁଇ ଖେଳାଳି ସମିରା ସ୍ୱାଇଁ ଓ ଆଧିଶ୍ରୀ ବୁଡେକ ୮ମ ଓ ୯ମ, ଗଞ୍ଜାମର ଅନାଇଶା ସିଂ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ବାଳକ ବିଭାଗରେ ରିୟାଂଶ ଓ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ୮ ରାଉଣ୍ଡ ଖେଳ ଶେଷରେ ୭.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ରିୟାଂଶ ପ୍ରଥମ ଓ ପ୍ରଜ୍ଞାନ ଦ୍ୱିତୀୟରେ ରହିଥିଲେ। ଖୋର୍ଦ୍ଧାର ଦୁଇ ଖେଳାଳି କାବ୍ୟାଂଶ ଚକ୍ରବର୍ତ୍ତୀ, କଟକର ଶିବାଂସଜିତ ସାସ୍ମଲ, ଗୌରବ ଗୌରୀନନ୍ଦନ ଦାଶ, କଟକର କ୍ରିସିତ୍ ପଣ୍ଡା, ଖୋର୍ଦ୍ଧାର ଜିଜ୍ଞାଂଶ କୁମାର ସାହୁ, ମୟୂରଭଞ୍ଜର ବୀରଭଦ୍ର ବ୍ରହ୍ମ, ଖୋର୍ଦ୍ଧାର ଆଦିତ୍ୟ ସାହୁ ଓ କଟକର ଶ୍ରୀଯଂଶ ସାହୁ ଯଥାକ୍ରମେ ତୃତୀୟରୁ ଦଶମସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ମାଷ୍ଟର୍ସ ଚେସ୍ ଫାଉଣ୍ଡେସନର ଅଧ୍ୟକ୍ଷ ବିକ୍ରମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଇଂ ଦେବଦତ୍ତ ଭଟ୍ଟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ମୃତ୍ୟୁଞ୍ଜୟଙ୍କ ଶତକ; ଖୋର୍ଦ୍ଧା ବିଜୟୀ

କଟକ,୧୯।୫ (ସମିସ)


ମୃତ୍ୟୁଞ୍ଜୟ ମହାପାତ୍ର


ଜଗଦୀଶ ମହାପାତ୍ର


ଧ୍ରୁବଜ୍ୟୋତି ପହରିଆ


ସ୍ୱୟଂ ପଣ୍ଡା

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଟକରେ ଜାରି ରହିଛି। ସୋମବାର ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଖୋର୍ଦ୍ଧା ୧୬୧ ରନରେ ନୟାଗଡ଼କୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଖୋର୍ଦ୍ଧା ସମସ୍ତ ୱିକେଟ ବିନିମୟରେ ୨୩୭ ରନ କରିଥିଲା। ମୃତ୍ୟୁଞ୍ଜୟ ମହାପାତ୍ର ୯୭ ବଲରୁ ୧୦୧ ରନର ଅପରାଜିତ ଇନିଂସ ଖେଳିଥିଲେ। ନୟାଗଡ଼ର ରିକି ମହାନ୍ତି ୪ଟି ୱିକେଟ ଅକ୍ତିଆର କରିଥିଲେ। ତେବେ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିବା ନୟାଗଡ଼ ମାତ୍ର ୭୬ ରନରେ ଅଲଆଉଟ ହୋଇଥିଲା। ବିଜୟୀ ଖୋର୍ଦ୍ଧା ତରଫରୁ ଅଭିଜିତ ମହାନ୍ତି ଓ ପିୟୂଷ ବଳିଆରସିଂହ ଯଥାକ୍ରମେ ୪ଟି ଏବଂ ୩ଟି ୱିକେଟ ଦଖଲ କରିଥିଲେ। ଶତକୀୟ ପାଳି ଖେଳିଥିବା ମୃତ୍ୟୁଞ୍ଜୟଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭ ୱିକେଟରେ ନବରଙ୍ଗପୁରକୁ ହରାଇଛି। ଜଗଦୀଶ ମହାପାତ୍ରଙ୍କ ୫ ୱିକେଟ ସଫଳତା ଯୋଗୁଁ ନବରଙ୍ଗପୁରର ଇନିଂସ୍ ୧୨୫ ରନରେ ସୀମିତ ରହିଥିଲା। ଜବାବରେ ହିମାଂଶୁ କୁମାର (୫୩ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭୁବନେଶ୍ୱର-ବି ୨୫ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଜଗଦୀଶଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କିଟ୍ ୮ ୱିକେଟରେ ବୌଦ୍ଧକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ବୌଦ୍ଧ ମାତ୍ର ୮୦ ରନରେ ଅଲଆଉଟ ହୋଇଥିଲା। ତନୁଷ ଦେ ସର୍ବାଧିକ ୧୮ ରନ କରିଥିବାବେଳେ କିଟ୍‌ର ସ୍ୱୟଂ ପଣ୍ଡା ୧୩ ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୭ ଓଭରରେ ୨ ୱିକେଟ ହରାଇ କିଟ୍ ବିଜୟୀ ହୋଇଥିଲା। ୪ ୱିକେଟ ସଫଳତା ପାଇଥିବା ସ୍ୱୟଂ ୨୬ ରନର ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ।

ଅନ୍ୟ ଦୁଇ ମ୍ୟାଚ୍‌ରେ ଝାରସୁଗୁଡା ୪୩ ରନରେ ଯାଜପୁରକୁ, ସୋନପୁର ୮ ରନ୍‌ରେ ଭଦ୍ରକକୁ ହରାଇଥିଲା। ରାୟଗଡ଼ା ଏବଂ ସମ୍ବଲପୁର-ବି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ସୋନପୁରର ଧ୍ରୁବଜ୍ୟୋତି ପହରିଆ (୪ ୱିକେଟ୍) ଓ ଝାରସୁଗୁଡ଼ାର ନୀରବ ଅଗରୱାଲ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS